୬ ॥ ଆଇସିସି ର୍ୟାଙ୍କିଂ ॥

## ଟି-୨୦ ବିଶ୍ୱକପ ପୂର୍ବରୁ ଉପରକୁ ଉଠିଲେ ଅର୍ଶଦୀପ ଓ ଅକ୍ଷର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୨୨ ● ୩୦ ମଇ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-122 ● 30th May 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24


## ଓଡ଼ିଶାର ରାଜନୀତିରେ ଏଥର ନୂଆ ଦେଖିବାକୁ ମିଳିବ: ପ୍ରଧାନମନ୍ତ୍ରୀ



**କେନ୍ଦ୍ରାପଡ଼ା/ଭୁବନେଶ୍ୱର, ୨୯/୦୫**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ପ୍ରଚୁର ପରିମାଣରେ ପାଣି ଅଛି। କିନ୍ତୁ ଚାଷୀଙ୍କ ଜମିକୁ ଏହି ପାଣି ପହଞ୍ଚିପାରୁ ନାହିଁ। ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ଓଡ଼ିଶାକୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କେନ୍ଦ୍ରାପଡ଼ାରେ ଭାରତୀୟ ଜନତା ପାର୍ଟି (ବିଜେପି) ଦ୍ୱାରା ଆୟୋଜିତ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରିବା ଅବସରରେ ଏହା କହିଛନ୍ତି। ଏଥର ନିର୍ବାଚନରେ ଏହି ପରିସ୍ଥିତିରୁ ବର୍ତ୍ତିବା ପାଇଁ ଓଡ଼ିଶାର ଜନତା ମତଦାନ କରିଛନ୍ତି। ସେ ଆହୁରି କହିଛନ୍ତି ଓଡ଼ିଶାର ସବୁ ଲୋକଙ୍କୁ ଟ୍ୟାପ୍‌ରୁ ପାଣି ମିଳୁନାହିଁ। ତେଣୁ ଓଡ଼ିଶାର ଜନତା ଏଥର ନିଷ୍ପତ୍ତି ନେଇଛନ୍ତି, ଗୋଟିଏ ପଦ୍ମ ଦିଲ୍ଲୀ ପାଇଁ ଓ ଆଉ ଗୋଟିଏ ଭୁବନେଶ୍ୱର। ଓଡ଼ିଶାରେ ଦୁଇଥର ପଦ୍ମ, ଦୁଇଗୁଣା ବିକାଶ। ମୋତେ ଯାହା କରିବାର ଅଛି, ଆପଣଙ୍କର ପାଇଁ। ଆପଣ ଯେତିକି ବିଧାୟକଙ୍କୁ ଜିତାଇବେ, ସେତିକି ବଳ ମୋଦିଙ୍କୁ ଦେବେ।

ପ୍ରଧାନମନ୍ତ୍ରୀ ଦୃଢ଼ତାର ସହିତ କହିଥିଲେ, ଓଡ଼ିଶାର ରାଜନୀତିରେ ମଧ୍ୟ ଏଥର ନୂଆ ଦେଖିବାକୁ ମିଳିବ। ଚଳିତ ସାଧାରଣ ନିର୍ବାଚନରେ ଓଡ଼ିଶାର ମତଦାତା ପ୍ରତ୍ୟେକ ପର୍ଯ୍ୟାୟରେ ବିଜେପି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ମତଦାନ କରିଛନ୍ତି। ଦାଦନ ଶାସନ ହଟାଇବା ପାଇଁ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଲୋକେ ମତଦାନ କରିଛନ୍ତି। ଭ୍ରଷ୍ଟାଚାର ହଟାଇବା ପାଇଁ, ରତ୍ନଭଣ୍ଡାରକୁ ନେଇ ଯେଉଁ ଆଶଙ୍କା ରହିଛି, ତାକୁ ହଟାଇବା ପାଇଁ ମତଦାନ କରିଛନ୍ତି। ବିଜେପି ଆସିବ ଓ ମହାପ୍ରଭୁଙ୍କ ୪ଦ୍ୱାର ଭକ୍ତଙ୍କ ପାଇଁ ଖୋଲାଯିବ। ଓଡ଼ିଶାର ବିକାଶ ମୋର ଗ୍ୟାରେଣ୍ଟି। ଆପଣଙ୍କର ଆଶା ପୂରା ହେଉ, ଏହା ମୋଦିଙ୍କ ସଂକଳ୍ପ। ମୋତେ ଖୁସି ଲାଗୁଛି ଓଡ଼ିଶା ବିଜେପି ନୂଆ ଇତିହାସ ରଚିବାକୁ ଯାଉଛି। ବିଜେପି ଚାଷୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା କରିବାକୁ ନିଷ୍ପତ୍ତି ନେଇଛି।

ଜନସଭାକୁ ସମ୍ବୋଧିତ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ, କଳା ପ୍ରତି ମୋର ସମ୍ମାନ ରହିଛି। ନୂଆପିଢ଼ିର ଏହି କଳା ପାଇଁ ମୁଁ ଉତ୍ସାହିତ। ଆପଣମାନେ କଳା ଭାବନା ନେଇ ଆଗକୁ ବଢ଼ନ୍ତୁ। ଅପାଣମାନେ ଦେଇଥିବା ଉପହାର ଏହା ମୋ ପାଇଁ ଛୋଟ ନୁହେଁ। ମୁଁ ଯେତେବେଳେ ରାତିରେ ଯିବି, ଗୋଟିଗୋଟି କରି ଦେଖିବି। ଭଲପାଇବା ମୋର ଜୀବନରେ ବହୁତ ମୂଲ୍ୟବାନ। ଏହାକୁ ମୁଁ କେବେ ଭୁଲିପାରିବି ନାହିଁ। ୨୦୨୪ ନିର୍ବାଚନର ପ୍ରଚାର ପାଇଁ ଗୁରୁବାର ଶେଷ ଦିନ। ଜୁନ ୪ ପରେ ଓଡ଼ିଶା ବିକାଶ ଦିଗରେ ଅଗ୍ରସର ହେବ। ଆପଣଙ୍କ ଠାରୁ ଆଶୀର୍ବାଦ ନେବା ପାଇଁ ଆସିଛି। ଜୁନ୍ ୧୦ର ନିମନ୍ତ୍ରଣ ଦେବାକୁ ଆସିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ପୁଅ ବା ଝିଅ ହେବେ। ଓଡ଼ିଶାର ଲୋକେ ଭାବିଛନ୍ତି, ରାଜ୍ୟରେ ଡବଲ ଇଂଜିନ ସରକାର। ପୂରା ଦେଶରେ ତୃତୀୟ ଥର ଏକ ମଜଭୁତ ସରକାର ଉପରେ ମୋହର ଲଗାଇଛନ୍ତି।

ଦେଶ କଂଗ୍ରେସର ୬୦ ବର୍ଷ ଓ ବିଜେପିର ୧୦ ବର୍ଷର କାମ ଦେଖିଛି। ବିଗତ ୧୦ ବର୍ଷରେ ସବୁଠାରୁ ଉଚ୍ଚ ନିର୍ମାଣ କାମ କରାଯାଇଛି। ଷ୍ଟ୍ୟାଚୁ ଅଫ ଲିବର୍ଟି, ଅଟଳ ସେତୁ, ଅଟଳ ଟନେଲ, ନୂଆ ସଂସଦ ଭବନ, ସହିଦଙ୍କ ପାଇଁ ନ୍ୟାସନାଲ ମେମୋରିଆଲ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଦେଶ ସ୍ୱାଧୀନ ହେଲା ପରେ ୧୯୬୨ ଲଢ଼େଇ ପରେ ଯେଉଁ ଯବାନମାନେ ବଳିଦାନ ଦେଇଛନ୍ତି, ସେମାନଙ୍କର ପାଇଁ ଏକ ସ୍ମାରକ ହେବା କଥା ବୋଲି ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା। କିନ୍ତୁ କଂଗ୍ରେସ ଏହି କାମ କରିପାରିଲା ନାହିଁ। ଆପଣଙ୍କର ସେବକ ଯେତେବେଳେ ଦିଲ୍ଲୀ ପହଞ୍ଚିଲା, ଏହି କାମ ପୂରା କରିଛି। ମୁଁ ଯାହା କହୁଛି, ତାହା ଟ୍ରେଲର, ଆଗାମୀ ୫ ବର୍ଷରେ ଆହୁରି ଭବ୍ୟ ନିର୍ମାଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ପଶ୍ଚିମରେ ତାତି, ଉପକୂଳରେ ଗୁଳୁଗୁଳି

### ଅପରାହ୍ଣରେ ରାଜ୍ୟର ପାରା ୪୫.୬ ଡିଗ୍ରୀ



**ଭୁବନେଶ୍ୱର, ୨୯/୦୫**
**ନ୍ୟୁଜ ବ୍ୟୁରୋ**

ପ୍ରବଳ ଖରା ଯୋଗୁଁ ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ପଶ୍ଚିମରେ ଅସହ୍ୟ ତାତିକୁ ଉପକୂଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଆସନ୍ତା ୪୮ ଘଣ୍ଟା ଯାଏ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ତାତି ସହ ପ୍ରବଳରୁ ଅତି ପ୍ରବଳ ଗ୍ରୀଷ୍ମ ପ୍ରବାହ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା, ବୌଦ୍ଧ, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଅନୁଗୁଳ, କେନ୍ଦୁଝର, ନୂଆପଡ଼ା, ସୁନ୍ଦରଗଡ଼ରେ ଗ୍ରୀଷ୍ମ ପ୍ରବାହ ରହିବ। ଏହାସହ ଉଷ୍ମ ରାତ୍ରିର ଅନୁଭୂତି ହେବାର ସମ୍ଭାବନା ରହିଛି। ସେହିପରି ମେ’ ୩୧ରେ ମଧ୍ୟ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡିରେ ଗ୍ରୀଷ୍ମ ପ୍ରବାହର ସମ୍ଭାବନା ରହିଛି। ମେ’ ୩୧ ତାରିଖ ଠାରୁ ରାଜ୍ୟରେ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଛି। ମେ’ ୩୧ ଠାରୁ ଜୁନ ୧ ଓ ୨ ତାରିଖ ଭିତରେ ରାଜ୍ୟରେ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ୪୦ରୁ ୫୦ କିମି ବେଗରେ ପବନ ବହିବ। ବିଶେଷ କରି ଉତ୍ତର ଓ ଆଭ୍ୟନ୍ତରୀଣ ଉପକୂଳ ସହ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷାର ସମ୍ଭାବନା ରହିଛି। ବୁଧବାର ରାଜ୍ୟରେ କେତେକ ସ୍ଥାନରେ ତାପମାତ୍ରା ୪୬ ଡିଗ୍ରୀ ପାର ହୋଇଛି। ବଲାଙ୍ଗୀରରେ ୪୬.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଛି। ଆଗାମୀ ୩ ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି। ଅନ୍ୟପଟେ ମୌସୁମୀ ଖୁବ୍‌ଶୀଘ୍ର କେରଳ ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ସ୍ୱାଭାବିକ ବା ସଠିକ ସମୟରେ କେରଳରେ ମୌସୁମୀ ବାୟୁ ଛୁଇଁବା ପାଇଁ ପାଗ ଅନୁକୂଳ ହୋଇଥିବା ବେଳେ ଓଡ଼ିଶାରେ ବି ସଠିକ ସମୟ ଅର୍ଥାତ ଜୁନ ୧୧ରୁ ୧୫ ଭିତରେ ମୌସୁମୀ ବାୟୁ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ତେବେ ବାତ୍ୟାର ପ୍ରଭାବ ଓଡିଶାରୁ ଚାଲିଯିବା ପରେ ଶୁଷ୍କ ବାୟୁ ଓ ନିର୍ମଳ ବା ମେଘମୁକ୍ତ ଆକାଶକୁ ନେଇ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ତାତି ସହ ଗରମ ଅନୁଭୂତ ହେଉଛି। ସେହିପରି ୭୦ ପ୍ରତିଶତରୁ ଅଧିକ ଆର୍ଦ୍ରତା ରହୁଥିବାରୁ ଉପକୂଳରେ *(ପୃଷ୍ଠା ୭ରେ)*

## ତାତିରୁ ମିଳିବ ମୁକ୍ତି : ୨୪ ଘଣ୍ଟାରେ କେରଳରେ ପହଞ୍ଚିବ ମୌସୁମୀ

**ନୂଆଦିଲ୍ଲୀ, ୨୯/୦୫**

ଭାରତ ପାଇଁ ଖୁସି ଖବର ଆସିଛି। ଆସନ୍ତା ୨୪ ଘଣ୍ଟାରେ ମୌସୁମୀ କେରଳରେ ପହଞ୍ଚିବ। ଫଳରେ ଦେଶରେ ଜାରି ରହିଥିବା ଅସହ୍ୟ ତାତି ଲହରରୁ ମୁକ୍ତି ମିଳିବ। ଦିଲ୍ଲୀ-ଏନସିଆର ଏବଂ ରାଜସ୍ଥାନ ସମେତ ଅନେକ ରାଜ୍ୟରେ ତାପମାତ୍ରା ୪୮ ଡିଗ୍ରୀରେ ପହଞ୍ଚିଛି। ପ୍ରବଳ ଉତ୍ତାପକୁ ଦୃଷ୍ଟିରେ ରଖି ଦିଲ୍ଲୀ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭି.କେ ସାକ୍ସେନା ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାମ ନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଦିଲ୍ଲୀର ତାପମାତ୍ରା ୫୨.୩ ଡିଗ୍ରୀରେ ପହଞ୍ଚି ରେକର୍ଡ କରିଛି। ତେବେ ଏଥିରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବାକୁ ଯାଉଛି। ଦେଶବାସୀ ଉତ୍ସାହର ସହିତ ମୌସୁମୀକୁ ଅପେକ୍ଷା କରିଛନ୍ତି। ଏହି ସମୟରେ ବର୍ଷା ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଇଏମଡି ସୂଚନା ଦେଇଛି ଯେ ମେ’ ୩୦ରେ ଦିଲ୍ଲୀ, ପଶ୍ଚିମ ଉତ୍ତରପ୍ରଦେଶ, ହରିୟାଣା, ପଞ୍ଜାବ ଏବଂ ରାଜସ୍ଥାନରେ ବର୍ଷା ହୋଇପାରେ। ଏଥି ସହିତ ଆଇଏମଡିଙ୍କ ସୂଚନା ଅନୁଯାୟୀ ବରିଷ୍ଠ ବୈଜ୍ଞାନିକ ନରେଶ କୁମାର କହିଛନ୍ତି ଯେ ମୌସୁମୀ ପାଇଁ ଅନୁକୂଳ ସ୍ଥିତି ରହିଛି। ଆମେ ଅନୁମାନ କରୁଛୁ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ମୟୂରଭଞ୍ଜ ଲୋକସଭାକ୍ଷେତ୍ରରେ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

**ଭୁବନେଶ୍ୱର୨୯/୦୫**
**ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବୁଧବାର ମୟୂରଭଞ୍ଜ ଲୋକସଭା କ୍ଷେତ୍ରର ଯଶୀପୁର, ସାରସକଣା, ବାଙ୍ଗିରିପୋଷି, ମୋରଡ଼ା ଓ ଉଦଳାରେ ନିର୍ବାଚନ ପ୍ରଚାର କରି ବିରୋଧିଙ୍କ ଉପରେ ତୀବ୍ର ଆକ୍ରମଣ କରିଛନ୍ତି । ବିରୋଧିଙ୍କ ଛଳନାକୁ ଲୋକଙ୍କ ସାମ୍ନାକୁ ଆଣିଛନ୍ତି । ସେ କହିଲେ ଯେ, ବହୁତ ନେତା ଅଛନ୍ତି, କେବଳ ନିର୍ବାଚନ ଆସିଲେ ସେମାନଙ୍କର ଲୋକଙ୍କ କଷ୍ଟ ମନେପଡ଼େ । ସେମାନେ ଲୋକଙ୍କ ପାଖକୁ ଆସନ୍ତି, ବହୁତ ପ୍ରତିଶ୍ରୁତି ଦିଅନ୍ତି, ଆପଣମାନେ ସେମାନଙ୍କୁ ଜାଣି ରଖନ୍ତୁ ବୋଲି ସେ କହିଥିଲେ । ସେ ପୁଣି କହିଲେ ଯେ, ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ସବୁବେଳେ ଆପଣଙ୍କ ପାଖକୁ ଆସୁଛି । ବିଜୁ ଜନତା ଦଳ ଓ ନବୀନ ବାବୁଙ୍କ ଛଡ଼ା ଆଉ କେହି କାମର ହିସାବ ଦିଅନ୍ତି ନାହିଁ । ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ନିଜ ପରିବାର ଭାବି ନବୀନ ପଟ୍ଟନାୟକ ସେବା କରୁଛନ୍ତି । ସେ ରାଜନୀତି କରୁନାହାନ୍ତି,



ଭୋଟ ପାଇଁ କାମ କରୁନାହାନ୍ତି । ସେବା ଜରିଆରେ ସେ ଆପଣମାନଙ୍କ ଆଶୀର୍ବାଦ କାମନା କରୁଛନ୍ତି । ଆପଣମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଓ ଆପଣଙ୍କ ପିଲାଛୁଆଙ୍କ ଉନ୍ନତି ପାଇଁ ତାଙ୍କୁ କାମ କରିବାକୁ ସୁଯୋଗ ଦିଅନ୍ତୁ । ବିରୋଧି ନେତାମାନେ ଆସୁଛନ୍ତି, ସେମାନେ ଭାବୁଛନ୍ତି, ଆଦିବାସୀ ଭାଇଭଉଣୀମାନେ କାହିଁକି ନବୀନ ବାବୁଙ୍କୁ ଏତେ ଭଲ ପାଉଛନ୍ତି । ଆଦିବାସୀ ଭାଇ ଭଉଣୀମାନଙ୍କୁ ବିରୋଧିମାନେ କେବଳ ଭୋଟ ପାଇଁ ବ୍ୟବହାର କରନ୍ତି । କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ଆଦିବାସୀ ଭାଇଭଉଣୀମାନଙ୍କୁ ତାଙ୍କ ହୃଦୟର ସବୁଠାରୁ ଭଲ ଜାଗାରେ ରଖିଛନ୍ତି । ସେମାନଙ୍କୁ ସେ ବହୁତ ଭଲ ପାଆନ୍ତି, ସେମାନଙ୍କ ବିକାଶ ପାଇଁ କାମ କରୁଛନ୍ତି । ଆଦିବାସୀ କଳା, ସଂସ୍କୃତି, ପୂଜାସ୍ଥଳୀ ଓ ଜାହିରାର ସୁରକ୍ଷା ଲାଗି ସ୍ୱତନ୍ତ୍ର ଉନ୍ନୟନ ପରିଷଦ *(ପୃଷ୍ଠା ୭ରେ)*

## ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୋରଦାର ପ୍ରଚାର

## ନିମାପଡାରେ ମୁଖ୍ୟମନ୍ତ୍ରୀଙ୍କ ବିଶାଳ ରୋଡ ଶୋ’

**ଭୁବନେଶ୍ୱର, ୨୯/୦୫**
**ନ୍ୟୁଜ ବ୍ୟୁରୋ**

ଜୁନ୍ ୧ ତାରିଖ ଅନ୍ତିମ ପର୍ଯ୍ୟାୟ ଭୋଟ ପାଇଁ ନିର୍ବାଚନ ପ୍ରଚାର ଜୋରଦାର ହୋଇଛି। ବୁଧବାର ଭୁବନେଶ୍ୱରରେ ଗଣମାଧ୍ୟମକୁ ସମ୍ବୋଧନ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିମାପଡାରେ ରୋଡ ଶୋ’ କରି ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ’ ବେଳେ ସମସ୍ତ ନିମାପଡା ଅଞ୍ଚଳ ଜନସମୁଦ୍ର ପାଲଟି ଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଲୋକେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ମଝିରେ ମଝିରେ ରୋଡ୍ ଶୋ’ ବେଳେ ମୁଖ୍ୟମନ୍ତ୍ରୀଙ୍କ ଗାଡି ଅଟକିଥିଲା। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିଥିଲେ। ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ, ବିଏସ୍‌କେୱାଇ କାର୍ଡ ସମସ୍ତଙ୍କୁ ମିଳିବ। ମିଶନ ଶକ୍ତି ମା’ମାନଙ୍କୁ ପେନସନ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଶଙ୍ଖ ଚିହ୍ନ ଭଲ କି ? ନବୀନ ପଟ୍ଟନାୟକ ଭଲ କି ? ବୋଲି ପଚାରିଥିଲେ। ଉପସ୍ଥିତ ଲୋକେ ହଁ’ ଭରି ଥିଲେ। ଆଗାମୀ ନିର୍ବାଚନରେ ବିଜେଡିର ଏମ୍‌ପି ଓ ଏମ୍‌ଏଲ୍‌ଏ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରାଇବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ନିମାପଡାରେ ବିଜେଡିର ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ ଏବଂ ଜଗତସିଂହପୁର *(ପୃଷ୍ଠା ୭ରେ)*



## ଯଦି ମୋ ଦେହ ଖରାପ ଥାନ୍ତା ତେବେ ମୁଁ ଏତେ ଖରାରେ କେମିତି ପ୍ରଚାର କରନ୍ତି: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୯/୦୫**
**ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟାକ୍ଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜବାବ୍ ରଖିଛନ୍ତି। ସେ କହିଲେ, ଏତେ ଖରାରେ ମୁଁ ରାଜ୍ୟ ସାରା ବୁଲିବୁଲି ପ୍ରଚାର କରୁଛି, ଯଦି ମୋ ଦେହ ଖରାପ ଥାନ୍ତା ତେବେ ମୁଁ ପ୍ରଚାର କେମିତି କରନ୍ତି ? ଆପଣଙ୍କର ମୋ ସ୍ୱାସ୍ଥ୍ୟାବସ୍ଥା ନେଇ ଯଦି ଏତେ ଚିନ୍ତା ତେବେ ମୋତେ ଥରେ ଫୋନ କରିପାରିଥାନ୍ତେ । ଅଯଥା ଗୁଜବକୁ *(ପୃଷ୍ଠା ୭ରେ)*

## ନିର୍ବାଚନ ପରେ ବିଜେପି-ବିଜେଡି ପୁଣି ଏକାଠି ହୋଇଯିବେ: ଖଡ଼୍‌ଗେ



**ଭୁବନେଶ୍ୱର, ୨୯/୦୫**
**ନ୍ୟୁଜ ବ୍ୟୁରୋ**

ବୁଧବାର ବାଲେଶ୍ୱରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏହାସହ ବାଲେଶ୍ୱର ମାଟିରୁ ବିଜେପିକୁ ଟାର୍ଗେଟ କରିଛନ୍ତି ଖଡଗେ। ସେ କହିଛନ୍ତି, ଲୋକ ପଚାରୁଛନ୍ତି ବିଜେପିକୁ ଆମେ ହରାଇପାରିବା ତ ? ବିଜେପିକୁ ଯଦି ନ ହଟାଇବା ତେବେ ସମ୍ବିଧାନ ବିପଦରେ, ଲୋକତନ୍ତ୍ର ବି ବିପଦରେ ରହିବ। ଯଦି ଲୋକତନ୍ତ୍ର ଓ ସମ୍ବିଧାନ ବିପଦରେ ରହିବ ତେବେ ଆମ ଭବିଷ୍ୟତ ବି ବିପଦରେ ରହିବ। ସେମାନଙ୍କୁ ହଟାଇବା ଜରୁରୀ। ଦେଶରେ ଗରିବ ଏତେ ମାତ୍ରାରେ ବଢୁଛି ଯେ ଲୋକ ଚିନ୍ତାରେ ଅଛନ୍ତି। ସେପଟେ ଯୁବକଙ୍କୁ ଚାକିରି ନାହିଁ, ସେମାନେ ବି ଚିନ୍ତାରେ। ମୋଦି ଜୀଙ୍କୁ ଏହାର ଚିନ୍ତା ନାହିଁ। ଦେଶକୁ ବଞ୍ଚାଇବା ଆମର ଏକମାତ୍ର ଚିନ୍ତା। ଗରିବଙ୍କୁ ଯେଉଁ ସଂରକ୍ଷଣ ମିଳିଛି ତାକୁ ଶେଷ କରିବାକୁ ମୋଦି ସରକାର ଲାଗିଛି। ମଣିପୁର ଜଳୁଥିବା ବେଳେ ପ୍ରଧାନମନ୍ତ୍ରୀ ବିଦେଶରେ ବୁଲୁଥିଲେ। *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ଶେଷ ପର୍ଯ୍ୟାୟ ଭୋଟ୍ ବେଳକୁ
ରାଜନୀତି ଚାଲେ ଭଲେ
ଜନତା ଏଥର ସିରିଏସ୍ ପୂରା
ହେଉନାହିଁ ଆଉ ଗେଲ
ଯେତେ ଅଛି ପାଖେ ତେଲ
ସବୁତ ମାରି ମାଲିସ୍ କଲେବି
ହେବ ନିଶ୍ଚେ କଲବଲ

## ଭବିଷ୍ୟତରେ ପୁନର୍ବାର ଜନ୍ମ ହେବାକୁ ଦାବି

### ଅଷ୍ଟ୍ରେଲିୟ କମ୍ପାନୀ ମୃତ ମାନବ ଶରୀରକୁ ବରଫରେ ପୋତିଲା



**ମେଲବୋର୍ନ, ୨୯/୦୫**

ବିଜ୍ଞାନ କ୍ରମାଗତ ଭାବରେ ଅଗ୍ରଗତି କରୁଛି। ମଣିଷ ବିଜ୍ଞାନ ସାହାଯ୍ୟରେ ଅନେକ ଉଦ୍ଭାବନ କରିଛି, କିନ୍ତୁ ମୃତ୍ୟୁ ପରେ କାହାକୁ ଜୀବନ୍ତ କରିବା ଅସମ୍ଭବ ମନେହୁଏ। ମାତ୍ର ବର୍ତ୍ତମାନ ଏକ ଅଷ୍ଟ୍ରେଲୀୟ କମ୍ପାନୀ ଦାବି କରିଛି ଯେ ଏହା ମୃତ୍ୟୁ ପରେ ମଧ୍ୟ ଜଣେ ବ୍ୟକ୍ତିଙ୍କୁ ଜୀବନ୍ତ କରିବ। ଏଥିପାଇଁ କମ୍ପାନୀ ମୃତଦେହକୁ ବରଫରେ କବର ଦେଉଛି। ଏକ କ୍ରାଓନିକ୍ସ କମ୍ପାନୀ ଏହାର ପ୍ରଥମ ଗ୍ରାହକଙ୍କୁ ବରଫରେ ପୋତି ଦେଇଛି । ଭବିଷ୍ୟତରେ ଏହାକୁ ପୁନର୍ଜୀବିତ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ଆଶା କରିଛି।

ଏକ ରିପୋର୍ଟ ଅନୁଯାୟୀ, ଅଷ୍ଟ୍ରେଲିୟ କମ୍ପାନୀ ସାଉଥ୍ କ୍ରାଓନିକ୍ସର ମୁଖ୍ୟାଳୟ ସିଡନୀରେ ଅଛି ଏବଂ ସେମାନେ ସେଠାରୁ ପ୍ରାୟ ୫୦୦ କିଲୋମିଟର ଦୂରରେ ଥିବା ହୋଲବ୍ରୋକରେ ସେମାନଙ୍କର ଉଚ୍ଚ-ବୈଷୟିକ ସୁବିଧା ସ୍ଥାପନ କରିଛନ୍ତି। କମ୍ପାନୀ ଦାବି କରିଛି ଯେ ଏହା ମନୁଷ୍ୟର ମୃତ ଶରୀରକୁ ମାଇନସ୍ ୨୦୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ସମାଧି ଦେବ ଏବଂ ଏହା ପରେ ଯଦି ଭବିଷ୍ୟତରେ ବିଜ୍ଞାନ ଅଗ୍ରଗତି କରେ ତେବେ ମୃତ୍ୟୁ ପରେ ମଧ୍ୟ ଜଣେ ମଣିଷକୁ ଜୀବନ୍ତ କରାଯାଇପାରିବ। କବର ଦିଆଯାଇଥିବା ମୃତଦେହକୁ ବାହାର କରାଯାଇ ଜୀବନ୍ତ କରାଯାଇ ପାରିବ। *(ପୃଷ୍ଠା ୭ରେ)*

## ଦିଲ୍ଲୀରେ ସର୍ବାଧିକ ତାପମାତ୍ରା, ୫୨.୩ ଡ଼ିଗ୍ରୀ ଛୁଇଁଲା ତାତି



**ନୂଆଦିଲ୍ଲୀ, ୨୯ ।୫**

ରାଜଧାନୀ ଦିଲ୍ଲୀରେ ବୁଧବାର ନିଆଁ ବର୍ଷା କରିଛନ୍ତି ସୂର୍ଯ୍ୟ ଦେବ। ଏଥିସହିତ ଦିଲ୍ଲୀରେ ରେକର୍ଡ ହୋଇଛି ଭାରତର ସର୍ବକାଳୀନ ସର୍ବାଧିକ ତାପମାତ୍ରା। ଅପରାହ୍ନ ୨ଟା ୩୦ ସୁଦ୍ଧା ୫୨.୩ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା। ପ୍ରବଳ ଗରମ ସାଙ୍ଗକୁ ଦିଲ୍ଲୀରେ ୮,୩୦୨ ମେଗାୱାଟର ସର୍ବକାଳୀନ ଉଚ୍ଚ ବିଦ୍ୟୁତ୍ ଚାହିଦା ମଧ୍ୟ ରିପୋର୍ଟ ହୋଇଥିବା ବିଦ୍ୟୁତ୍ ବିଭାଗର ଅଧିକାରୀମାନେ କହିଛନ୍ତି। ଅତ୍ୟଧିକ ଉଚ୍ଚ ତାପମାତ୍ରା ରିପୋର୍ଟ କରିଥିବା ଅନ୍ୟାନ୍ୟ କ୍ଷେତ୍ର ଗୁଡ଼ିକ ମଧ୍ୟରେ ରାଜସ୍ଥାନରେ ଫାଲୋଡିରେ ୫୧ ଡ଼ିଗ୍ରୀ ଏବଂ ୫୦.୮ ଡ଼ିଗ୍ରୀ ରେକର୍ଡ ହୋଇଛି। *(ପୃଷ୍ଠା ୭ରେ)*





# ରବି ଧାନ ମଣ୍ଡି ପାଇଁ ସରିଲା ସର୍ଭେ : ଜୁନ୍ ୩ରେ ମଣ୍ଡି ଆରମ୍ଭ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ରବି ମଣ୍ଡି ଶନିବାର ଠାରୁ ଆରମ୍ଭ ହେବାର ଥିଲେ ହେଁ କମ୍ ପରିମାଣର ଧାନ କଟା ଏବଂ କାଳବୈଶାଖୀ ଲାଗି ରହିଛି । ଏହାକୁ ନେଇ ଚିନ୍ତା କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଜୁନ୍ ୩ ତାରିଖ ଦିନ ମଣ୍ଡି ଆରମ୍ଭ କରିବାକୁ ଧାର୍ଯ୍ୟ କରାଯାଇଥିବା ଜିଲ୍ଲା ଯୋଗାଣ ବିଭାଗ ତରଫରୁ ସୂଚନା ମିଳିଛି । ଥରେ ମଣ୍ଡି ଆରମ୍ଭ କରିବାର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରିଲେ ତୁରନ୍ତ ଟୋକୋନ୍ ଆସିଯିବ । ଏବଂ ମଣ୍ଡି ସ୍ୱାଭାବିକ ହୋଇ ଠିକରେ ଚାଲିବା ସମୟ ମଧ୍ୟରେ ଟୋକୋନରେ ଥିବା ଧାର୍ଯ୍ୟ ସମୟ ସରିଯିବାର ସମ୍ଭାବନାକୁ ଏଡାଇ ହେବ ନାହିଁ । ତେଣୁ ସବୁ ରକମର ପରିସ୍ଥିତିକୁ ଦୃଷ୍ଟିରେ ରଖି ମଣ୍ଡି ଆସନ୍ତା ୩ ତାରିଖରେ କରାଯିବ ବୋଲି ପ୍ରଶାସନ ଘୋଷଣା କରିଛି । ଅପରପକ୍ଷରେ ୧୨ଟି ଲ୍ୟାମ୍ପ, ୧୯ଟି ମହିଳା ସ୍ୱୟଂ ସହାୟକ ଦଳ ଓ ୩ଟି ପାଣିପଂଚାୟତ ମାଧ୍ୟମରେ ୩୪ଟି କ୍ରୟକାରୀ ସଂସ୍ଥା ମାଧ୍ୟମରେ ପଂଜିକରଣ କରିଥିବା ୧୫ ହଜାର ୯୧୯ ଜଣ ଚାଷୀଙ୍କ ମଧ୍ୟରୁ ୨୪୧ ଜଣ ପ୍ରାଥମିକ ଯାଞ୍ଚ ଡିଆରସିଏସଙ୍କ ପକ୍ଷରୁ କରାଯିବା ବେଳେ ବାଦ୍ ପଡ଼ିଛନ୍ତି । ସେହିପରି ସନ୍ଦେହରେ ଥିବା ୮ ହଜାର ୬୮୫ଟି ପ୍ଲଟ ସାଟେଲାଇଟ୍ ଚିହ୍ନଟ କରିଥିଲା । ଏଥିରୁ ଆଜି ଯାଏଁ ୭୦୦୨ଟି ପ୍ଲଟର ସର୍ଭେ ସରିଛି । ଏଥିରୁ ୧୨୩୮ଟି ପ୍ଲଟରେ ଧାନ ଚାଷ ହୋଇଛି । ବଳକା ୫୭୬୪ଟି ପ୍ଲଟରେ ରବି ପାଇଁ ଧାନ ଚାଷ ହୋଇନାହିଁ । ବଳକା ୧୬୮୩ଟି ପ୍ଲଟର ସର୍ଭେ ଜାରି ରହିଥିବା ଡିଆରସିଏସଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଅପରପକ୍ଷରେ ଗତ କିଛି ଦିନ ହେବ ହେଉଥିବା କାଳ-ବୈଶାଖୀର ବର୍ଷା ଓ ପବନରେ ପାଚି ଯାଇଥିବା ଜମିର ଧାନ କେଣ୍ଡା ଗୁଡିକ ଅଧାରୁ ଭାଙ୍ଗି ଶୋଇ ପଡ଼ିଛି ।

କାଳବୈଶାଖୀକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ଚାଷୀ । ଧାନର ଏନ୍ତୁଡ଼ିଶାଳ ଜୟପୁର ଉପଖଣ୍ଡର ଜୟପୁର, ବୋରିଗୁମ୍ମା, କୁନ୍ଦ୍ରା ଓ କୋଟପାଡ଼ ବ୍ଲକରେ ରବି ସହ ଖରିଫ ଧାନ ଚାଷ କରାଯାଉଛି । ତେଣୁ ରବିର ଧାନ ତୁରନ୍ତ କାଟିଲେ ଖରିଫ ପାଇଁ ଜମି ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଚାଷୀମାନେ କହିଛନ୍ତି । କୋରାପୁଟ ଜିଲ୍ଲାର ମିଲର୍ସମାନେ ପୂର୍ବରୁ ଚୁକ୍ତି କରିଥିବାରୁ କେବଳ ସହମତିପତ୍ର ଦେବେ । ସହମତିପତ୍ର ଦେବା ପରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମାସ୍ ଓ ମାସ୍ ଆଦି କ୍ରୟକାରୀ ସଂସ୍ଥା ଓ ଧାନ ଉଠାଇବାକୁ ଥିବା ମିଲର୍ସ ଆଦିଙ୍କୁ ଦେବା ପ୍ରକ୍ରିୟା ବି କରାଯିବ । ପ୍ରତିବର୍ଷ ଏଭଳି ଭୂତ ପ୍ଲଟ୍ ବା ସନ୍ଦେହାସ୍ପଦ ପ୍ଲଟ୍ ଚିହ୍ନଟ ହେଉଛି । ତେବେ ପ୍ରତିବର୍ଷ ଚାଷୀମାନେ ଏଭଳି କାହିଁକି କରୁଛନ୍ତି । ଏଭଳି ଭୂତପ୍ଲଟ୍ ପଞ୍ଜୀକରଣ କିଏ କରାଉଛି ତାହା ତଦନ୍ତ ସାପେକ୍ଷ । ଚାଷୀ ନା ଆଉ କିଏ । ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ଏହି ରାକେଟ୍ ଅନ୍ତତଃ ବନ୍ଦ ହୋଇଥାନ୍ତା ବୋଲି ମତ ପ୍ରକାଶ ପାଇଛି ।

## ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟ ଅଗ୍ରଗତି ଉପରେ ସମିକ୍ଷା ବୈଠକ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ବ୍ଲକ ସଭାଗୃହରେ ଏମଜିଏନଆରଇଜିଏସ ଯୋଜନା, ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟ ଓ ଅଗ୍ରଗତି ଉପରେ ସମିକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରି ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଏପିଓ ମାନସ କର, ଜିପିଓ ଭାଗିରଥି ନାୟକ ଉପସ୍ଥିତ ଥିଲେ । ସମିକ୍ଷା ବୈଠକରେ ବ୍ଲକ ଅଧିନରେ ଥିବା ୨୨ଟି ପଞ୍ଚାୟତର ପିଇଓ, ଜିଆରଏସ, ଏଡିଇଓ, କନିଷ୍ଠ ଯନ୍ତ୍ରୀ, ବିଏଫଟି ମାନେ ଉପସ୍ଥିତ ରହିଥିଲେ । ସମସ୍ତ ପଞ୍ଚାୟତରେ ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟ ଯେପରି ଶୀଘ୍ର ଶେଷ ହେବ ହିତାଧିକାରୀଙ୍କ ସହ ଆଲୋଚନା କରି ଆବାସ ଯୋଜନା ସମ୍ପୂର୍ଣ୍ଣ ହୋଇପାରିବ ସେନେଇ ନିଷ୍ପତ୍ତି ହୋଇଥିଲା ।

# ପୋଡ଼ା ଲେମ୍ବୁରେ କିଡ୍‌ନୀ ରୋଗୀଙ୍କ ଚିକିତ୍ସା କରୁଛନ୍ତି ଚାରୁଲତା

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

କିଡ୍‌ନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ଯଦି ମଣିଷ ଶରୀରରେ ଏହା ଖରାପ ହୋଇଥାଏ ତେବେ ମଣିଷର ଜୀବନ ମୃତ୍ୟୁ ଆଡକୁ ଗତି କରିଥାଏ । ଏହି ରୋଗରୁ ମୁକ୍ତି ପାଇବା ପାଇଁ ମଣିଷ ଅନେକ ଅର୍ଥ ଖର୍ଚ୍ଚ କରିଥାଏ କିନ୍ତୁ ଏହି ରୋଗର ଚିକିତ୍ସା ଘରୋଇ ଉପଚାର ଦ୍ୱାରା ମା' କାଳୀଙ୍କ ଦୟାରୁ ଲୋକେ ବହୁ ପରିମାଣରେ ସୁସ୍ଥ ହେଉଛନ୍ତି । ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଏମ୍‌ଭି ୧୦୪ ନମ୍ବର ଗାଁରେ ରୁହନ୍ତି ଚାରୁଲତା । କିଡ୍‌ନୀ ରୋଗର ଚିକିତ୍ସା ପାଇଁ ପ୍ରତିଦିନ ତାଙ୍କ ଘର ଆଗରେ ଭିଡ଼ ଜମୁଛି । ରାଜ୍ୟ ତଥା ରାଜ୍ୟ ବାହାରୁ କିଡ୍‌ନୀ ରୋଗୀମାନେ ଚାରୁଲତାଙ୍କ ପାଖକୁ ରୋଗର ଚିକିତ୍ସା ନିମନ୍ତେ ଦିନର ଆରମ୍ଭରୁ ଆସିଯାଇଥାନ୍ତି ରୋଗୀମାନେ । ତାଙ୍କର ବିଶ୍ୱାସ ଅନୁସାରେ ଅତି ଗୁରୁତର ସ୍ଥିତିରେ ଆସିଥିବା ବ୍ୟକ୍ତି ସୁସ୍ଥତାରେ ଘରକୁ ଫେରିଛନ୍ତି । କେବଳ ଓଡ଼ିଶାରୁ ନୁହେଁ ବାହାର ଦେଶରୁ ମଧ ଲୋକେ ଏଠାକୁ ଆସୁଛନ୍ତି । ଚାରୁଲତାଙ୍କ ଘର ବାହାରେ ଲାଗିଥାଏ ଏକ ଲମ୍ବା ଧାଡ଼ି ଏବଂ ଚାରୁଲତା ବ୍ୟସ୍ତ ଔଷଧ ପ୍ରସ୍ତୁତିରେ । ଚାରୁଲତା ପୋଡ଼ା ଲେମ୍ବୁରେ ତିଆରି କରିଥାନ୍ତି ଏହି ଘରୋଇ ଉପଚାରକୁ । ଦିନରୁ ରାତି ଯାଏ କରିଥାନ୍ତି । ଚାରୁଲତା ମା' କାଳୀଙ୍କ ଆଗରେ ଆସନରେ ରଖି ପ୍ରାର୍ଥନା କରି ଲେମ୍ବୁକୁ ପୋଡି ସେଥିରେ ଗୁଡ଼ ମିଶେଇ ଶିଳାରେ ବାଟି ପ୍ରସ୍ତୁତ କରନ୍ତି ଏହି ଉପଚାରକୁ ।

ଚାରୁଲତା ଏହି ପୋଡ଼ା ଲେମ୍ବୁ ଉପଚାରକୁ ତିଆରି କରି ଏକ ତାଟିଆରେ ରଖି ଆସିଥିବା ରୋଗୀଙ୍କୁ ପିଆଇଥାନ୍ତି । ଏହାର ସେବନ ଦ୍ୱାରା ଅନେକ ରୋଗୀମାନେ ସୁସ୍ଥତା ଲାଭ କରିଛନ୍ତି । କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ମୃତ୍ୟୁ ସମୟରେ ଆସିଥିବା ବ୍ୟକ୍ତି ସୁସ୍ଥତା ଲାଭ କରିଛନ୍ତି । ଏହା ସତ୍ୟ ବୋଲି ଭଲ ହୋଇଥିବା ଅନେକ କିଡ୍‌ନୀ ରୋଗୀ କହୁଛନ୍ତି । ଚାରୁଲତା ଏହି ଉପଚାରକୁ ମାଗଣାରେ କରୁଛନ୍ତି ।

ଚାରୁଲତାଙ୍କ ବାପା ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ । ତେବେ ମା' କାଳୀଙ୍କ ଦର୍ଶନରେ ସେ ପ୍ରଥମେ ଏହାକୁ କରି ତାଙ୍କ ବାପାଙ୍କୁ ଦେଇଥିଲେ । ବାପା ଏବେ ସେହି ରୋଗରୁ ସଂପୂର୍ଣ୍ଣ ସୁସ୍ଥତା ଲାଭ କରିବାରୁ ସେ ଏବେ ଏହି ଉପଚାରକୁ ସମସ୍ତଙ୍କୁ ମାଗଣାରେ କରୁଛନ୍ତି । ଅନେକ ଏହାକୁ ବିଶ୍ୱାସ କରିଥିବା ବେଳେ ଡାକ୍ତର ଏହାକୁ ଅନ୍ଧବିଶ୍ୱାସ ବୋଲି କହୁଛନ୍ତି । କିନ୍ତୁ ଏହା ସତ୍ୟ ବା ମିଛ ହେଉନା କାହିଁକି ଚାରୁଲତାଙ୍କ ଏହି ଚିକିତ୍ସାକୁ ନେଇ ମାଲକାନଗିରିରେ ଚର୍ଚ୍ଚା ହେଉଛି ।

# ଦାଦନ ଦୁଃଖ : ପୁଣି ଫେରିଲା ନାବାଳିକା ଝିଅର ମରଶରୀର

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଫରସରା ଗ୍ରାମପଞ୍ଚାୟତର ସର୍ଗିଗୁଡ଼ା ଗ୍ରାମର ଜୟ ସିଂ ପଟେଲଙ୍କ ଦୁଇ ଝିଅ ଏବଂ ପତ୍ନୀଙ୍କୁ ନେଇ ସୁଖୀ ସଂସାର ଗଢି ଚାଲିଥିଲେ । ହଠାତ ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ପରିବାର ପ୍ରତିପୋଷଣ ଆର୍ଥିକ ଅଭାବ ଏବଂ ଅନାଟନ ଦେଖା ଯାଇଥିଲା । ଫଳରେ ମା' ପୋଡ଼ାବାଇ ପଟେଲ ଏବଂ ବଡ଼ ଝିଅ ଗୋମତୀ ପଟେଲ, ତାଙ୍କ ସାନ ଝିଅ ସଙ୍ଗୀତା ପଟେଲକୁ ନେଇ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ରୂପେ ଆନ୍ଧ୍ରପ୍ରଦେଶ ଯାଇଥିଲେ । ସେଠାରୁ କାମ କରୁଥିବା ସ୍ଥାନରେ ତିନି ଜଣ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ସଙ୍ଗୀତାଙ୍କୁ କାମୁଡ଼ିଥିଲା । ସେମାନେ ସାପକୁ ଦେଖିଥିଲେ । ସାପକୁ ମାରିବା ସହ ସାପ କାମୁଡ଼ି ନ ଥିବା ଭାବି ଅନ୍ୟ ଉପାୟ କରୁଥିଲେ । ହଠାତ ସଙ୍ଗୀତାଙ୍କ ମୁହଁରୁ ଫେଣ ବାହାରିବା ବେଳେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଚିକିତ୍ସା ଆରମ୍ଭ ହୋଇଥିଲା । ବିଳମ୍ବ ହେବା କାରଣରୁ ସଙ୍ଗୀତାଙ୍କ ମୃତ୍ୟୁ ହୋଇଥିଲା ।

ବର୍ତ୍ତମାନ ଯୁଗରେ ସାପ କାମୁଡ଼ିବା ମାତ୍ରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବା ଅନିର୍ବାର୍ଯ୍ୟ ଅଟେ । ଚିକିତ୍ସାରେ କାହିଁକି ବିଳମ୍ବ କଲେ କାରଣ ଅସ୍ପଷ୍ଟ ଅଟେ । ରୋଜଗାର କରି ପରିବାର ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିବା ସପନ ମଉଳି ଯାଇଛି । ମା ଓ ଦୁଇ ଝିଅ ରାଜ୍ୟ ବାହାରେ କାମ ବଦଳରେ ଗୋଟିଏ ଝିଅର ମୃତଦେହ ଫେରିଛି ।

## ଯୁବ ସମାଜସେବୀଙ୍କ ଦ୍ୱାରା ଫୁଲବାଣୀ ମା' ନାରାୟଣୀ ମନ୍ଦିର ନିକଟସ୍ଥ ମଶାଣି ସଫେଇ କାର୍ଯ୍ୟକ୍ରମ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଫୁଲବାଣୀ ମା' ନାରାୟଣୀ ମନ୍ଦିରକୁ ଯିବା ରାସ୍ତା ନିକଟରେ ଥିବା ମଶାଣି ଭିତରେ ବହୁ ଦିନରୁ ଖାଲ ଢିପ, ଅଳିଆ ଆବର୍ଜନାରେ ଭରପୁର ହୋଇ ପଡ଼ିରହିଥିଲା । ତାହାକୁ ସଫେଇ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ କିଛି ଯୁବ ସାମାଜସେବୀ । ଫୁଲବାଣୀ ଉପ ପୌରାଧକ୍ଷା ପାୟଲ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ୭ ନମ୍ବର ୱାର୍ଡର କାଉନ୍ସିଲର ଟୁନି ସେଠୀ ୧୧ ନମ୍ବର୍ ୱାର୍ଡର କାଉନ୍ସିଲର ବସନ୍ତ ସାହାଣୀ, ବିକ୍ରମ ବେହେରା ଓ ଠୁକୁନ୍ଦର ସେଠୀଙ୍କ ଉପସ୍ଥିତରେ ଜେସିବି ଲଗାଇ ମଶାଣି ସଫା ସୁତୁରା କାର୍ଯ୍ୟ କରିଥିଲେ । ଫଳରେ ଏବେ ଉକ୍ତ ମଶାଣି ବହୁତ ସୁନ୍ଦର ଦେଖା ଯାଉଥିବା ବେଳେ ଆଗାମୀ ବର୍ଷା ରୁତୁରେ ମଶାଣି ଚତୁଃପାର୍ଶ୍ୱରେ ବୃକ୍ଷ ରୋପଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ପୌରାଉପାଧକ୍ଷା ପାୟଲ ବେହେରା କହିଛନ୍ତି । ଏହି କାର୍ଯ୍ୟ ପାଇଁ ଯୁବସମାଜସେବୀ ମାନେ ବୁଦ୍ଧିଜୀବୀ ମହଲରେ ପ୍ରଶଂସିତ ହୋଇଛନ୍ତି ।

## ଶିଶୁମାନଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର 'ବିକଳ୍ପ' ପ୍ରଦର୍ଶିତ

**ସୋନପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଦ୍ୱାରା ଷ୍ଟିଚ୍‌ଟିଂ କିଣ୍ଡର ପୋଷ୍ଟଜିଗେଲ୍‌ସ ନେଦରଲେଣ୍ଡ ସହାୟତାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ 'ପିତାମାତାଙ୍କ ସ୍ନେହରୁ ବଞ୍ଚିତ ଅସହାୟ ଓ ଅସୁରକ୍ଷିତ ଶିଶୁଙ୍କ ବିକଳ୍ପ ଥଇଥାନ' ଉପରେ ଆଧାରିତ ଚଳଚ୍ଚିତ୍ର 'ବିକଳ୍ପ' ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ସୁବର୍ଣ୍ଣପୁରରେ ପ୍ରଦର୍ଶିତ ହୋଇଯାଇଛି । ଅବିନାଶ ପ୍ରଧାନଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୦ ମିନିଟ୍‌ର ବୃତ୍ତ ଚିତ୍ରରେ ରେଆର ଅନୁଷ୍ଠାନ ତରଫରୁ କାର୍ଯ୍ୟପନ୍ଥା ସ୍ୱରୂପ ଗ୍ରହଣ କରାଯାଇଥିବା ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ତଥା ଅସୁରକ୍ଷିତ ଶିଶୁମାନଙ୍କ ଚିହ୍ନଟିକରଣ, ସମ୍ପୃକ୍ତ ଶିଶୁମାନଙ୍କ ପରିବାରର ନିରନ୍ତର ଜୀବିକାକୁ ସୁନିଶ୍ଚିତ କରାଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ସଫଳ କାହାଣୀ ସବୁ ସ୍ଥାନୀତ କରାଯାଇଛି । ରେଆରର ସହ ପ୍ରତିଷ୍ଠାତା ଅମ୍ବୁଜ ବିହାରୀ ସତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଚଳଚ୍ଚିତ୍ର ତଥା ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା, ନାଟ୍ୟ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ, ନାଟ୍ୟ ନିର୍ଦ୍ଦେଶକ ମନୋଜ ବାରିକ, ପର୍ଯ୍ୟାରୀ ନିର୍ଦ୍ଦେଶକ ତଥା ଲୋକକଳା ଗବେଷକ ଚୌଧୁରୀ ବିଭାର, ଉପସ୍ଥିତ ରହି ତାଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

## ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ପାଠ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ସରଣ୍ଡା ଗ୍ରାମଠାରେ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୁହିକ ଗୀତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାଶଙ୍କ ନେତୃତ୍ୱରେ ଭାଗବତ, ଗୀତା, ବିଷ୍ଣୁ ସହସ୍ରନାମ, ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା । ବର୍ତ୍ତମାନସମାଜ ଆଧୁନିକତା ଆଡକୁ ଗତି କରୁଥିବାରୁ ପୁରାଣ ଶାସ୍ତ୍ର ଠାରୁ ଜନସାଧାରଣ ଦୂରେଇ ଯାଉଛନ୍ତି । ଏହାର ପ୍ରଚାର ପ୍ରସାର ପାଇଁ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ଦାଶ, ବାବାଜୀ ଦାଶ, ପିତାମ୍ବର ଆଚାର୍ଯ୍ୟ, ରିତହୋତା, ବ୍ରହ୍ମାନନ୍ଦ ଶତପଥି, ସୁବାସ ହୋତା, ଜ୍ଞାନରନ ମିଶ୍ର, ସିବମିଶ୍ର, ମିନୁପ୍ରସାଦ ମିଶ୍ର, ସୂର୍ଯ୍ୟେନ୍ଦ୍ର ଶତପଥି, ସଂଜୟ ଶଙ୍କର ପୁରୋହିତ, ଆଶୁତୋଷ ପଣ୍ଡା ପ୍ରମୁଖ ଗୀତା ପାଠ କରିଥିଲେ ।

# ମା'ଗୃହ ପ୍ରତିଷ୍ଠା ଦିବସରେ ରକ୍ତହୀନତା ଓ ତା'ର ପ୍ରତିକାର ସମ୍ପର୍କିତ କର୍ମଶାଳା

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ସମାଜରେ ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସ୍ୱାସ୍ଥ୍ୟସେବା ଏକ ମହତ୍ୱପୂର୍ଣ୍ଣ ଦିଗ ହୋଇଥିବା ବେଳେ ସେ ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଉଛି ଏବଂ ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଞ୍ଚଳଗୁଡିକରେ ଗର୍ଭବତୀଙ୍କ କ୍ଷେତ୍ରରେ ରକ୍ତହୀନତା କମାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ତରଫରୁ ସ୍ଥାନେ ସ୍ଥାନେ ମା' ଗୃହ ସ୍ଥାପନ କରାଯାଇଛି । ସେହିପାରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' କନ୍ଧମାଳଙ୍କ ସହଯୋଗରେ ମଇ ମାସ ୨୦୨୦ ମସିହା ଠାରୁ ଟିକାବାଲି ବ୍ଲକ୍‌ର ଛତିଝାର ଠାରେ ଏକ ମା' ଗୃହ ପରିଚାଳିତ କରାଯାଉଛି । ଏହି ମା' ଗୃହ ତା'ର ପଞ୍ଚମ ବାର୍ଷିକ ପାଳନ କରି ସୁରକ୍ଷିତ ପ୍ରସବ ନିମନ୍ତେ ରକ୍ତହିନତାର କୁପ୍ରଭାବ ଏବଂ ତା'ର ପ୍ରତିକାର ଓ ସୁଷମ ଆହାରର ଗୁରୁତ୍ୱ ଶୀର୍ଷକ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା । ଏହି ଆଲୋଚନାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଟିକାବାଲିର ଶିଶୁବିକାଶ ଅଧିକାରୀ ପାନମଣି ହାନ୍ସଦା ଉପସ୍ଥିତ ରହି ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡିର ସ୍ୱାସ୍ଥ୍ୟସେବିକା/ସେବକମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ଯୋଗଦେଇ ମା' ଗୃହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇଥିଲେ । ଆହୁରି ମଧ ସେ ଗ୍ରାମାଞ୍ଚଳରେ ଥିବା ଅନ୍ଧବିଶ୍ୱାସକୁ ଦୂରେଇ ଗର୍ଭାବସ୍ଥାରେ ବିଭିନ୍ନ ସୁଷମ ଆହାର ସେବନ କରିବା ସହ ଉପଯୁକ୍ତ ବିଶ୍ରାମ ନେବା ଓ ଅନୁଷ୍ଠାନରେ ପ୍ରସବ କରାଇବାକୁ ସଠିକ୍ ସମୟ ପୂର୍ବରୁ ମା' ଗୃହରେ ଅବସ୍ଥାପିତ ହେବାକୁ ଅନୁରୋଧ କରିଥିଲେ । ସ୍ୱାତୀ ଅନୁଷ୍ଠାନର ବରିଷ୍ଠ କର୍ମୀ ସୁସ୍ମିତା ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାଣ୍ଡିଆରୁ ମଳୁଥିବା ପୋଷଣ କିପରି ଗର୍ଭବତୀ ଓ ପ୍ରସୁତିଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ସେ ବିଷୟରେ ବୁଝାଇଥିଲେ ଓ ରକ୍ତହିନତାକୁ ଦୂରେଇବା ପାଇଁ ସନ୍ତୁଳିତ ଆହାର ଖାଇବା ସହ ଦୁଇଟି ସନ୍ତାନ ମଧ୍ୟରେ ଅନ୍ୟୁନ ତିନି ବର୍ଷର ଅନ୍ତର ରଖିବାକୁ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନର ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱରଞ୍ଜନ କରଙ୍କ କହିବା ଅନୁଯାୟୀ ଆଜି ପର୍ଯ୍ୟନ୍ତ ଏହି ଟିକାବାଲି ମା' ଗୃହରେ ଆଡିମିଶନ୍ ନେଇ ୧୨୯୪ ଜଣ ଗର୍ଭବତୀ ସେବା ପାଇଛନ୍ତି । ସେବା ପାଇଥିବା ମା'ମାନଙ୍କୁ ପଚାରିବାରୁ ସେବା ଅତି ଉଚ୍ଚକୋଟିର ବୋଲି କହିବା ସହ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତଙ୍କୁ ସାଧୁବାଦ ଦେଇ ଅନ୍ୟ ମା'ମାନଙ୍କୁ ଉତ୍ସାହିତ କରିବାକୁ ମତବ୍ୟକ୍ତ କରିଥିଲେ । ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫ୍ ନର୍ସ ଅବନି ଶତପଥୀ, ବିଣାପାଣୀ ମାଝୀ ଓ ପଦ୍ମିନୀ ସ୍ୱାଇଁ ଆନୁଷ୍ଠାନିକ ପ୍ରସବକୁ ବଢାଇବା ପାଇଁ ହେଲେ ଲୋକ ଭାଗିଦାରୀ ତା'ର ଯଥେଷ୍ଟ ଆବଶ୍ୟକତା ଅଛିବୋଲି କହିଥିଲେ । ମା' ଗୃହ ତରଫରୁ ମାମିନା କହଁର ସଭା ପରିଚାଳନା କରିଥିବାବେଳେ ଗୀତାଞ୍ଜଳୀ କହଁର, ସୁନେମିୟା ଦିଗାଲ, ଗିତାଞ୍ଜଳୀ ବିଶୋଇ, ନିରୁପମା ନାୟକ, ଲକ୍ଷ୍ୟଭେଦୀ ପ୍ରକଳ୍ପ ତରଫରୁ ମିଲି ସାହାଣି ଓ ସ୍ୱାତୀ ମିଲେଟମିଶନ କର୍ମୀ ରାଧାକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଆଶା ଓ ଅଙ୍ଗନଓ୍ୱାଡ କର୍ମୀ, ମହିଳା/ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ପ୍ରସୁତି ଓ ଗର୍ଭବତୀ, ଉପସ୍ଥିତ ଥିଲେ ।

## ଅଗ୍ନିଶମ ବିଭାଗର ପ୍ରଦର୍ଶନ ଓ ମାନସିକ ସ୍ଥିରତା ଉପରେ ଆଲୋଚନା ଚକ୍ର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଏନସିସି ବାର୍ଷିକ ତାଲିମ କ୍ୟାମ୍ପରେ ଯୋଗ ଗୁରୁ ଭାଗିରଥିଙ୍କ ଦ୍ୱାରା କ୍ୟାଡେଟ ମାନଙ୍କୁ ବିଭିନ୍ନ ପ୍ରକାର ଯୋଗ ଆସନ ଓ ତା'ର ଉପକାରିତା ବିଷୟରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା । ଏହା କ୍ୟାଡେଟ ମାନଙ୍କ ଶାରୀରିକ ଓ ମାନସିକ ଉପରେ ଗଭୀର ପ୍ରଭାବ ଆସିବ ବୋଲି ସୂଚନା ଦେଇଥିଲେ । ଅଗ୍ନିଶମ ବିଭାଗ ଆନୁକୂଲ୍ୟରେ ନିଆଁ ଲିଭାଇବାର କୌଶଳ ବିଷୟରେ ଏକ କର୍ମଶାଳା ଇନସପେକ୍ଟର ଆଦିତ୍ୟ ଦାସ ଓ ତାଙ୍କ ଟମକୁ ନେଇ ଆୟୋଜନ କରାଯାଇଥିଲା । ନିଆଁ କେତେ ପ୍ରକାର ଓ ଏହାକୁ କିଭଳି ଏବଂ କେଉଁ ପରିସ୍ଥିତିରେ ଆମେ ଦୃଢତାର ସହ ମୁକାବିଲା କରିପାରିବା ବିଭିନ୍ନ ଉଦାହରଣ ମାଧ୍ୟମରେ କ୍ୟାଡେଟ ମାନଙ୍କୁ ପ୍ରଦର୍ଶନ କରାଯାଇଥିଲା । କ୍ୟାଡେଟ ମାନେ ଦରକାର ସମୟରେ କିଭଳି ମୁକାବିଲା କରିପାରିବେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କ୍ରିନିକାଲ ସାଇକୋଲୋଜିଷ୍ଟ ସମିକ୍ଷା ସାହୁଙ୍କ ଦ୍ୱାରା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ୟାଡେଟ ମାନେ କିପରି ବିଭିନ୍ନ ବିପଦ ସମୟରେ ବା ମାନସିକ ଅସ୍ଥିର ସମୟରେ ନିଜକୁ ଦୃଢ ରଖିପାରିବେ ତାହା ଅତି ସୁନ୍ଦର ଭାବରେ ପିପିଟି ମାଧ୍ୟମରେ ବିଭିନ୍ନ ଉଦାହରଣ ଦେଇ ଆଲୋଚନା କରାଯାଇଛି । କ୍ୟାମ୍ପ କମାଣ୍ଡେଣ୍ଟ ସମସ୍ତ ଅତିଥି ବୃନ୍ଦଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ ।

## ବାବା ଶ୍ରୀଶ୍ରୀ ଆନନ୍ଦ ମୂର୍ତ୍ତିଙ୍କ ୧୦୩ତମ ଜନ୍ମୋତ୍ସବ ପାଳିତ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସଦର ବ୍ଲକଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟାସ୍ଥିତ ଆନନ୍ଦ ମାର୍ଗ ଆଶ୍ରମଠାରେ ତାରକ ବ୍ରହ୍ମବାବା ଶ୍ରୀଶ୍ରୀ ଆନନ୍ଦ ମୂର୍ତ୍ତିଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ଆଶ୍ରମରେ ଗୁରୁପୂଜନ, କୀର୍ତ୍ତନ, ଧ୍ୟାନ, ଶାନ୍ତିପାଠ ପରେ ନାରାୟଣ ସେବା, ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ଶିଷ୍ୟ ଲବ ବେହେରା, କେଦାରନାଥ ସାହୁ, ଆକୁଳ ସ୍ୱାଇଁ, ବିଦ୍ୟାଧର ସ୍ୱାଇଁ, ଆଦିତ୍ୟ ପ୍ରଧାନ, ବିରୁପାକ୍ଷ ସ୍ୱାଇଁ, ମନରନ ପୁରୋହିତ, କୃତ୍ତିବାସ ପଲିଆ ପ୍ରମୁଖ ସହଯୋଗ କରିଥିଲେ ।

## ସମାଜର ନିଚ୍ଛକ ଘଟଣା ଓ ଦୁର୍ଘଟଣାକୁ ଦର୍ଶାଇଛି 'ରିଲେ ରିଲେ'

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ବ୍ଲକ୍‌ର ସ୍ଥାନୀୟ ମୁଖ୍ୟ ଦପ୍ତରସ୍ଥ ରତ୍ନମଞ୍ଜରୀ ଆର୍ଟ ନିବେଦିତ କ୍ଷୁଦ୍ର ଚଳଚ୍ଚିତ୍ର 'ରିଲୋ ରିଲୋ' ତପନ କଲ୍ୟାଣ ମଣ୍ଡପ ଠାରେ ମୁକ୍ତିଲାଭ କରିଛି ।ଏହି ମୁକ୍ତିଲାଭ ସମାରୋହରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ପଞ୍ଚୟତ ସମିତି ଅଧକ୍ଷ ପରିକ୍ଷୀତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ରନାଥ ପଣ୍ଡା, ଅଧ୍ୟାପକ ତଥା ବିଶିଷ୍ଟ ନାଟ୍ୟକାର ଗୋପାଳ ମହାରଣା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ପ୍ରୀତିସ୍ମିତା ମହାପାତ୍ର, ପୂର୍ବରୁ ରତ୍ନ ମଞ୍ଜରୀ ଆର୍ଟ ତରଫରୁ ମୃତ୍ୟୁର ଶବ୍ଦ, କଞ୍ଚାମାଟି, ଆଶା ଇତ୍ୟାଦି କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକ ସଫଳତାର ସହିତ ଦର୍ଶକମାନଙ୍କ ହୃଦୟକୁ ଛୁଇଁପାରିଥିବା ବେଳେ ଏହା ହେଉଛି ଅନୁଷ୍ଠାନର ଚତୁର୍ଥ କ୍ଷୁଦ୍ର ଚଳଚ୍ଚିତ୍ର । ବିଗତ ଚଳଚ୍ଚିତ୍ର ମାନଙ୍କ ଭଳି ସମାଜରେ ଘଟୁଥିବା ନିଚ୍ଛକ ଘଟଣା ଓ ଦୁର୍ଘଟଣାକୁ ସମାଜ ଆଗରେ ରଖିବାକୁ ଚେଷ୍ଟା କରିଛି । ଏହି ଚଳଚ୍ଚିତ୍ର, ପୂର୍ବରୁ ରତ୍ନମଞ୍ଜରୀ ଆର୍ଟର ପ୍ରତ୍ୟେକଟି କଳାକାର ଯେପରି ନିଜ ନିଜର ସଫଳ ପାରଦର୍ଶିତା ପ୍ରଦର୍ଶନ କରିଥିଲେ ସେମାନଙ୍କ ସହିତ ଆଉ କିଛି ନୂଆ ମୁହଁକୁ ନେଇ ପ୍ରସ୍ତୁତ ଏହି କ୍ଷୁଦ୍ର ଚଳଚ୍ଚିତ୍ରଟି ମୁକ୍ତିଲାଭ କରିଛି । କଳା ସଂସ୍କୃତିପ୍ରେମୀ ଜନତାଙ୍କ ମୁହଁରେ ଏହି କ୍ଷୁଦ୍ର ଚଳଚ୍ଚିତ୍ର ଦେଖି ଉତ୍ସାହ ଭରି ଯାଇଛି । ରିଲୋ ରିଲୋ ଚଳଚ୍ଚିତ୍ରର ପ୍ରଯୋଜକ ଭାବେ ଧନଞ୍ଜୟ ମଲ୍ଲଙ୍କୁ ଦେଖିବାକୁ ମିଳିଥିବା ବେଳେ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା, ରଚନା ଓ ସମ୍ପାଦନା ଦେଇଛନ୍ତି ରୋଶନ ବରାଳ, ସହ ନିର୍ଦ୍ଦେଶନା ଓ ଚିତ୍ରନାଟ୍ୟରେ କେଶବ ପଟ୍ଟନାୟକ ଓ ସଂଗୀତରେ ଚିତ୍ରସେନ ଦୁର୍ଗାଙ୍କୁ ଦେଖିବାକୁ ମିଳିଛି । ଶେଷରେ ଚଳଚ୍ଚିତ୍ରଟିକୁ ଦେଖି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ପ୍ରୀତିସ୍ମିତା ମହାପାତ୍ର ରିଲୋ ରିଲୋ ଟିମ୍‌କୁ ୫୦୦୦ ଟଙ୍କା ପ୍ରଦାନ କରିଛନ୍ତି । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଅଭିରାମ ଲେଙ୍କା ଏବଂ ସ୍ୱାଗତିକା ବାହିନୀପତି । ଶେଷରେ କାର୍ଯ୍ୟକ୍ରମଟିକୁ ଶିକ୍ଷକ ପ୍ରକାଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱତନ୍ତ୍ର ଯୋଗ ପ୍ରଶିକ୍ଷଣ ଶିବିର



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଆଳତି ଘାଟଠାରେ ସ୍ୱତନ୍ତ୍ର ଯୋଗାଭ୍ୟାସକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପତଞ୍ଜଳି ଯୋଗ ପୀଠ ଦ୍ୱାରା ପ୍ରଶିକ୍ଷିତ ଯୋଗଶିକ୍ଷକ ଅରୁଣ କୁମାର ଯୋଶୀ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବ୍ୟାୟାମ, ଆସନ, ପ୍ରାଣାୟାମ ସହିତ ମିଶ୍ର ଦଣ୍ଡ ଓ ସଙ୍ଗୀତମୟ ଯୋଗଶିକ୍ଷା ଅଭ୍ୟାସ କରାଇଥିଲେ । ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଶ୍ରୀ ଯୋଶୀଙ୍କୁ ଉପଢୌକନ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା । ଯୋଗ ଶିକ୍ଷକ ସମୀର କୁମାର ସାହୁ ରାଷ୍ଟ୍ର ଗୀତଗାନ କରିଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ଯୋଗଶିକ୍ଷକ ଶଶାଙ୍କ ଶେଖର ପୁରୋହିତଙ୍କ ସମେତ ନଟବର ଅଗ୍ରୱାଲା, ଦିଲ୍ଲୀପ ଚୌଧୁରୀ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଜ୍ଞା ଦାସ, ସୌମ୍ୟାସୁମନ ପୁରୋହିତ ପରିଚାଳନା କରିଥିଲେ । ଯୋଗର ପ୍ରଚାର ପ୍ରସାର ପାଇଁ ସମସ୍ତେ ଉଦ୍ୟମ କରିବା ନିହାତି ଆବଶ୍ୟକ ବୋଲି ଶ୍ରୀ ଯୋଶୀ ପ୍ରକାଶ କରିଥିଲେ ।

## ରାସ୍ତା କଡ଼ରେ ଆବର୍ଜନା କୁଣ୍ଡ ନା ମଦ ପିଇବା ସ୍ଥାନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ସଦର ବ୍ଲକ୍ ଅନ୍ତର୍ଗତ ନରଣପୁର ଗ୍ରାମ ପଞ୍ଚାୟତରେ ଯେଉଁଆଡ଼େ ନଜର ପକାଇବେ ସେଇଆଡ଼େ ଦୁର୍ନୀତିର ବାସ୍ନା ନଜରରେ ପଡ଼ିବ । ଏଠାରେ ଖଜୁରୀ ଗଛର କି ଗୁଣ ଗାଇବ ଭଳି ନିୟୋଜିତା ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୋକଙ୍କ ଆବଶ୍ୟକତାକୁ ନ ଦେଖି ଯେଉଁଠି ପାରିଲେ ସେଇଠି କିଛି କରି ପକାଇ ସରକାରୀ ଅର୍ଥ ହରିଲୁଟ୍ କରିବା ବାଟ ଖୋଜିନିଅନ୍ତି । ଏହି ପଞ୍ଚାୟତରେ ପଞ୍ଚାୟତ ଅଫିସ ସମ୍ମୁଖରେ ୨୦୨୨-୨୩ ଆର୍ଥିକ ବର୍ଷରେ ଦେଖାଇ ୧,୭୦,୦୦୦ ଟଙ୍କା ବ୍ୟୟରେ ଏକ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ସଂଗ୍ରହ କେନ୍ଦ୍ର ନିର୍ମାଣ କରିଛନ୍ତି । ଯାହାର ୱାର୍କ ଓ୍ୱାର୍ଡର ଖୋଦ୍ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ କରାଯାଇଥିଲା । ଏହି କେନ୍ଦ୍ରକୁ ଦେଖିଲେ ଏହା ଏକ ଯାତ୍ରୀ





ବିଶ୍ରାମଗାରର ଭ୍ରମ ସୃଷ୍ଟିହେବ ନିଶ୍ଚୟ । ତିଆରି ହେବା ଦିନ ଠାରୁ ଏଠାରେ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ପଡ଼ିବା ତ ଦୂରର କଥା ଏହାର ବ୍ୟବହାର ହୋଇ ପାରିଲା ନାହିଁ । ରାସ୍ତା କଡ଼ରେ ଥିବା ଏହି କେନ୍ଦ୍ରରେ କେବଳ ସନ୍ଧ୍ୟାହେଲେ ମଦ୍ୟପଙ୍କ ଆଡ୍ଡା ଜମିଥାଏ । ଏହି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ସଂଗ୍ରହ କେନ୍ଦ୍ର କେବଳ ସରକାରୀ ଯୋଜନାର ଅର୍ଥକୁ ହରିଲୁଟ୍ କରିବା ପାଇଁ ନିର୍ମାଣ ହୋଇଛି, ଏହା ଯେ କେହିବି ସହଜରେ ଅନୁମାନ କରି ପାରିବ । ଏହି ଅର୍ଥ ନରଣପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ କୌଣସି ଗ୍ରାମର ମଧ ଭାଗରେ ନିର୍ମାଣ କରାଯାଇଥିଲେ ତା'ର ସଫଳ ବିନିଯୋଗ ନିଶ୍ଚିତ ହୋଇପାରିଥାନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ତେବେ କାହା ସ୍ୱାର୍ଥରେ ଏହି ଅର୍ଥକୁ ବିନିଯୋଗ କରି ଏପରି ସ୍ଥାନରେ ମିଛରେ ମଦୁଆଙ୍କ ପାଇଁ ଆଶ୍ରୟ ସ୍ଥଳୀ ନିର୍ମାଣ କରାଯାଇଛି ତାହା ତଦନ୍ତ ସାପେକ୍ଷ ।

# ୪ ମାସରେ ୧,୭୫୦ କୋଟି ସାଇବର ଠକେଇ

**ନୂଆଦିଲ୍ଲୀ**

ଚଳିତ ୨୦୨୪ ବର୍ଷର ପ୍ରଥମ ୪ ମାସରେ ଦେଶରେ ୭ ଲକ୍ଷରୁ ଅଧିକ ଲୋକଙ୍କ ସହିତ ସାଇବର ଠକେଇ ମାମଲା ରୁଜୁ ହୋଇଛି । ଏହି ଲୋକମାନଙ୍କୁ ଚାରି ମାସ ମଧ୍ୟରେ ହଜାରେ କୋଟିରୁ ଅଧିକ ମୂଲ୍ୟର ସାଇବର ଠକେଇ ମାଧ୍ୟମରେ ପ୍ରତାରଣା କରାଯାଇଛି । ଭାରତୀୟ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ରର ଏକ ଇଟି ରିପୋର୍ଟରେ କୁହାଯାଇଛି, କେବଳ ଚଳିତ ବର୍ଷର ପ୍ରଥମ ଚାରି ମାସରେ ସାଇବର ଠକେଇ ଯୋଗୁଁ ଭାରତୀୟମାନେ ହଜାର ହଜାର କୋଟି ଟଙ୍କାର କ୍ଷତି ସହିଛନ୍ତି । ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ର ଅନୁଯାୟୀ, ୨୦୨୪ବର୍ଷର ପ୍ରଥମ ଚାରି ମାସରେ ଭାରତୀୟମାନେ ୧,୭୫୦ କୋଟି ଟଙ୍କା କ୍ଷତି ସହିଛନ୍ତି । ଯେଉଁଥି ପାଇଁ ୭ ଲକ୍ଷ ୪୦ ହଜାରରୁ ଅଧିକ ଲୋକ ଠକେଇ ସମ୍ପର୍କରେ ଅଭିଯୋଗ କରିଛନ୍ତି । ରିପୋର୍ଟ ଅନୁଯାୟୀ, ଜାନୁୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ





ପ୍ରତିଦିନ ହାରାହାରି ୭ ହଜାର ଅଭିଯୋଗ ଦାଖଲ କରାଯାଇଥିଲା । ସେଥିମଧ୍ୟରୁ ୮୫ ପ୍ରତିଶତ ଅଭିଯୋଗ ଅନଲାଇନ୍ ଠକେଇରେ ହୋଇଥିବା ଅଭିଯୋଗ କରାଯାଇଥିଲା । ଏହି ମାମଲାଗୁଡ଼ିକ ପୂର୍ବ ବର୍ଷ ତୁଳନାରେ ବହୁତ ଅଧିକ ରହିଛି ।

ଦେଶରେ ସାଇବର ଠକେଇ ମାମଲା ବର୍ଷକୁ ବର୍ଷ ବୃଦ୍ଧି ପାଉଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ସାଇବର ଠକେଇ ମାମଲାର ଗ୍ରାଫ୍ ଦ୍ରୁତ ଗତିରେ ଉପରକୁ ଉଠିଛି । ୨୦୧୯ରେ କେବଳ ୨୬,୦୪୯ ଟି ସାଇବର ଅପରାଧ ମାମଲା ରୁଜୁ ହୋଇଥିଲା । ଯାହା ପରେ ୨୦୨୦ ରେ ଏହି ସଂଖ୍ୟା ୨ ଲକ୍ଷରେ ପହଞ୍ଚିଥିଲା । ୨୦୨୦ମସିହାରେ, ଏହି ମାମଲାଗୁଡିକ ୨ ଲକ୍ଷ ୫୭ ହଜାର ୭୭୭ କୁ ବୃଦ୍ଧି ପାଇଥିଲା ।

ଏହା ପରେ, ଏହା ୨୦୨୧ ରେ ୪ ଲକ୍ଷ ୫୨ହଜାର ୪୧୪ ଏବଂ ୨୦୨୨ ରେ ୯ ଲକ୍ଷ ୬୬ ହଜାର ୭୯୦ରେ ପହଞ୍ଚିଥିଲା । ଗତ ୨୦୨୩ବର୍ଷରେଦେଶରେ ସାଇବର ଠକେଇ ମାମଲା ୧୫ ଲକ୍ଷ ୫୬ ହଜାର ୨୧୮ରେ ପହଞ୍ଚିଥିଲା । ସାଇବର ଠକେଇ ମାମଲାରେ ବୃଦ୍ଧି ହେବାର କେବଳ ଦୁଇଟି କାରଣ ଅଛି । ସାଇବର ଥଗମାନେ ପ୍ରତିଦିନ ନୂଆ ଢଙ୍ଗରେ ଜାଲିଆତି କରୁଛନ୍ତି ଏବଂ ଦ୍ୱିତୀୟରେ ଦେଶରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଉପାୟ ଅବଲମ୍ବନରେ ଅବହେଳା କରୁଛନ୍ତି । ସେମାନେ ଏହାକୁ ଅଣଦେଖା କରି ଲୋଭରେ ଆକର୍ଷିତ ହୁଅନ୍ତି ଏବଂ ଏହି ଠକମାନଙ୍କର ଶିକାର ହୁଅନ୍ତି ।

ଆମ ଦେଶରେ ସାଇବର ଠକେଇ ମାମଲା ବୃଦ୍ଧି ହେବାର ସବୁଠାରୁ ବଡ କାରଣ ହେଉଛି ଲୋଭ । ସାଇବର ଚୋରମାନେ ଟଙ୍କା ଲୋଭ ଦେଖାଇ ଲୋକମାନଙ୍କୁ ପ୍ରତାରଣା କରୁଛନ୍ତି । ଚଳିତ ବର୍ଷ ସାଇବର ଥଗମାନେ ବାଣିଜ୍ୟ ସ୍କାମ ମାଧ୍ୟମରେ ୧,୪୨୦ କୋଟି ଟଙ୍କା ଠକେଇ କରିଛନ୍ତି । ପ୍ରଥମ ଚାରି ମାସରେ ଏନେଇ ୨୦ ହଜାରରୁ ଅଧିକ ମାମଲା ପଞ୍ଜିକୃତ ହୋଇଥିଲା । ଯେଉଁଥିରେ ୪,୫୯୯ଟି ଡିଜିଟାଲ ଗିରଫ ମାମଲା ରୁଜୁ ହୋଇଛି । ଯେଉଁଥିରେ ଲୋକଙ୍କଠାରୁ ୧୨୦ କୋଟି ଟଙ୍କାର ଠକେଇ କରାଯାଇଥିଲା ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ମଇ ୨୦୨୪ ଗୁରୁବାର





# କଡ଼ା ସୁରକ୍ଷା ବଳୟରେ ଇଭିଏମ୍:ଜଗିଛି କେନ୍ଦ୍ରୀୟ ପୋଲିସ ଓ ଦଳୀୟ କର୍ମୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ସଂସଦୀୟ କ୍ଷେତ୍ର ଅଧିନସ୍ଥ ବୌଦ୍ଧ-୮୬ ଓ କଣ୍ଟାମାଳ-୮୫ ନିର୍ବାଚ୍‌ନ ମଣ୍ଡଳୀର ୪୧୩ଟି ବୁଥ୍‌ରେ ଗତ ମେ ୨୦ ତାରିଖରେ ମତଦାନ ସରିଥିବା ବେଳେ ଦୁଇଟି ଅତି ସମ୍ବେଦନଶୀଳ ବୁଥ୍‌ରେ ହୋଇଛି ପୁନଃ ମତଦାନ । ମତଦାନ ପରେ କଡା ସୁରକ୍ଷା ବଳୟ ସହ ଇଭିଏମ୍ ଗୁଡିକୁ ଆଣି ବୌଦ୍ଧ ପଞ୍ଚାୟତ କଲେଜ ଷ୍ଟ୍ରଙ୍ଗ ରୁମ୍‌ରେ ସିଲ୍ ହୋଇଛି । ଚ୍‌ଳିତ ନିର୍ବାଚ୍‌ନରେ ୩,୩୫,୪୮୮ଜଣ ଭୋଟରୁ ୨,୭୭,୫୧୩ଜଣ ଭୋଟର ମତଦାନ କରିଛନ୍ତି । ୮୨.୭୨% ଭୋଟ୍ ହାର ହୋଇଥିବା ବେଳେ ପୂର୍ବ ନିର୍ବାଚ୍‌ନ ତୁଳନାରେ ଚ୍‌ଳିତ ନିର୍ବାଚ୍‌ନରେ ବହୁ ସଂଖ୍ୟାରେ ଭୋଟର ଆସି ମତଦାନ କରିଛନ୍ତି । ଅନ୍ୟପଟେ ଚ୍‌ଳିତଥର ଭୋଟର ବହୁ ସଚେତନ ଅଛନ୍ତି । ଭୋଟ୍ ଗଣତି ପୂର୍ବରୁ ଭୋଟରଙ୍କ ମୁଡ ପରଖିବା ଓ କିଏ ଏଥର ବିଜୟ ଲାଭ କରିବ ତାହା କହିବା କଷ୍ଟକର । ବିଜେପି ଓ ବିଜେଡି ମଧ୍ୟରେ କଡା ଟକ୍କର ହେବା ସହ କମ୍ ବ୍ୟବଧାନରେ ଦୁଇଜଣଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀଙ୍କ ବିଜୟ ହେବ ବୋଲି ରାଜନୈତିକ ବିଶେଷଜ୍ଞ କହିଛନ୍ତି । ୪୧୩ଟି ବୁଥ୍‌ର ଇଭିଏମ୍ ଓ ଭିଭିପାଟ ବୌଦ୍ଧ ପଞ୍ଚାୟତ କଲେଜ ସ୍ଥିତ ୩ଟି ଷ୍ଟ୍ରଙ୍ଗ ରୁମ୍‌ରେ ସିଲ୍ ହୋଇ ରହିଛି । ସମସ୍ତ ଷ୍ଟ୍ରଙ୍ଗ ରୁମ୍ ଓ ସମ୍ପୂର୍ଣ୍ଣ ଅଞ୍ଚଳ ସିସିଟିଭି ସର୍ଭିଲାନ୍ସରେ ରହିଛି । ଆଉ ଷ୍ଟ୍ରଙ୍ଗରୁମ୍ ବାହାରେ ଦଳୀୟ ପ୍ରାର୍ଥୀଙ୍କ ଏଜେଣ୍ଟମାନେ ଜଗି ରହିଥିବାବେଳେ ଖବର ପାଇଁ ଏଲଇଡିର ବ୍ୟବସ୍ଥା କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଷ୍ଟ୍ରଙ୍ଗ ରୁମ୍‌କୁ ତ୍ରିସ୍ତରୀୟ ସୁରକ୍ଷା ବଳୟ ଯୋଗାଇ ଦିଆଯାଇଛି । ୩ଟି ସ୍ତରରେ ସଶସ୍ତ୍ର ଅର୍ଦ୍ଧସାମରିକ ବାହିନୀ ଜଗି ରହିଛନ୍ତି । ପ୍ରଥମ ତଥା ଷ୍ଟ୍ରଙ୍ଗରୁମ୍ ନିକଟରେ ଗୋଟିଏ ପ୍ଲାଟୁନ୍ ବିଏସଏଫ ଯବାନ ମୁତୟନ ହୋଇଛନ୍ତି । ଦ୍ୱିତୀୟରେ ସିଆରପିଏଫ ଓ ଓଏସଏପି ଫୋର୍ସ ଜଗିଛନ୍ତି । ତୃତୀୟ ସ୍ତରରେ ଜିଲ୍ଲା ପୋଲିସ ପାଟ୍ରୋଲିଂ କରୁଛି । ବିନା ଅନୁମତିରେ କୌଣସି ବ୍ୟକ୍ତି ବାହାରୁ ଭିତରକୁ ଆସିପାରିବେ ନାହିଁ ବୋଲି ବୌଦ୍ଧ ଏସିପି ରାଜପ୍ରସାଦ ସୂଚନା ଦେଇଛନ୍ତି ।



# ସାଧାରଣ ନିର୍ବାଚନ-୨୦୨୪:ବାଲେଶ୍ୱର ଜିଲ୍ଲାରେ ୧୮,୯୨,୮୦୫ ଭୋଟର ମତଦାନ କରିବେ

**ବାଲେଶ୍ୱର, ନ୍ୟୁଜ୍**

ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪କୁ ସୁରୁରୁ ରୂପେ ଆୟୋଜନ କରି ଏହାର ଉଦ୍ଦେଶ୍ୟକୁ ସଫଳ କରିବା ପରିପ୍ରେକ୍ଷୀରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ମଙ୍ଗଳବାର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶୀଷ ଠାକରେଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଡେପୁଟି କଲେକ୍ଟର (ନିର୍ବାଚନ) ରାଇମତ ଟୁଡୁ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ଠାକରେ ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାରେ ହେବାକୁ ଥିବା ମତଦାନ ପାଇଁ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ପ୍ରଦତ୍ତ ସୂଚନା ଅନୁଯାୟୀ, ଏଥର ବାଲେଶ୍ୱର ଜିଲ୍ଲାରେ ସର୍ବମୋଟ ୧୮,୯୨,୮୦୫ ମତଦାତା ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ । ଯେଉଁଥିରେ ୯୬,୩୨,୧୨ ପୁରୁଷ ଭୋଟର ଥିବା ବେଳେ ୯୨,୯୪,୪୯ ମହିଳା ଭୋଟର ଅଛନ୍ତି ଏବଂ ଅନ୍ୟାନ୍ୟ ଲିଙ୍ଗଗତ ବର୍ଗର ଭୋଟର ସଂଖ୍ୟା ୧୪୪ ରହିଛି । ଜିଲ୍ଲାରେ ୨୫୯ଟି ଆଦର୍ଶ ମତଦାନ କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି । ଯେଉଁଥିରେ ସଖୀ ମତଦାନ କେନ୍ଦ୍ର ୧୮୯ଟି ଯୁବବର୍ଗଙ୍କ ଦ୍ୱାରା ପରିଚ୍ଳଳିତ ମତଦାନ କେନ୍ଦ୍ର ୧୬ଟି ପରିବେଶ ଅନୁକୂଳ ମତଦାନ କେନ୍ଦ୍ର ୨୨ଟି, ଜାତିଗତ ମତଦାନ କେନ୍ଦ୍ର ୧୫ଟି ଅନ୍ୟାନ୍ୟ ଥିମ୍ ଆଧାରିତ ମତଦାନ କେନ୍ଦ୍ର ୧୫ ସହିତ ଜିଲ୍ଲାରେ ସର୍ବମୋଟ ୮୮୯ଟି ମିଶ୍ରିତ ବୁଥ୍ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ୨୪୨ଟି ଅତି ସମ୍ବେଦନଶୀଳ ବୁଥ୍ ସମେତ ସମସ୍ତ ମତଦାନ କେନ୍ଦ୍ରରେ ୨୨ ଗୋଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ମୁତୟନ କରାଯିବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୧୧୫୬ଟି ବୁଥ୍‌ରେ ୱେବକାଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଛି । ୩୬-ଭୋଗରାଇ ଓ ୪୨-ସିମୁଳିଆ ନିମନ୍ତେ ବିତରଣ ତାରିଖ ୩୦ ମଇ ଧାର୍ଯ୍ୟ କରାଯାଇଥିବା ବେଳେ ଅନ୍ୟ ସମସ୍ତ ନିର୍ବାଚନୀ ମଣ୍ଡଳୀ ପାଇଁ ୩୧ ମଇ ଧାର୍ଯ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ୩୫- ଜଳେଶ୍ୱର ଓ ୩୬-ଭୋଗରାଇ ପାଇଁ ସମ୍ବିତରଣ ଏବଂ ଗ୍ରହଣ କେନ୍ଦ୍ର ସରକାରୀ ଆଇ.ଟି.ଆଇ ପଡିଆ ଚିହ୍ନଟ କରାଯାଇଛି । ସେହିଭଳି ୩୭- ବସ୍ତା ପାଇଁ ଖ୍ରୀଷ୍ଟିଆନ ସ୍କୁଲ ପଡିଆ, ୩୮- ବାଲେଶ୍ୱର ପାଇଁ କଲେକ୍ଟୋରେଟ ପରିସର, ୩୯- ରେମୁଣା ପାଇଁ ଖ୍ରୀଷ୍ଟିଆନ ସ୍କୁଲ ପଡିଆ, ୪୦- ନୀଳଗିରି ପାଇଁ ନୀଳଗିରି ଡିଗ୍ରୀ କଲେଜ ପଡିଆ ଓ ୪୧- ସୋର ଏବଂ ୪୨- ସିମୁଳିଆ ପାଇଁ ରେମୁଣା ଡିଗ୍ରୀ କଲେଜ ପଡିଆ ଧାର୍ଯ୍ୟ ହୋଇଛି । ପୋଲିଂ ଅଧିକାରୀଙ୍କ ସହଜତା ପାଇଁ ୪ଟି ସଟଲ ବସ୍ ଜିଲ୍ଲାପାଳ କ୍ୟାମ୍ପସରୁ ସିନେମା ଛକ, କଣ୍ଟେଇ ଛକ, ଆଇ.ଟି.ଆଇ ଛକ ଦେଇ ପୁନଶ୍ଚ ଜିଲ୍ଲାପାଳ କ୍ୟାମ୍ପସକୁ ପରିବହନ କରିବ । ସେହିଭଳି ପ୍ରତି ବ୍ଲକ ମୁଖ୍ୟାଳୟରୁ ୨ଟି ନିର୍ବାଚନ ସ୍ୱତନ୍ତ୍ର ବସ୍ ପୋଲିଂ ଅଧିକାରୀଙ୍କ ପରିବହନରେ ସାହାଯ୍ୟ କରିବ । ସମସ୍ତ ପୋଲିଂ ଅଧିକାରୀଙ୍କୁ ଲେନେସ କିଟ୍, ମେଡିକାଲ କିଟ୍ ଏବଂ ଶୁଖିଲା ଖାଦ୍ୟ କିଟ୍ ଯୋଗାଇ ଦିଆଯାଇଛି । ଏହି ସମ୍ମିଳନୀରେ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଜିଲ୍ଲା ସଦର ମହକୁମାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।



# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜମିସ୍ତ୍ରୀଙ୍କ ମୃତ୍ୟୁ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହର ଇରିଗେସନ କଲୋନୀ ନିକଟରେ ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ମିସ୍ତ୍ରୀ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ବ୍ଲକ୍ ମୁର୍ଷୁଣ୍ଡି ଗ୍ରାମ ପଞ୍ଚାୟତ ଲୁଣ୍ଡାବେରୁଣୀ ଗ୍ରାମର ପବିତ୍ର ମହାକୁଡ ନାମକ ଜଣେ ରାଜମିସ୍ତ୍ରୀ ରବିବାର ଅପରାହ୍ନରେ ଇରିଗେସନ କଲୋନୀ ନିକଟକୁ ପ୍ଲାଷ୍ଟର କରୁଥିଲେ । ପ୍ଲାଷ୍ଟର କରୁଥିବା ସମୟରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ସହଯୋଗୀ ଶ୍ରମିକମାନେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ନିର୍ବାଚନ ପରବର୍ତ୍ତୀ ହିଂସା:ମରଣାନ୍ତକ ଆକ୍ରମଣ ଓ ଲୁଟ୍

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା କାଣ୍ଡ ଘଟିଥିବାର ଅଭିଯୋଗ ହୋଇଛି । ଏକ ନିର୍ଦ୍ଦିଷ୍ଟ ଦଳ ତରଫରୁ ସ୍ଥାନୀୟ ମହମ୍ମଦପୁର ଗ୍ରାମର ଏକ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି । ପରିବାରକୁ ଆକ୍ରମଣ କରିବା ସହ ଘରୁ ନଗଦ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବାର ଅଭିଯୋଗ ହୋଇଛି । କଟକ ସଦର ନିର୍ବାଚନ ମଣ୍ଡଳୀ ମହମ୍ମଦପୁର ଗ୍ରାମର ରାଜକିଶୋର ଦାସଙ୍କ ପୁତ୍ର ସୁନିଲ ବିଶ୍ୱହିନ୍ଦୁ ପରିଷଦର ଜଣେ ସକ୍ରିୟ ସଭ୍ୟ ଅଟନ୍ତି । ଗତ ନିର୍ବାଚନରେ ତାଙ୍କ ପରିବାର ଲୋକେ ବିଜେପି ଦଳ ନିମନ୍ତେ ପ୍ରଚାର କରିଆସୁଥିଲେ । ଗତ ୨୫ ତାରିଖ ଦିନ ମତଦାନ ଶେଷ ହେବା ପରେ ସ୍ଥାନୀୟ ବିଶ୍ୱନାଥପୁର ଓ ମହମ୍ମଦପୁର ଗ୍ରାମର ପ୍ରାୟ ୨୦ରୁ ୨୫ ଜଣ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ମାନେ ହାତରେ ମାରଣାସ୍ତ୍ର ଧରି ତାଙ୍କ ଘରର କବାଟ ଭାଙ୍ଗି ଘରେ ପ୍ରବେଶ କରିଥିଲେ । ସମ୍ପୃକ୍ତ ଦୁର୍ବୃତ୍ତମାନେ ରାଜକିଶୋରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେବା ସହ ତାଙ୍କର ପତ୍ନୀଙ୍କୁ ମଧ୍ୟ ଘରୁ ଘୋଷାଡି ଆଣି ବିଧା ଗୋଇଠା ମାରିଥିଲେ । ଏପରିକି ତାଙ୍କ ପରିବାର ବର୍ଗଙ୍କୁ ମାରାଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିବାକୁ ପଛାଇନଥିଲେ । ଦୁର୍ବୃତ୍ତମାନେ ଅତ୍ୟନ୍ତ ଅମାନୁଷିକ ଭାବେ ତାଙ୍କ ପରିବାର ବର୍ଗଙ୍କୁ ଆକ୍ରମଣ କରିବା ସହ ଘରେ ଥିବା ବିଭିନ୍ନ ଆସବାବ ପତ୍ରକୁ ଭଙ୍ଗାରୁଜା କରିଥିଲେ । ଏପରିକି ତାଙ୍କ ଠାକୁର ଘରକୁ ମଧ୍ୟ ଜଣେ ଭିନ୍ନ ସମ୍ପ୍ରଦାୟର ଯୁବକ ପ୍ରବେଶ କରି ଫୋପଡା ଫିଙ୍ଗା କରିଥିବାର ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ତାଙ୍କ ଘରେ ଥିବା ନଗଦ ୧୦ ହଜାର ଟଙ୍କା ଓ ସୁନା ଗହଣା ଲୁଟି ନେଇଥିବାର ଅଭିଯୋଗ ହୋଇଛି । ଜୟ ଶ୍ରୀରାମ ନାରା କାହିଁକି ଦେଉଛ ବୋଲି ଧମକ ଦେବା ସହ ଏଥର ଜୟ ଶ୍ରୀ ରାମ ନାରା ଦେଲେ ତାଙ୍କ ପରିବାକୁ ଜୀବନରୁ ମାରିଦେବାର ଖୁଲମ ଖୁଲା ଭାବେ ଧମକ ଦେଉଥିବାର ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ପରିବାର ଲୋକଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏ ସମ୍ପର୍କରେ ରାଜକିଶୋର କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଛି । ତେବେ କିଶନନଗର ଥାନା ପୋଲିସ ନାମକୁ ମାତ୍ର ମାମଲା ରୁଜୁ କରି ହାତବାନ୍ଧି ବସିଛି । ପୋଲିସ ରାଜନୈତିକ ଚାପରେ ଅଭିଯୁକ୍ତ ମାନଙ୍କୁ ଗିରଫ କରୁନଥିବାରୁ ପୋଲିସ ପ୍ରଶାସନର ନିରପେକ୍ଷତା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଋଷୀଙ୍କ ପୁଅ ପରୀକ୍ଷିତ ବିଶ୍ୱାସ +୨ କଳାରେ ନବରଙ୍ଗପୁର ଜିଲ୍ଲା ଟପ୍ପର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ବାପା ସାଧାରଣ ଋଷୀଟିଏ ଋଷ କାମ କରନ୍ତି । ମା’ ଲୋକଙ୍କ ଘରେ କୁଲିକାମ କରି ସେହି ପଇସାରେ ନିଜ ପୁଅକୁ ପାଠ ପଢ଼େଇ ଆଜି ସେହି ପୁଅ ହେଇଛି ଜିଲ୍ଲା ଟପ୍ପର । ସୂଚନା ଅନୁଯାଇ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର କଚରାପାରା ୩ ନମ୍ବର ଗ୍ରାମର ଫନି ବିଶ୍ୱାସଙ୍କ ପୁଅ ପରୀକ୍ଷିତ ବିଶ୍ୱାସ ଚଳିତ ବର୍ଷ ଯୁକ୍ତଦୁଇ କଳା ପରୀକ୍ଷାରେ ମୋଟ୍ ୬୦୦ ନମ୍ବରରୁ ୪୮୭ ନମ୍ବର ରଖି ୮୧.୧୭%ରେ ନବରଙ୍ଗପୁର ଜିଲ୍ଲାରେ ଟପ୍ପର ହୋଇ ଗୌରବ ଅର୍ଜନ କରିଛନ୍ତି । ପରୀକ୍ଷିତ ବିଶ୍ୱାସ ସପ୍ତମରୁ ଦଶମ ଯାଏ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖାତିଗୁଡା ଠାରେ ପଢିବା ପରେ ଯୁକ୍ତଦୁଇ ଉମରକୋଟ ଗୁରୁକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଥିଲେ । ତାଙ୍କର ଏହି କୃତିତ୍ୱରେ କଲେଜର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ନିଜକୁ ଗର୍ବିତ ମନେ କରିବା ସହ ପରୀକ୍ଷିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ପରୀକ୍ଷିତ ଏହି ପରୀକ୍ଷା ପାଇଁ ବହୁତ ପରିଶ୍ରମ କରୁଥିଲେ ଏବଂ ତାଙ୍କର ଏହି କୃତିତ୍ୱକୁ ନେଇ ତାଙ୍କ ମାତାପିତା ତଥା ପରିବାର ବର୍ଗଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ରାଇଘର ଭଳି ଏକ ଉପାନ୍ତ ଅଞ୍ଚଳର ଗୋଟେ ଋଷୀଙ୍କ ପୁଅ ଏତେ ମାର୍କରଖି ଉତ୍ତୀର୍ଣ୍ଣ ହେଇଛି ଏହାକୁ ସମଗ୍ର ରାଇଘର ବାସୀ ଜିଲ୍ଲାବାସୀ ଏବଂ ତାଙ୍କ ଗ୍ରାମବାସୀ ପରୀକ୍ଷିତ ବିଶ୍ୱାସଙ୍କୁ ପ୍ରଶଂସା କରିଛନ୍ତି ।



# କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁଙ୍କ ରୋଡ଼ ଶୋ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ହିମାଂଶୁ ଭୂଷଣ ମଲ୍ଲିକ ରଘୁନାଥପୁର ବ୍ଲକରେ ଏକ ବିଶାଳ ବାଇକ୍ ଓ ଅଟୋ ଶୋଭାଯାତ୍ରା କରିଛନ୍ତି । ଶୋଭାଯାତ୍ରାଟି ନୂଆପଡା ଛକ ନିକଟରୁ ଆରମ୍ଭ ହୋଇ ଜଇପୁର ଛକ ଦେଇ ଏରଡଙ୍ଗା, ପୁରୁଣାବସନ୍ତ, ରେଡୁଆ, ତଅଁରା, ଅଢେଇକୁଳ, ସାଦେଇପୁର, ତରିକୁନ୍ଦ, ଜୟଶୋଳ, ବରାଗୋଳ, ଜଗନ୍ନାଥପୁର, ରଘୁନାଥପୁର, ଧରାଧରପୁର, ପୁରଣ ଓଡପଡା, ଗୁଆଳିପୁର ଆଦି ପଞ୍ଚାୟତ ଦେଇ ତାରପୁର ବାଇପାସ୍ ଛକ ଠାରେ ଶେଷ ହୋଇଥିଲା । ବିଭିନ୍ନ ଛକରେ ଇଂ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ରଘୁନାଥପୁର ଅଟୋ ଋଳକ ସଂଘ ଇଂ ମଲ୍ଲିକଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇ ୫୦ରୁ ଉର୍ଦ୍ଧ୍ୱ ଏହି ରାଲିରେ ଯୋଗଦେଇଥିଲେ । ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ବାଇକ୍ ୧୫୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେଇଥିଲେ । ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ଉପ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି, ବ୍ଲକ ଯୁବ କଂଗ୍ରେସ ସଭାପତି ଅମରେଶ ରାଉତ, ବରାଗୋଳ ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ନାରାୟଣ ନାୟକ, ପରୀକ୍ଷିତ ନାୟକ, ଦିଲ୍ଲୀପ ବାରିକ, ଚୌଧୁରୀ ବିମଳକାନ୍ତ ଦାସ, ମନୋଜ ବିଶ୍ୱାଳ, ତ୍ରିଲୋଚନ ରାଉତ, ସୁଧାଂଶୁ ବିଶ୍ୱାଳ, ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ତ୍ରିଲୋଚନ ମହାରଣା, ଅଜୟ କୁମାର ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ବିଶ୍ୱଜିତ ମହାନ୍ତି, ମୁକ୍ତାର ଅଲ୍ଲୀ, ପ୍ରଫୁଲ୍ଲ ସାହୁ, ପ୍ରଦୀପ ନାୟକ, ବିଜୟ ସ୍ୱାଇଁ, ବିଚିତ୍ରନନ୍ଦ ନାୟକ, ମାନସ ଗୋଛାୟତ, ବ୍ରଜ ମଲ୍ଲିକ, ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ ।



# ବିଜେପିର ଦୁଇ କାଉନ୍‌ସିଲର ବିଜେଡ଼ିରେ ମିଶିଲେ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୟୁରଭଞ୍ଜ ଜିଲ୍ଲାଗସ୍ତ ଅବ୍ୟବହିତ ପୂର୍ବରୁ ମୟୁରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜେଡି ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ବିକାଶଧାରାରେ ଅନୁପ୍ରାଣିତ ଓ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ମଙ୍ଗଳବାର ବାରିପଦା ପୌରପାଳିକାର ନିର୍ବାଚିତ ବିଜେପିର ଦୁଇ ଜଣ କାଉନସିଲର ରାଜ ଗୁପ୍ତା (୩ ନମ୍ବର ୱାର୍ଡ) ଏବଂ ଭାଗ୍ୟଲକ୍ଷ୍ମୀ ନାଏକ (ୱାର୍ଡ ନମ୍ବର ୨୬)ଙ୍କ ଆହ୍ୱାନରେ ଶହ ଶହ ବିଜେପି କର୍ମୀଙ୍କୁ ନେଇ ଆସି ବିଜେଡି କାର୍ଯ୍ୟାଳୟରେ ବିଜେପି ଛାଡି ବିଜେଡିରେ ଯୋଗଦେଇଛନ୍ତି । ଉକ୍ତ ମିଶ୍ରଣ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ଯୋଗଦେଇ ନୂତନ ଭାବେ ଯୋଗ ଦେଇଥିବା କାଉନସିଲର ଦ୍ୱୟଙ୍କୁ ପୁଷ୍ପଗୁଚ୍ଛ ଓ ବିଜେଡି ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଅନ୍ୟ ଉପସ୍ଥିତ ଅତିଥିମାନେ ହେଲେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି (ବାଦଲ), ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ( ନଛି ), ଉପ ନଗରପାଳ ସୀମା ଦାସ, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ କୁମାର ନାୟକ ପ୍ରମୁଖ ସମେତ ଛାତ୍ର ସଭାପତି, ଯୁବ ସଭାପତି, ମହିଳା ସଭାପତି ସମସ୍ତ କାଉନସିଲର ବୃନ୍ଦ, ଛାତ୍ର, ଯୁବ, ମହିଳା ଓ ବିଭିନ୍ନ ଛାମୁଆ ସଂଗଠନର ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

# ସ୍କର୍ପିଓ ଧକ୍କାରେ ବାଇକ୍ ଚାଳକ ମୃତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ସୋମବାର ରାତ୍ରର ବିଳମ୍ବିତ ପ୍ରହର ରାତ୍ରିରେ କଟକ-ଚାନ୍ଦବାଲି ରାସ୍ତାର କଟିକଟା ବଜାରରେ ଏକ ସ୍କର୍ପିଓ ଧକ୍କାରେ ଜଣେ ବାଇକ୍ ଚାଳକଙ୍କର ମୃତ୍ୟୁ ଘଟିଛି । ମାହାଙ୍ଗା ଥାନା କୁରୁଜଙ୍ଗା ଗ୍ରାମପଞ୍ଚାୟତ ଭରତପଡା ଗ୍ରାମର ଉମାକାନ୍ତ ମିଶ୍ର (୩୪) ଏକ ବାଇକ୍ ଯୋଗେ ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଞ୍ଚାୟତ ମଲ୍ଲିପୁର ସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିରକୁ ଭୋଜି ଖାଇବା ନିମନ୍ତେ ଆସୁଥିଲେ । ଏହି ସମୟରେ କଟକଟା ବଜାରରେ ତାଙ୍କୁ ଦୃତଗତିରେ ଆସୁଥିବା ସ୍କର୍ପିଓ ଧକ୍କା ଦେଇଥିଲା । ଫଳରେ ଉମାକାନ୍ତ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଉମାକାନ୍ତଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ମୃତ ଉମାକାନ୍ତ ସ୍ଥାନୀୟ ମଲ୍ଲିପୁର ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀରେ ସଂକୀର୍ତ୍ତନ ମୃଦଙ୍ଗ ବାୟକ ରୂପେ କାର୍ଯ୍ୟ କରିଥାନ୍ତି । ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।



# କେନ୍ଦ୍ରାପଡ଼ା ପୌରାଞ୍ଚଳରେ ବିଜେଡ଼ିର ରୋଡ଼ ଶୋ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୫ନଂ ୱାର୍ଡରେ ବିଜେଡିର ରୋଡ ଶୋ କାର୍ଯ୍ୟକ୍ରମ କାଉନସିଲର ନିରାକାର ସ୍ୱାଇଁଙ୍କ ନେତୃତ୍ୱରେ ସାନମଙ୍ଗଳାରୁ ବାହାରି ୱାର୍ଡର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ପୌରଅଧକ୍ଷା ସରିତା ସାହୁ, ଯଜାତି ମହାନ୍ତି, ଜିଲ୍ଲା ସଭାପତି ଧିରେନ ସାହୁ, ସ୍ୱୟଂପ୍ରଭା କର, ସବିତା ରାଉତ, ଜ୍ୟୋସ୍ନାରାଣୀ ଚୌଧୁରୀ, ରଜନୀ ରାଉତ, ରାଜେଶ ମହାନ୍ତି, ହିରଣ୍ୟ ପଣ୍ଡା, ବାସୁଦେବ ପାଣି, ପ୍ରକାଶ ପରିଡା, ନିରଞ୍ଜନ ପରିଡା, ଦିଲୀପ ପରିଡା, ବିଷ୍ଣୁଚରଣ ବେହେରା, ରମେଶ ଚନ୍ଦ୍ର ସ୍ୱାଇଁ, ମନୋଜ ସ୍ୱାଇଁ, ସୁରେଶ ଦଣ୍ଡିଆ, ନିବେଦିତା ସ୍ୱାଇଁ, ଦେବେନ୍ଦ୍ର ରାଉତ ପ୍ରମୁଖ ଶୋଭାଯାତ୍ରାରେ ଯାଇ ୱାର୍ଡର ପ୍ରତ୍ୟେକ ଘରେ ଭୋଟର ମାନଙ୍କୁ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଯୋଡି ଶଙ୍ଖ ଚିହ୍ନରେ ଭୋଟ୍ ଦେବାପାଇଁ ନିବେଦନ କରିଥିଲେ ।

# ଚୌଦ୍ୱାରରେ ମୋ ବସ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

୮୦ ନମ୍ବର ରୁଟ୍‌ରେ କଟକରୁ ଚୌଦ୍ୱାର ଯାତାୟତ କରୁଥିବା ସରକାରୀ ମୋ ବସ୍‌ର ଜଣେ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡ଼ିଛି । ଚୌଦ୍ୱାର ପୋଲିସ୍ ସୂତ୍ରରୁ ପ୍ରକାଶଯେ ମଙ୍ଗଳବାର ଅପରାହ୍ନରେ ମୋ ବସ୍‌ଟି କଟକରୁ ଚୌଦ୍ୱାର ଆସି ତାର ଶେଷ ରହଣୀସ୍ଥଳ ଆଗ୍ରାହାଟ ସ୍ଥିତ ଡିଏମ୍‌ଟିଆଇ ଛକରେ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇ କଟକ ଅଭିମୁଖେ ଯିବାକୁ ବହାରୁଥିବା ବେଳେ ୩ ଜଣ ଯୁବକ ଏକ କଳା ରଙ୍ଗର ପଲ୍‌ସର ବାଇକ୍‌ରେ ଆସି ବସ୍ ସମ୍ମୁଖରେ ବାଇକ୍ ରଖି ହଠାତ୍ ବସ୍‌ର ଡ୍ରାଇଭର ସୁକାନ୍ତ ଦାସଙ୍କୁ ଗାଳି ଗୁଲଜ କରିବା ସହିତ ଗାଡ଼ିରୁ ତଳକୁ ଟାଣିଆଣି ଧାରୁଆ ମାରଣାସ୍ତ୍ରରେ ତାଙ୍କ ହାତ, ଗୋଡ଼ ଓ ମୁଣ୍ଡକୁ ହାଣି ଦେଇଥିଲେ । ଏହାକୁ ଦେଖି ସ୍ଥାନୀୟ ଲୋକେ ଜମା ହୋଇଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଗୁରୁତର ଆହତ ସୁକାନ୍ତଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ପ୍ରଥମେ ଟାଙ୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ମେଡ଼ିକାଲକୁ ନିଆଯାଇଛି । ଆକ୍ରମଣର ସଠିକ୍ କାରଣ ଜଣାପଡ଼ିନାହିଁ । ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଜାରକାରେ ବିଜେପିର ବିଜୟ ସଂକଳ୍ପ ସମାବେଶ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବାସୀ ନୀଳବର୍ଣ୍ଣ ଶୃଗାଳକୁ ଚିହ୍ନିଥାଆନ୍ତୁ । ଖଣି ମାଫିଆଙ୍କ ପଇସାରେ ବଢିଛନ୍ତି ସେମାନେ । ଗେରୁଆ ଗାମୁଛା ପକାଇ ବୁଲୁଛନ୍ତି । ସେମାନଙ୍କୁ ଉଚିତ୍ ଜବାବ ଦିଅନ୍ତୁ ଏଠାରୁ ବିଦା କରନ୍ତୁ । ପଦ୍ମ ଫୁଲରେ ଭୋଟ୍ ଦେଇ ସ୍ମୃତିରେଖା ପହି ଓ ସାଂସଦ ପ୍ରାର୍ଥୀ ବିଜୟ କୁମାର ବେହେରାଙ୍କୁ ଆଶୀର୍ବାଦ କରନ୍ତୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୋଟ୍ ଦେଇ ଦାୟିତ୍ୱ ଦିଅନ୍ତୁ । ଧର୍ମଶାଳାର ସବୁକ୍ଷେତ୍ରରେ ଉନ୍ନତି ହେବ । ଓଡ଼ିଶା ୧ନଂ ରାଜ୍ୟ ହେବ । ମଙ୍ଗଳବାର ମଧ୍ୟାହ୍ନରେ ଜାରକା ମହୋତ୍ସବ ପଡିଆରେ ଦଳପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେପି କର୍ମୀଙ୍କୁ ଉଦ୍‌ବୋଧନ ଦେଇ ବିରୋଧୀଙ୍କୁ ଆକ୍ଷେପ କରିଥିଲେ । ଧର୍ମଶାଳା ବିଜେପି ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଂକଳ୍ପ ସମାବେଶରେ ଯାଜପୁର ସାଂସଦ ପ୍ରାର୍ଥୀ ରବିନ୍ଦ୍ର କୁମାର ବେହେରା ଓ ଭୁବନେଶ୍ୱର ପ୍ରାର୍ଥୀ ବାବୁସିଂହ ପ୍ରମୁଖ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମାବେଶରେ ସମସ୍ତ ମଣ୍ଡଳ ସଭାପତି ଜିଲ୍ଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ । ପ୍ରବଳ ଗରମ ଓ ଗୁଳୁଗୁଳି ସତ୍ତ୍ୱେ ହଜାର ହଜାର କର୍ମୀ ଶ୍ରୀ ପ୍ରଧାନଙ୍କ ଭାଷଣ ଶୁଣିବା ପାଇଁ ସକାଳ ୯ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩୦।୫।୨୦୨୪, ଜ୍ୟେଷ୍ଠ ଦି୧୭ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୦୭।୪୬** **ଚନ୍ଦ୍ରୋଦୟ- ରାଘ ୧୨।୨୦।୧୯**

ସପ୍ତମୀ- ଦିଘ ୧୧।୪୪ ପର୍ଯ୍ୟନ୍ତ । ଧନିଷ୍ଠା ନକ୍ଷତ୍ର - ପ୍ରାଘ ୭।୩୧ ପର୍ଯ୍ୟନ୍ତ । କୁମ୍ଭ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଏବଂ ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧୧।୪୪ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଘ ୬।୦୩ ମଧ୍ୟେ, ଦିଘ ୯।୩୩ ଗତେ ଘ ୧୧।୧୮ ମଧ୍ୟେ । **ପର୍ବୋତ୍ସବ -** ଉତ୍କଳେ ଭଉଁରି, ଶ୍ରୀକ୍ଷେତ୍ରେ ହଳଦି ପାଣି ।



**ମେଷ:** ଆଜି ଆପଣଙ୍କର ଆୟ ଯୋଗ । ସୁସମ୍ବାଦ ପାଇ ଖୁସି ହେବେ । ସତ୍ କର୍ମରେ ନିଜକୁ ନିୟୋଜିତ କରନ୍ତୁ । ଦୂରଯାତ୍ରା କରି ସଫଳ ହେବେ । ମହିଳାମାନେ ସୁଖୀ ହେବେ । ଗୃହେ ଆନନ୍ଦ ଲାଭ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ନୂତନ ବନ୍ଧୁ ଦର୍ଶନର ସୁଯୋଗ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ମିଥୁନ:** ଦେବ ଦର୍ଶନ ସାଙ୍ଗକୁ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଲାଗି ରହିଥିବା ବିବାଦର ସମାଧାନ ଘଟିବାକୁ ବିଳମ୍ବ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଘରେ ଅଶାନ୍ତି ଦେଖାଦେବାର ସୂଚନା ।



**କର୍କଟ:** ଶାରୀରିକ କଷ୍ଟ ଅନୁଭବ କରିବେ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁ ନାଶ ହେବ । ଦୂରଯାତ୍ରାର ସୁଯୋଗ ସୃଷ୍ଟି ହୋଇପାରେ । ଘରେ ସୁଖ ଶାନ୍ତି ରହିବ । ବ୍ୟୟର ମାତ୍ରା ବଢ଼ିବ ।



**ସିଂହ:** ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ ।



**କନ୍ୟା:** ଶତ୍ରୁଙ୍କ ଭୟ ଲାଗି ରହିବ । ଶୁଭ କାର୍ଯ୍ୟ କରିବେ । ମାନସିକ ଶାନ୍ତି ରହିବ ନାହିଁ । ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବେ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ଲାଗି ରହିବାର ସୂଚନା ।



**ତୁଳା:** ଉପଯୁକ୍ତ ପରାମର୍ଶ ଗ୍ରହଣ କରି କାର୍ଯ୍ୟ କଲେ ଉପକୃତ ହେବେ । ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି । ଶୁଭ ଖବର ପାଇ ଖୁସି ହେବେ । ପାରିବାରିକ ସୁଖ ସନ୍ତୋଷ ଲାଭ ହେବାର ସୂଚନା ।



**ବିଛା:** କେତେକ କ୍ଷେତ୍ରରେ ଭୁଲ୍ ବୁଝାମଣାର ଶିକାର ହୋଇପାରନ୍ତି । ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଧୈର୍ଯ୍ୟ ହାନି ଘଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଲାଭ ହେବ ।



**ଧନୁ:** ସାମାଜିକ ସ୍ତରରେ ସମ୍ମାନୀତ ହୋଇପାରନ୍ତି । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦିଅଁ ଦର୍ଶନର ସୁଯୋଗ । ଆୟରେ ଉନ୍ନତି ହେବ । ପରିବାରରେ ଆନନ୍ଦ ଲାଗି ରହିବ । ଦେହ ଭଲ ରହିବ ।



**ମକର:** ଆଶା ରଖି କାର୍ଯ୍ୟ କଲେ ସଫଳ ହେବେ । ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ । ରୋଜଗାରର ପରିମାଣ ବଢ଼ିବ । ପ୍ରତ୍ୟୁଷର ଯାତ୍ରା ସଫଳ ହେବ । ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜ୍‌ଲିସ୍‌ରେ ସମୟ କଟିବ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ଦେହ ଓ ମନ ଭଲ ରହିବ । ଉତ୍ତମ ଭୋଜନ ମିଳିବ । ଭଲ ଆୟ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଆୟ ପୂର୍ବ ପରି ସ୍ଥିର ରହିବ ।



**ମୀନ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ବଢ଼ିବ । ପରିବାରରେ ଅଶାନ୍ତି ଦେଖାଦେବ । ଯାହା ପାଇବାର ଆଶା ରଖିଛନ୍ତି ତାହା ବିଳମ୍ବରେ ପ୍ରାପ୍ତ ହେବ । ଅଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବାର ସୂଚନା ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩୧।୫।୨୦୨୪, ଜ୍ୟେଷ୍ଠ ଦି୧୮ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୦୭।୩୯** **ଚନ୍ଦ୍ରୋଦୟ- ରାଘ ୧୨।୪୯।୦୬**

ଅଷ୍ଟମୀ- ଦିଘ ୯।୩୯ ପର୍ଯ୍ୟନ୍ତ । ଶତଭିଷା ନକ୍ଷତ୍ର - ପ୍ରାଘ ୬।୧୩ ପର୍ଯ୍ୟନ୍ତ । ପୂର୍ବଭାଦ୍ର ନକ୍ଷତ୍ର କ୍ଷୟ - ନିଘ ୪।୪୮ । କୁମ୍ଭ ଚନ୍ଦ୍ର- ରାଘ ୧୧।୦୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ରାଘ ୧୧।୦୯ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୧୧।୦୯ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୯।୩୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୩ ଗତେ ଘ ୬।୫୫ ମଧ୍ୟେ, ଦିଘ ୧୨।୧୧ ଗତେ ଘ ୨।୪୯ ମଧ୍ୟେ । **ପର୍ବୋତ୍ସବ -** ଶରଣ ଶେଷ ।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ଏବେବି ଭରସା ଋଷ୍ ତେଲ

ଋଷରୁ ଭାରତ ଅଧିକ ପରିମାଣରେ ଅଶୋଧିତ ତେଲ ଆମଦାନି କରୁଛି । ତେଲ ଉପରେ ପୂର୍ବରୁ ଋଷ ପ୍ରଦାନ କରୁଥିବା ରିହାତି ହ୍ରାସ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ସତ୍ତ୍ୱେ ଭାରତ ଏହି ଦେଶରୁ ଅଧିକ ତେଲ ଆମଦାନି ଜାରି ରଖିଛି । ଭାରତର ମୋଟ ତେଲ ଆମଦାନିରେ ଋଷର ଯୋଗଦାନ ୨୦୨୩-୨୪ ଆର୍ଥିକ ବର୍ଷରେ ୩୫ ପ୍ରତିଶତ ରହିଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ ଏହାର ମୋଟ ତେଲର ୨୩ ପ୍ରତିଶତ ଋଷରୁ ଆମଦାନି କରିଥିଲା ବୋଲି ଶକ୍ତି କର୍ଗୋ ଟ୍ରାକର ଭର୍ଟେକ୍ସାର ରିପୋର୍ଟରୁ ଜଣାଯାଇଛି । ଅନ୍ୟପକ୍ଷରେ ବିଶ୍ୱର ଅନ୍ୟ ପ୍ରମୁଖ ତୈଳ ଯୋଗାଣକାରୀ ରାଷ୍ଟ୍ର ଇରାକ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରୁ ଭାରତର ତେଲ ଆମଦାନି ଅଂଶ ହ୍ରାସ ପାଇଛି । ଭାରତର ମୋଟ ତେଲ ଆମଦାନିରେ ଇରାକର ଅଂଶ ୨୦ ପ୍ରତିଶତକୁ, ସାଉଦି ଆରବର ୧୫ ପ୍ରତିଶତକୁ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ୬ ପ୍ରତିଶତକୁ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବଜାର ଅଂଶ ୩.୫ ପ୍ରତିଶତକୁ କମିଛି । ୨୦୨୩-୨୪ରେ ଋଷ ଭାରତକୁ ଦୈନିକ ୧.୫୭ ନିୟୁତ ବ୍ୟାରେଲ ଅଶୋଧିତ ତେଲ ଯୋଗାଇ ଦେଇଛି, ଯାହାକି ୨୦୨୨-୨୩ରେ ଦୈନିକ ୧ ନିୟୁତ ବ୍ୟାରେଲରେ ରହିଥିଲା । ଅନ୍ୟପକ୍ଷରେ ଭାରତକୁ ଇରାକ ୨୦୨୨-୨୩ରେ ଦୈନିକ ୦.୯୫ ନିୟୁତ ବ୍ୟାରେଲ ଅଶୋଧିତ ତେଲ ପ୍ରଦାନ କରିଥିବାବେଳେ ୨୦୨୩-୨୪ରେ ଏହା ୦.୮୯ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି । ସେହିଭଳି ଉପରୋକ୍ତ ସମୟ ମଧ୍ୟରେ ସାଉଦି ଆରବରୁ ଭାରତର ତେଲ ଆମଦାନି ଦୈନିକ ୦.୭୮ ନିୟୁତ ବ୍ୟାରେଲରୁ ୦.୬୯ ନିୟୁତ ବ୍ୟାରେଲକୁ କମିଛି । ପରିବହନଜନିତ ଅସୁବିଧା ସତ୍ତ୍ୱେ ଭାରତୀୟ ବିଶୋଧନକାରୀମାନେ ଋଷରୁ ଅଶୋଧିତ ତେଲ ଆମଦାନି କରିବାକୁ ପସନ୍ଦ କରୁଛନ୍ତି । ଏହାର କାରଣ ହେଲା ଋଷ୍ ପ୍ରଦାନ କରୁଥିବା ରିହାତି । ୟୁକ୍ରେନ ସହିତ ଯୁଦ୍ଧ ପରଠାରୁ ଋଷ ତେଲ ଉପରେ ପ୍ରଦାନ କରୁଥିବା ରିହାତି କମାଇ ଚାଲିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଋଷ୍ ଏହାର ଅଶୋଧିତ ତେଲ ଉପରେ ବ୍ୟାରେଲ ପିଛା ୩୦ ଡଲାର ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଥିଲା । କିନ୍ତୁ ଏବେ ଏହା ବ୍ୟାରେଲ ପିଛା ୨ରୁ ୩ ଡଲାରକୁ ହ୍ରାସ ପାଇଛି । ଏହା ସତ୍ତ୍ୱେ ଉକ୍ତ ଦେଶରୁ ଭାରତର ତେଲ ଆମଦାନି ବଢ଼ିଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

**ସତ୍ୟ ଭାଗବତ**

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁର୍ଗା, କ୍ଷମା, ଶିବା, ଧାତ୍ରୀ**
**ସ୍ୱାହା ସ୍ୱଧା ନମୋସ୍ତୁତେ ।'**

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ବାବା ଭକ୍ତଙ୍କୁ ବିଭିନ୍ନ ଦ୍ରବ୍ୟ ବାଣ୍ଟିଲେ ଓ ଅମୃତ ଚଖେଇଲେ


ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୬୧**

କୃର୍ସଲେ ପାହାଡରେ ଦିନେ ସନ୍ଧ୍ୟାରେ ମରଫେଟ୍ ତାଙ୍କ ପତ୍ନୀ ଆଇରିସ୍ ଓ ଆଉକିଛି ଭକ୍ତ ବାବାଙ୍କ କୋଠରୀର ଚଟାଣ ଉପରେ ବାବାଙ୍କୁ ଘେରି ବସିଗଲେ । ହଠାତ୍ ବାବା ମରଫେଟ୍‌ଙ୍କୁ ତାଙ୍କ ଜନ୍ମବର୍ଷ ପଚାରିଲେ । ସେ ତାହା କହିଲଶରୁ ବାବା କହିଲେ, 'ମୁଁ ତୁମକୁ ସେଇ ବର୍ଷ ବାହାରିଥିବା ଗୋଟିଏ ଆମେରିକୀୟ ମୁଦ୍ରା ଆଣିଦେବି । ଏହାପରେ ବାବା ତାଙ୍କ ହାତ ମୁଠାକୁ ତଳ ମୁହାଁ କରି ଶୂନ୍ୟରେ ବୃତ୍ତାକାରରେ ବୁଲେଇଲେ ଓ କହିବାକୁ ଲାଗିଲେ ଏଇ ଆସୁଛି, ଆସିଛି ଆସିଗଲ । ଏହାକହି ହାତ ମୁଠାକୁ ବନ୍ଦ କରି ଦେଲେ । ତା'ପରେ ହସିହସି ମରଫେଟ୍‌ଙ୍କ ଖୋଜା ହାତ ମୁଠାରେ ଏକ ମୁଦ୍ରା ଛାଡିଦେଲେ । ମରଫେଟ୍ ଦେଖିଲେ, ତାଙ୍କ ହାତ ମୁଠାରେ ରହିଛି ଏକ ୧୦ ଡୋଲାରର ସ୍ୱର୍ଣ୍ଣ ନିର୍ମିତ ଆମେରିକା ନିର୍ମିତ ଏକ ମୁଦ୍ରା । ମୁଦ୍ରାର ମୁକ୍ତି ମୂର୍ତ୍ତିର ପାର୍ଶ୍ୱଦୃଷ୍ଟି ମୁଖ ମଣ୍ଡଳ ତଳକୁ ମରଫେଟ୍‌ଙ୍କ ଜନ୍ମ ବର୍ଷ ମୁଦ୍ରିତ ହୋଇଥିବା ଦେଖି ମରଫେଟ୍ ଆନନ୍ଦିତ ହେଲେ ।

ଏହାପରେ ଦିନେ ବାବା ଓ ତାଙ୍କ ଅନୁଗାମୀମାନେ କାର୍‌ରେ ଡାକ ବଙ୍ଗଳାର କିଛି ଦୂରରେ ଥିବା ଏକ ବାଲିଚରରେ ଯାଇ ପହଞ୍ଚିଲେ । ବାବା ତାଙ୍କ ଦଳର କିଛି ଯୁବକ ଭକ୍ତଙ୍କୁ ତାଙ୍କ ପାଇଁ ଏକ ବାଲିମଣ୍ଡପ ଗଢିବାକୁ କହିଲେ । ଯୁବକ ଭକ୍ତମାନେ ହାତରେ ବାଲି ଖୋଳି ଚାରିଫୁଟ ଲମ୍ବା, ଚାରିଫୁଟ ଓସାରର ପ୍ରାୟ ଏକଫୁଟ ଉଚ୍ଚର ଏକ ସମତଳ ମଣ୍ଡପ ତିଆରି କରିଦେଲେ । ବାବା ଏହାର ଉଖରେ ଚକାମାରି ବସିଲେ । ମରଫେଟ୍ ଦମ୍ପତି ଓ ଅନ୍ୟଭକ୍ତମାନେ ବାବାଙ୍କୁ ଏପରି ଅର୍ଦ୍ଧ ବୃତ୍ତାକାରରେ ବସିଲେ । ବାବା ସବୁଥର ପରି ପ୍ରଥମେ ଆଧ୍ୟାତ୍ମିକ ପ୍ରବଚନ କରି ସ୍ଥାନଟକୁ ଶୁଦ୍ଧ ଓ ରଂଜୁତ କରିଦେଲେ । ଏହାପରେ ବାଲିଉପରେ ସେ ଏକ ମଣିଷର ଚିତ୍ର ଆଙ୍କିଲେ । ବାବା ଶିଶୁଟିଏ ଭଳି ହସି ହସି ଏଚିତ୍ର ଉପରେ ପ୍ରାୟ ଛଅ ଇଞ୍ଚ ଉଚ୍ଚର ବାଲି କୁଢେଇଲେ । ତାପରେ ପ୍ରାୟ ସେଇ ବାଲିକୁଦ ଭିତରୁ ଏକ ରୂପାର ମୂର୍ତ୍ତି ବାହାର କରି ଆଣିଲେ । ଏହାଥିଲା ଭଗବାନଙ୍କ ମୂର୍ତ୍ତି । ସମସ୍ତେ ଦେଖି ପାରିବା ଭଳି ଉପରକୁ ଟେକି ଧରି ତାକୁ ଏକ ପାଖକୁ ରଖିଦେଲେ । ଭଗବାନଙ୍କ ରୂପା ଏହି ମୂର୍ତ୍ତିର ଉଚ୍ଚତା ଥିଲା ପ୍ରାୟ ଚାରିଇଞ୍ଚ । ବାବା ସେ ବାଲିଗଦାରେ ପୁଣି ଏକ ଚିତ୍ର ଆଙ୍କିଲେ । ପୂର୍ବପରି ସେ ହସିହସି ବାଲିଗଦାର ପ୍ରାୟ ଏକଇଞ୍ଚ ତଳୁ ଏକ ଫଟୋ ବାହାର କଲେ । ଏହି ଫଟୋର ଲମ୍ବ ଓ ଓସାର ଯଥାକ୍ରମେ ପ୍ରାୟ ଦଶଇଞ୍ଚ ଓ ଅଠରଇଞ୍ଚ ଥିଲା । ଏହାକୁ ସେ ତାଙ୍କୁ ନିମନ୍ତ୍ରଣ କରିଥିବା ଓ ଶ୍ରୀମତୀ ଟ.ଏ. ରମାନାଥ ରେଡିଙ୍କୁ ପ୍ରଦାନ କଲେ । ସେଇ ଫଟୋରେ ପ୍ରାୟ ଅନେକ ହିନ୍ଦୁ ଦେବତା ଓ ଅବତାର ମାନେ ଦୁଇ ଧାଡିରେ ବସିଥିବା ବେଳେ ସର୍ବାଗ୍ରେ ଶ୍ରୀକୃଷ୍ଣ ରହିଥିଲେ । ସେଇ ବାଲି ଭିତରୁ ବାହାର କରି ଗୋଟିଏ ଜପମାଳା ବାବା ସେଠାର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ସେହିପରି ସେଠାରେ ଉପସ୍ଥିତ ଥିବା ଜଣେ ଉଚ୍ଚ ପଦସ୍ଥ ରାଜସ୍ୱ ଅଧିକାରୀଙ୍କୁ ସେ ଏକ ପଦକ ଲାଗିଥିବା ହାରଟିଏ ପ୍ରଦାନ କରିଥିଲେ ।



ସେଦିନର ସବୁଠାରୁ ଶ୍ରେଷ୍ଠ ଦ୍ରବ୍ୟ ଥିଲା ଅମୃତ । ସେଇ ବାଲି ଗଦା ଭିତରୁ ବାବା ଏକ ଢାଙ୍କୁଣୀ ଥିବା ରୂପାର ପାତ୍ର ବାହାର କଲେ । ବାବା ଏହି ପାତ୍ରର ଢାଙ୍କୁଣୀ ଖୋଲି ଧରିବାରୁ ଛାତଟି ସୁରକ୍ଷାରେ ମହକି ଉଠିଥିଲଶ । ବାବା ତାପରେ ଏକ ରୂପା ଚାମଚ ସୃଷ୍ଟିକରି ସେଠାରେ ଉପସ୍ଥିତ ଥିବା ପ୍ରତ୍ୟେକ ଭକ୍ତଙ୍କୁ ଗାଡିରେ ଏକ ଚାମଚ ଲେଖାଏଁ ସେଇ ତରଳ ପଦାର୍ଥ ଯାହାକି ପ୍ରତ୍ୟେକ ଅମୃତ ଢାଳି ଦେଲେ । ଭକ୍ତମାନେ ଅନୁଭବ କଲେ ଏହି ଅମୃତ ଯେପରି ସୁଗନ୍ଧ ସେହିପରି ଖାଇବାକୁ ସୁସ୍ୱାଦୁ ଓ ରୁଚିକର । (କ୍ରମଶଃ)

# ତିନି ମାଙ୍କଡ଼ ପ୍ରସଙ୍ଗ


ଡଃ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ସାଙ୍କେତିକ ତିନି ମାଙ୍କଡ଼ ଭାରତର ସ୍ୱାଧିନତା ଆନ୍ଦୋଳନକୁ ସତ୍ୟ ଓ ଅହିଂସା ମାର୍ଗରେ ପରିଚାଳନା କରିବା ପାଇଁ ଖୋରାକ୍ ଯୋଗାଇଥିଲେ । ଜଣେ ମାଙ୍କଡ଼ ଖରାପ କଥା ଦେଖିବ ନାହିଁ ବୋଲି ଆଖି ବନ୍ଦ କରିଥିବାବେଳେ ଅନ୍ୟ ଦୁଇ ମାଙ୍କଡ଼ ଖରାପ କଥା ଶୁଣିବ ନାହିଁ ଏବଂ ଖରାପ କଥା କହିବ ନାହିଁ ବୋଲି କାନ ଓ ପାଟି ବନ୍ଦ କରିଥିବାର ତିନୋଟି ମାଙ୍କଡ଼ ମୂର୍ତ୍ତି ସମସ୍ତଙ୍କ ପାଖରେ ସୁପରିଚିତ । ଚୀନା ମାଟିରେ ପ୍ରସ୍ତୁତ ଉକ୍ତ ମୂର୍ତ୍ତି ଜାପାନର ସନ୍ଥ ନିଶିଦସ୍ତୁ ଫୁଂଜି ଗାନ୍ଧିଜୀଙ୍କୁ ପ୍ରଦାନ କରିଥିଲେ । ଜାପାନର ନୀତିବାଣୀ ଅନୁସାରେ ଉକ୍ତ ମୂର୍ତ୍ତି ଗୁଡ଼ିକ 'ଅନାବିଷ୍କୃତ ଏବଂ କ୍ୱଚିତ ବୋଧଗମ୍ୟ' ସାରଗର୍ଭକ କଥା ବସ୍ତୁକୁ ବୁଝାଇ ଥାଆନ୍ତି । ଅଦ୍ୟାବଧି ଏହି ତିନି ମାଙ୍କଡ଼ ପ୍ରତି ଭାରତୀୟଙ୍କ ପାଇଁ ଆଦର୍ଶ ରୂପେ ଉଭା ହୋଇଛନ୍ତି । ତେବେ ପରିବର୍ତ୍ତିତ ସମୟ ଏବଂ ପରିସ୍ଥିତିରେ କିଛି ଲୋକ ଏହି ସାଙ୍କେତିକ ମୂର୍ତ୍ତି ମାନଙ୍କର କଦର୍ଥ କରି କୁହନ୍ତି ଖରାପ କଥା ସିନା ଦେଖିବନି, କହିବାକୁ କିମ୍ବା ଶୁଣିବାକୁ କିଏ କ'ଣ ମନା କରିଛି ? ଠିକ୍ ସେହିଭଳି ଖରାପ କଥା ସିନା କହିବ ନାହିଁ, ଶୁଣିବାକୁ କିମ୍ବା ଦେଖିବାକୁ କ'ଣ ମନା ? ଶେଷରେ ଯିଏ ଖରାପ କଥା କହିବ ନାହିଁ ସିଏ କ'ଣ ଶୁଣିବା ଆଉ ଦେଖିବା ମନା ? ଏହାର ଅର୍ଥ ହେଉଛି ମଣିଷ ଗୋଟିଏ ଇନ୍ଦ୍ରିୟକୁ ବନ୍ଦ କରିବା କିମ୍ବା ନିୟନ୍ତ୍ରଣ କରିବାକୁ ଚାହିଁଲେ ଅନ୍ୟ ଇନ୍ଦ୍ରିୟମାନେ ଅଧିକ ମାତ୍ରାରେ କ୍ରିୟାଶୀଳ ହୋଇ ଯାଆନ୍ତି । ତେଣୁ ପାଞ୍ଚ କର୍ମେନ୍ଦ୍ରିୟ ଓ ପାଞ୍ଚ ଜ୍ଞାନେନ୍ଦ୍ରିୟ ମାନଙ୍କୁ ଆମେ ସମସ୍ତେ ନିୟନ୍ତ୍ରଣ ରଖିବା ଦରକାର । କାରଣ ଗୋଟିଏ ଇନ୍ଦ୍ରିୟ ଅନ୍ୟ ଇନ୍ଦ୍ରିୟ /ଇନ୍ଦ୍ରିୟ ମାନଙ୍କ ଦ୍ୱାରା ପରିଚାଳିତ ବା ନିୟନ୍ତ୍ରିତ ହୋଇଥାଏ । ସମାଜରେ ଏହି ପରିବର୍ତ୍ତିତ ତିନି ମାଙ୍କଡ଼ର ଉପାଖ୍ୟାନ ଅନେକ ଅଛନ୍ତି ଉଦାହରଣ ସ୍ୱରୂପ ଜଣେ ଲାଞ୍ଚୁଆ ଅଧିକାରୀ ମୁହଁରେ ଲାଞ୍ଚ ମାଗି ନପାରେ କିନ୍ତୁ ଲାଞ୍ଚ ପାଇବାର ଅନେକ ଆଦବ କାଇଦା ଓ ଉପାୟକୁ ସିଏ ସ୍ପଷ୍ଟ ଦେଖିପାରେ । ଜଣେ କାନରେ ଅନ୍ୟ କାହାର କୁତ୍ସାରଟନା କିମ୍ବା ବିରୋଧାଭାଷ ଶୁଣି ନପାରେ କିନ୍ତୁ ଆଖିରେ ଅନ୍ୟ ଉପରେ ହେଉଥିବା ଅଶାଳୀନ ବ୍ୟବହାର ଦେଖିପାରେ କିମ୍ବା ଅନ୍ୟପ୍ରତି ଅସଭ୍ୟ ତଥା ଈର୍ଷାପୂର୍ଣ୍ଣ ଭାଷା କହିପାରେ । ଠିକ୍ ସେହିପରି କୌଣସି କୁକାର୍ଯ୍ୟକୁ ମଣିଷ ନିଜ ସ୍ୱଚକ୍ଷୁରେ ଦେଖି ନପାରେ କିନ୍ତୁ ଅନ୍ୟ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ଶୁଣିପାରେ କିମ୍ବା ନିର୍ଯାତନାର ଭାଷା ବ୍ୟବହାର କରିପାରେ । ଏସବୁ ଭିତରେ କେଉଁଟା ଭଲ କେଉଁଟା ଭେଲ ତାହା ବଖାଣିବା ନିଷ୍ପ୍ରୟୋଜନ । କାରଣ ଆମ ସମସ୍ତଙ୍କ ପାଇଁ ଉକ୍ତ ତିନୋଟି ଚରିତ୍ରର ସମ୍ମିଳିତ ଦର୍ଶନ ଆବଶ୍ୟକ । କେବଳ ନୀତି ବିରୁଦ୍ଧ ତଥା ଅସାମାଜିକ କଥା ଶୁଣିବା, ଦେଖିବା ଏବଂ କହିବା ବନ୍ଦ କରିଦେଲେ ଚଳିବ ନାହିଁ କାରଣ ସମାଜରେ କ୍ରାନ୍ତିକାରୀ ତଥା ଯୁକ୍ତାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଆମେ ସମସ୍ତେ ଜଣେ ଜଣେ ସାରଥି । ସ୍ଥାନ, କାଳ ଓ ପାତ୍ର ଭେଦରେ ଖରାପ କଥା ଦେଖି କିମ୍ବା ଶୁଣି ସେଠାରୁ ନିଜକୁ ଦୂରେଇ ଆଣିବା ଅପେକ୍ଷା ଉକ୍ତ ପରିବେଶ ଓ ପରିସ୍ଥିତି ଗୁଡ଼ିକର ସମାଧାନ କରିବା ପାଇଁ ଆମେ ସମସ୍ତେ ଚେଷ୍ଟିତ ହେବା ଦରକାର । 'ଆପେ ବଞ୍ଚିଲେ ବାପାର ନାଁ' ନ୍ୟାୟରେ ସତ୍ୟ ଓ ଅହିଂସାକୁ କେବଳ ନିଜ ମଧ୍ୟରେ ଜାବୋଡ଼ି ଧରିଲେ ଚଳିବ ନାହିଁ ବରଂ ଏହାର ପ୍ରଚାର ଓ ପ୍ରସାର ଜରୁରୀ । ଖରାପ ବା ସମାଜ ବିରୋଧି କାର୍ଯ୍ୟକୁ ଦେଖି କିମ୍ବା ଶୁଣି ନିରବ ରହିବା କିମ୍ବା ସେଠାରୁ ଦୂରେଇ ଯିବା ଅପରାଧ କରିବା ସଙ୍ଗେ ସମାନ । ତେଣୁ ଜଣେ ସଚେତନ ନାଗରିକ ହିସାବରେ ନିଜକୁ ସଜ୍ଜିତ କରିବା ସହିତ ସାମାଜିକ ଅନୁଶାସନ, ଶୃଙ୍ଖଳା ତଥା ଉନ୍ନତି କଳ୍ପେ କାର୍ଯ୍ୟ କରିବା ରାଷ୍ଟ୍ରଧର୍ମ । ସେଥିପାଇଁ ଉକ୍ତ ତିନି ମାଙ୍କଡ଼ଙ୍କର ତାତ୍ତ୍ୱିକ ଅର୍ଥକୁ ସଠିକ ଭାବେ ବୁଝିବା ଆବଶ୍ୟକ । ପାଞ୍ଚ ଆଙ୍ଗୁଳି ମଧ୍ୟରେ ଯେମିତି ଅସମାନତା ଠିକ୍ ସେହିଭଳି ଲୋକମାନଙ୍କ ମଧ୍ୟରେ ମଧ୍ୟ ଅସମାନତା ରହିଛି । ଯେଉଁମାନେ ଅନ୍ତତଃ ସଚେତନ ନାଗରିକ ସେମାନେ ଏ ଦିଗରେ ସମୟୋପଯୋଗୀ ପଦକ୍ଷେପ ନେଇ ପାରିଲେ ଉଭୟ ବ୍ୟକ୍ତିଗତ ଏବଂ ସାମାଜିକ ଅପରାଧ ଅନେକ ମାତ୍ରାରେ ସୁନିୟନ୍ତ୍ରିତ ହୋଇପାରିବ ।

# ମଠ ମନ୍ଦିର ଓ ସୁବର୍ଣ୍ଣପୁର


ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ଦୂରଭାଷ.୮୧୪୪୮ ୭୦୭୨୯

ପ୍ରାକ -ଐତିହାସିକ ଯୁଗରୁ ଆରମ୍ଭ କରି ଚୌହାଣ ଶାସନ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଅଞ୍ଚଳ ଧର୍ମୀୟ ଚିନ୍ତାଧାରର ଏକ ପ୍ରାଣ କେନ୍ଦ୍ର ଥିବା କଥା ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣା ଯାଏ । ଏଠାରେ ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଓ ମହିମା ଧର୍ମାବଲମ୍ବୀ ମାନଙ୍କ ସକାଶେ ଏହା ଏକ ପବିତ୍ର ତୀର୍ଥଭୂମି ଭାବରେ ରହିଥିବା ଉଲ୍ଲେଖ ରହିଛି । ଉକ୍ତ ଧର୍ମାବଲମ୍ବୀ ମାନେ ତାଙ୍କର ଧର୍ମର ଉପାସନା ନିମିତ୍ତ ତଥା ପ୍ରଚାର ଓ ପ୍ରସାର ନିମନ୍ତେ ଏଠାରେ ଅନେକ ଗୁଡିଏ ମଠ, ମନ୍ଦିର, ଆଶ୍ରମ ଗଢି ତୋଳିଥିବା କଥା ଐତିହାସିକ ଗବେଷକଙ୍କ ତଥ୍ୟରୁ ସୂଚନା ମିଳେ । ସେହି ସମୟରୁ ସୋନପୁର ଗଡଜାତ ଅଞ୍ଚଳଟି ଐତିହ୍ୟ ଓ ସଂସ୍କୃତିର ଏକ ପ୍ରାଣ କେନ୍ଦ୍ର ଭାବରେ ପରିଚିତ ଲାଭ କରିଥିଲା । ଏହା ସହ ଗଡଜାତର ପ୍ରାଣକେନ୍ଦ୍ର ତଥା ପ୍ରାକ୍ତନ ରାଜଧାନୀ ସୋନପୁର ମଧ୍ୟ ଏକ ଐତିହ୍ୟ ଓ ସଂସ୍କୃତିର ଐଶ୍ୱର୍ଯ୍ୟମୟୀ ନଗରୀ ରୂପେ ପ୍ରସିଦ୍ଧି ଅର୍ଜନ କରିଥିବା ଅନୁମେୟ ହୁଏ ।

ଏଥିରୁ ଜଣାଯାଏ ଏହି ଗଡ଼ଜାତ ଅଞ୍ଚଳଟି ଶହଶହ ବର୍ଷ ପୂର୍ବରୁ ଧର୍ମୀୟ ଭାବନାର ପ୍ରୟାଗ ଭୂମି ରହିଆସିଅଛି । ଏହି ଗଡ଼ଜାତ ଅଞ୍ଚଳରେ ଏତେ ଏତେ ପ୍ରାଚୀନ ମଠ, ମନ୍ଦିର ଗଢି ଉଠିଥିବାର ଯାହା ଐତିହାସିକ ତଥ୍ୟରୁ ଜଣାଯାଏ ବୋଧହୁଏ ଏଠାକାର ଜନସାଧାରଣ ଆଧ୍ୟାତ୍ମିକ ବିଚାରବନ୍ତ ରହିଥିଲେ । ସାମାଜିକ , ଆଧ୍ୟାତ୍ମିକ, ବୌଦ୍ଧିକ ଭାବରେ ଉନ୍ନତ ଚିନ୍ତାର ଅଧିକାରୀ ହୋଇ ସେବାବ୍ରତ ମୂଳମନ୍ତ୍ର ଥିବା ମନେହୁଏ । ଶହଶହ ବର୍ଷ ପୂର୍ବରୁ ସୋନପୁର ଗଡ଼ଜାତ ଅଞ୍ଚଳ ଅଧୁନା ସୋନପୁର ବା ସୁବର୍ଣ୍ଣପୁରର ମଠ ଓ ମନ୍ଦିର ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଥିବା ମନେହୁଏ । ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ରହିଥିବା ଜଣାଯାଏ । ସୂଚନା ଥାଉକି ଏବେ ମଧ୍ୟ ବିଭିନ୍ନ ସମ୍ପ୍ରଦାୟର ମଠ ମନ୍ଦିର ଏଠାରେ ବିଦ୍ୟମାନ । ସୋନପୁର ଗଡ଼ଜାତ ଅଂଚଳରେ ଏତେ ଗୁଡିଏ ମଠ, ମନ୍ଦିର ବିଭିନ୍ନ ସମୟରେ ବିଭିନ୍ନ ସମ୍ପ୍ରଦାୟର ଗଢି ଉଠିବାର ମୂଳ ଉଦ୍ଦେଶ୍ୟ ହେଲା ଜନସାଧାରଣଙ୍କୁ ଧର୍ମୀୟ ଭାବନାରେ ଉଦବୃତ୍ତ କରିବା ସହ ଧାର୍ମିକ ପ୍ରଚାର ପ୍ରସାର କରି ସୁଖ ଓ ଶାନ୍ତିମୟ ଜୀବନ ଅତିବାହିତ କରିବା ସହ ଉକ୍ତ ଅଞ୍ଚଳକୁ ଆସୁଥିବା ସାଧୁ ସନ୍ଥଙ୍କୁ ଆତିଥ୍ୟ ପ୍ରଦାନ କରିବା । ସେହିପରି ଉକ୍ତ ମଠ ମନ୍ଦିର ଅଂଚଳରେ ବସବାସ କରୁଥିବା ଗରିବ ଛାତ୍ର ମାନଙ୍କୁ ଉପଯୁକ୍ତ ଶିକ୍ଷାଦୀକ୍ଷାର ଭୂଷିତ କରିବା । ଏତଦ୍ ବ୍ୟତୀତ ଗରିବ ଲୋକମାନଙ୍କୁ ଖାଇବା ପିଇବା ଯୋଗାଇବା ସହ ତାଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ କରି ରୋଜଗାର କ୍ଷମ କରିବା । ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏହି ମଠ ମନ୍ଦିରର ରହିଥିବା ମଧ୍ୟ ଜଣାଯାଏ ତାହାହେଉଛି ପୂର୍ବରୁ ଏହି ଅଂଚଳ ଦେଇ ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ଅଞ୍ଚଳର ଜଗନ୍ନାଥ ସଂସ୍କୃତି ପ୍ରତି ବିଶ୍ୱାସ ଓ ଜଗତର ନାଥ ଜଗନ୍ନାଥଙ୍କ ଭକ୍ତ ମାନେ ଏହି ବାଟ ଦେଇ ଚାଲି ଚାଲି ତୀର୍ଥାଟନ ପାଇଁ ଯିବାର ଐତିହାସିକ ତଥ୍ୟରୁ ଜଣାଯାଏ । ସେମାନଙ୍କ ପାଇଁ ଆତିଥ୍ୟ ପ୍ରଦାନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉକ୍ତ ମଠ ଓ ମନ୍ଦିର ସବୁ ସେତେବେଳେ ତୁଲାଉଥିବା ଜଣାଯାଏ । ବର୍ତ୍ତମାନ ମଧ୍ୟ ସୋନପୁର ଅଂଚଳରେ ରହିଥିବା ମଠ ମନ୍ଦିର ସବୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିଆସୁଥିବା ଦେଖିବାକୁ ମିଳୁଛି । ସାଧୁସନ୍ଥ ମାନଙ୍କୁ ଆତିଥ୍ୟ ପ୍ରଦାନ କରିବାରେ ଆତ୍ମସନ୍ତୋଷ ସହ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ କରିଥାନ୍ତି । ଏହା ସହ ମଠ ମନ୍ଦିର ଗୁଡିକର ବିଭିନ୍ନ ପର୍ବପର୍ବାଣୀ ସମୟରେ ଏକ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଥାଏ । ଏମିତିକି ଏବେ ଦେଖୁ ଦେଖୁ ଗଡ଼ଜାତ ଶାସନର ସାତ ଦଶନ୍ଧି ହୋଇସାରିଛି ହେଲେ ପୂର୍ବରୁ ଯେଉଁଭଳି ଭାବରେ ମଠ ମନ୍ଦିର ସବୁ ତାଙ୍କର କାର୍ଯ୍ୟ କରି ଚାଲିଥିଲେ ବର୍ତ୍ତମାନ ମଧ୍ୟ ଉକ୍ତ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଯଥା ସାଧ୍ୟ ଉଦ୍ୟମ ରହିଥିବା ଦେଖିବାକୁ ମିଳୁଛି । ପୂର୍ବର ଗଡ଼ଜାତ ଯାହାକି ଏବେ ଏକ ଜିଲ୍ଲାର ଗୌରବ ଅର୍ଜନ କରିପାରିଛି । ଗଡ଼ଜାତ ଥିବା ସମୟରେ ଯେମିତି ଏହି ମଠ ମନ୍ଦିରକୁ ନେଇ ଅଞ୍ଚଳ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା ବର୍ତ୍ତମାନ ମଧ୍ୟ ମନ୍ଦିର ଓ ମଠକୁ ନେଇ ତାରି ସ୍ୱତନ୍ତ୍ରତା ଆଜି ପର୍ଯ୍ୟନ୍ତ ବଜାୟ ରହିଛି । ଏହି ମଠମନ୍ଦିର ଅଂଚଳରେ ଆଧ୍ୟାତ୍ମିକ, ସାଂସ୍କୃତିକ, ତଥା ସେବାର ପ୍ରଚାର ପ୍ରସାରର ଏକ ପ୍ରୟାଗ ଭୂମି ରହିଥିଲା, ରହିଛି ଏବଂ ରହିଥିବ । କାରଣ ଅଞ୍ଚଳର ଜନସାଧାରଣ ଆଧ୍ୟାତ୍ମିକ ବିଚାରବନ୍ତ ଅଟନ୍ତି । ଏହା ହିଁ ମାନବ ସମାଜର ହିତସଧାନ କରିଥାଏ । ତାହାକୁ ମର୍ମେ ମର୍ମେ ଅନୁଭବ କରିଥିବା ମନେ ହୁଏ ଏବଂ ଏହା ଦୁର୍ଲ୍ଲଭ ମାନବ ଜୀବନକୁ ପରିପୂର୍ଣ୍ଣ କରିପାରିବ ବୋଲି ବିଶ୍ୱାସ କରନ୍ତି ।

# ଭଗବାନଙ୍କୁ କୃତଜ୍ଞତା


ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ଭଗବାନଙ୍କୁ ଧନ୍ୟବାଦ ହେବା ଧୃଷ୍ଟତା ହୋଇପାରେ । ଭଗବାନଙ୍କ ପ୍ରତି ତ ସଦା କୃତଜ୍ଞ ହେବା ଚାହି । ତଥାପି ଭଗବାନଙ୍କୁ ଧନ୍ୟବାଦ/ କୃତଜ୍ଞତା ଦେବାର କାରଣ ଅନେକ ରହିଛି । ସେ ସ୍ରଷ୍ଟା । ସେ ପାଳନକର୍ତ୍ତା । ସେ ଅଦୃଶ୍ୟ ଶକ୍ତି । ସେ ପରମପିତା । ସେ ସୃଷ୍ଟି କରିଛନ୍ତି ଜଗତକୁ । ଜଗତର ଜୀବକୁଳକୁ ଓ ମଣିଷକୁ ଆମ ସମସ୍ତଙ୍କୁ । ଜଡ଼ ଜୀବନ ସକଳଙ୍କୁ । କିଏ ଭଗବାନଙ୍କୁ ଧନ୍ୟବାଦ/ କୃତଜ୍ଞତା ଦେଉ ନ ଦେଉ ସେଥିରେ ଚିନ୍ତା କରିବାର ନାହିଁ । ନିଜେ ଦେବା ଦରକାର । କାହିଁକି ନା ଭଗବାନ ହିଁ ଏ ସଂସାରକୁ ସମସ୍ତଙ୍କୁ ଆଣନ୍ତି ବାପାମାଆଙ୍କ ମାଧ୍ୟମରେ । ବାପାମାଆ ପୁଣି ଚଳନ୍ତି ଦେବତା । ବାପାମାଆ ଆମ ପୂଜ୍ୟ । ବାପାମାଆ ଜନ୍ମ ଦିଅନ୍ତି ସିନା କାହାକୁ କର୍ମ ଦିଅନ୍ତିନି । ନିଜ ଭାଗ୍ୟ ନିଜେ ତିଆରିବାକୁ ହୁଏ । ନିଜ ଭାଗ୍ୟର ନିର୍ମାତା ନିଜେ । ଆମ୍ଭେ ଭାଗ୍ୟବାନ ଏଇଥିପାଇଁ ଯେ ଆମ୍ଭର ଗୋଟାଏ ଦେବଦୁର୍ଲ୍ଲଭ ଶରୀର ରହିଛି । ସେଇଥିପାଇଁ ତ ଭଗବାନ ବି ଅବତରି ଆସିଛନ୍ତି ମାନବ ଶରୀରର ଆକର୍ଷଣରେ ମାନବ ଶରୀର ଧାରଣ କରି । ଆମ ଶରୀରରେ ଭଗବାନ ଖଞ୍ଜି ଦେଇଛନ୍ତି ସୁନ୍ଦର ସୁନ୍ଦର ଅଙ୍ଗସବୁ । ତମାମ ଶରୀରର ବୋଝକୁ ବହନ କରିବା ପାଇଁ ଦି'ଟା ଗୋଡ଼ । ଗୋଡ଼ରେ ଆମେ ଚାଲିଥାଉ ଓ ଦଉଡ଼ିଥାଉ । ଦରକାର ନେଇ କେତେବେଳେ ଚାଲୁ କେତେବେଳେ ଦୌଡୁ । କାମ କରିବା ପାଇଁ ଭଗବାନ ଦେଇଛନ୍ତି ଦି'ଟା ହାତ । ସବୁ ଗୋଡ଼ ଚାଲିପାରେ, ସବୁ ହାତ କିନ୍ତୁ ଲେଖିପାରିନଥାଏ ମାନେ ସାହିତ୍ୟ ରଚନା ସର୍ଜନା କରିପାରିନଥାଏ । ହାତରେ ଲେଖାଲେଖିଠୁ ଆରମ୍ଭ କରି ଅନେକ କାମ କରାଯାଏ ।

ପୁନଶ୍ଚ ଚିନ୍ତା କରିବା ପାଇଁ ଭଗବାନ ଦେଇଛନ୍ତି ମୁଣ୍ଡ ମସ୍ତିଷ୍କ । ରକ୍ତ ସଂଚାଳନ ପାଇଁ ହୃତପିଣ୍ଡ, ରେଚନ କ୍ରିୟା ପାଇଁ ବୃକକ, ଶ୍ୱାସକ୍ରିୟା ପାଇଁ ଫୁସଫୁସ, ଖାଦ୍ୟ ଗ୍ରହଣ ପାଇଁ ମୁହଁ ପାଟି, ଚୋବାଇ ଖାଇବା ପାଇଁ ଜିଭ ଓ ଦାନ୍ତ, କଥା କହିବା ପାଇଁ ପାଟି ଓଠ, କଥା କହିବାରେ ବି ସାହାଯ୍ୟ କରନ୍ତି ଜିଭ ଦାନ୍ତ, ଖାଦ୍ୟର ଗତି ପାଇଁ ଅନ୍ନନଳୀ,ଖାଦ୍ୟ ହଜମ କରିବା ପାଇଁ ପାକସ୍ଥଳୀ, ଶରୀରର ବୃହତ ରାସାୟନିକ ଗ୍ରନ୍ଥି ଯକୃତ,ଦୂଷିତ (ଅଙ୍ଗାରକାମ୍ଳ ମିଶ୍ରିତ) ରକ୍ତ ପରିବହନ ପାଇଁ ଶିରା ପ୍ରଶିରା, ପରିଷ୍କାର (ଅମ୍ଳଜାନ ମିଶ୍ରିତ) ରକ୍ତ ପରିବହନ ପାଇଁ ଧମନୀ, ( ହୃତପିଣ୍ଡିୟ ଶିରାରେ ପରିଷ୍କାର ରକ୍ତ ଓ ହୃତପିଣ୍ଡିୟ ଧମନୀରେ ଅପରିଷ୍କାର ରକ୍ତ ପରିବହନ ହୁଏ ), ସମସ୍ତ ଆବେଗକୁ ଅନୁଭବ କରିବା ପାଇଁ ସାରା ଶରୀରରେ ଜାଲ ଭଳି ବିଛେଇ ହୋଇରହିଛି ସ୍ନାୟୁ । କେବଳ ନଖ ଓ କେଶକୁ ଛାଡ଼ି, ସ୍ନାୟୁ ପୁଣି ଦି' ପ୍ରକାର ସଂଜ୍ଞାବହ ଓ ଆଜ୍ଞାବହ, ସ୍ନାୟୁ ସବୁକୁ ନିୟନ୍ତ୍ରଣ କରିବା ପାଇଁ ରହିଛି କେନ୍ଦ୍ରୀୟ ସ୍ନାୟୁତନ୍ତ୍ର । ମସ୍ତିଷ୍କ, ସମଗ୍ର ଶରୀରକୁ ଘୋଡ଼େଇ ରଖିଛି ଚର୍ମ । ଆମ ପଞ୍ଚ ଇନ୍ଦ୍ରିୟ ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ସମସ୍ତ କ୍ରିୟା ପ୍ରତିକ୍ରିୟା ଅନୁଭବ ହୁଏ ପଞ୍ଚ ଇନ୍ଦ୍ରିୟ ଦ୍ୱାରା । ଆଖି ଆମର ଦର୍ଶନେନ୍ଦ୍ରିୟ, କାନ ଶ୍ରବଣେନ୍ଦ୍ରିୟ, ନାକ ଘ୍ରାଣେନ୍ଦ୍ରିୟ, ଜିଭ ସ୍ୱାଦେନ୍ଦ୍ରିୟ ଓ ଚର୍ମ ସ୍ପର୍ଶେନ୍ଦ୍ରିୟ ।

ଆମ ଶରୀର ଭିତରେ ଯେତେ ଅଙ୍ଗ ସଂସ୍ଥାନ ରହିଛନ୍ତି ସେମାନେ ଏତେ ସୁ-ଶୃଙ୍ଖଳିତ ଓ ସୁ-ନିୟନ୍ତ୍ରିତ ଭାବେ କାମ କରୁଛନ୍ତି ଯେ ସେ ସବୁର କୌଣସି ବ୍ୟତିକ୍ରମ ଅନୁଭବ ଆଦୌ କରି ନ ଥାଉ । ଆଖି ଦ୍ୱାରା ଏ ସୁନ୍ଦର ଜଗତର ସୌନ୍ଦର୍ଯ୍ୟକୁ ଦର୍ଶନ କରିବାକୁ ଆମେ ସମର୍ଥ । ଟିକେ ଚିନ୍ତା କରନ୍ତୁ ତ ଯାହାର ଦି'ଟା ଯାକ ଆଖି ନ ଥାଏ, ସିଏ ଏ ଜଗତକୁ ଦେଖିପାରିନଥାନ୍ତି, ଦେଖି ନ ପାରିବା ନେଇ କେତେ ଦୁଃଖ କେତେ କୋହ କେତେ ଅନୁଶୋଚନା ନ ଥିବ ତାଙ୍କ ମନ ଭିତରେ ? ଆଖି ଦ୍ୱାରା ଭଗବାନଙ୍କ ସୃଷ୍ଟ ସୃଷ୍ଟିର ପ୍ରତ୍ୟେକଟି କ୍ରିୟା ପ୍ରତିକ୍ରିୟାକୁ ଦେଖି ଯେଉଁ ଆନନ୍ଦ ଅନୁଭବ କରୁ, ତହିଁରୁ ବଞ୍ଚିତ ହୁଅନ୍ତି ଦୃଷ୍ଟିହୀନ । ଆଖି ଥାଇ ଆମେ ଭାଗ୍ୟବାନ ନିଶ୍ଚୟ । ବର୍ଷାଦିନେ ଆକାଶରେ ସୃଷ୍ଟ ଇନ୍ଦ୍ରଧନୁ କେତେ ଆକର୍ଷଣୀୟ ଥାଏ ସାତ ରଙ୍ଗର ବର୍ଣ୍ଣାଳୀ ତୋଳି । କି ମନୋରମ ମନୋହର ମନୋରଞ୍ଜନକାରୀ ସେଇ ବିରଳ ଦୃଶ୍ୟ ! ବର୍ଷାକାଳେ ମୟୂରର ରଙ୍ଗୀନ ପୁଚ୍ଛମେଲା ନୃତ୍ୟ ବାସ୍ତବରେ ଥାଏ ଦର୍ଶନୀୟ । ତାରାଖଚିତ ନୀଳ ଆକାଶର ରାତ୍ରିକାଳୀନ ଅନୁପମ ଶୋଭା ଅନୁଭବୀ ହିଁ ଅନୁଭବ କରିପାରନ୍ତି । ସମୁଦ୍ରର ଉତ୍ତାଳ ତରଙ୍ଗ ଦର୍ଶକ ମନରେ ସୃଷ୍ଟି କରେ ଅନେକ ଭାବାବେଗ । ଦର୍ଶନୀୟ ବିଭିନ୍ନ ପ୍ରାକୃତିକ ସ୍ଥଳ ସମୁଦ୍ରକୂଳ, ନଈକୂଳ, ପାହାଡ଼ ଖୋଲ, ପ୍ରକୃତି କୋଳକୁ ଯାଇ ତାର ଅପରୂପ ସୌନ୍ଦର୍ଯ୍ୟ ଦର୍ଶନ ଜନିତ ଆତ୍ମତୃପ୍ତି ମନରେ କେତେ ଆନନ୍ଦ ଭରି ଦେଇଥାଏ । ସେଥିପାଇଁ କବି ଗାଇଛନ୍ତି - 'ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ' ।

ଭଗବାନ ଆମ ପାଇଁ ତିଆରି କରିଛନ୍ତି ଏ ସୁନ୍ଦର ସଂସାର । ବିଚିତ୍ର ଜଗତ । ଆମ ଖେଳାବୁଲା ପାଇଁ ରହିଛି ମାଟି । ମାଟି ଉପରେ ଓ ତଳେ ରହନ୍ତି ଅନେକ ଜୀବ । ମାଟିର କାହିଁ କେତେ ଉଚ୍ଚରେ ରହିଛି ଆକାଶ ଓ ଆକାଶରେ ପୁଣି ଯିବା ଆସିବା କରନ୍ତି ସୂର୍ଯ୍ୟ, ଚନ୍ଦ୍ର । ରାତି ହେଲେ ଆକାଶରେ ଦେଖାଯାନ୍ତି ମାଳ ମାଳ ତାରା ଫୁଲ । ଦିନ ହେଲେ ଲୁଚିଥାନ୍ତି । ଦିନରେ ସୂର୍ଯ୍ୟ ଓ ରାତି ବେଳେ ଚନ୍ଦ୍ର ଶୋଭାପାଆନ୍ତି ଆକାଶରେ । ବର୍ଷା ଝରେ ଆକାଶରୁ । ବଉଦ ଭାସେ ଆକାଶରେ । ବର୍ଷା ଝରେ ଆକାଶରୁ । ମାଟି ଉପରେ ଘରେ କରି ମଣିଷ ରହେ ଓ ଜଙ୍ଗଲୀ ଜୀବଜନ୍ତୁଙ୍କ ଥାଏ ପ୍ରାକୃତିକ ବାସସ୍ଥଳୀ । କିଏ ସ୍ଥଳଭାଗରେ ଆହାର ବିହାର ବସବାସ କରି ସ୍ଥଳଚର ପ୍ରାଣୀର ପରିଚୟ ତିଆରେ ଓ ଜଳରେ ରହି ହୁଅନ୍ତି ଜଳଚର । ଉଭୟ ଜଳରେ ଓ ସ୍ଥଳରେ ରହି କେତେକ ଉଭୟଚରର ସଂଜ୍ଞାପ୍ରାପ୍ତ ହୁଅନ୍ତି । ମାଟି ଉପରେ ପୁଣି ଥାଏ ବିବିଧ ଜଳ ଉତ୍ସ ନଈ ନାଳ ହ୍ରଦ ସମୁଦ୍ର ଆଦି । ଆମେ ଜଳଉତ୍ସର ଜଳ ପିଉ, ଗଛର ଫଳ ଖାଉ, ପ୍ରକୃତିର ବାୟୁରୁ ଅମ୍ଳଜାନ ଗ୍ରହଣ କରିଥାଉ ଓ ପ୍ରକୃତିରୁ ଆମେ ଅନେକ କିଛି ନେଇଥାଉ । ହେଲେ ପ୍ରକୃତିକୁ ଆମର ପ୍ରତିଦାନ କଣ ? ଆମ ସୁବିଧା ପାଇଁ କେବଳ ପ୍ରାକୃତିକ ଉପାଦାନ ସବୁକୁ ଉପଯୋଗ କରିଥାଉ ଅବିଚାରିଚ ଭାବେ । ଏବେ ଭାବିବାର ବେଳ ଆସିଛି । ପ୍ରକୃତି ପାଇଁ କିଛି କରିବାର ବେଳ ଉପଗତ । ପ୍ରକୃତିର ସରଂକ୍ଷଣ କରିବା ଆମର ସାମୂହିକ ଦାୟିତ୍ୱ ।

ତେବେ ପ୍ରକୃତିର ସୌନ୍ଦର୍ଯ୍ୟ ଦର୍ଶନ କରିବାରେ ଆନନ୍ଦ, ଦେବାରେ ଆନନ୍ଦ, ଭଲ କାମ କରିବାରେ ଆନନ୍ଦ, ହସ ଖୁସି ବାଣ୍ଟିବାରେ ଆନନ୍ଦ, ଭଲ କଥା କହିବାରେ ଆନନ୍ଦ, ସତ ସାହିତ୍ୟ ସର୍ଜନାରେ ଆନନ୍ଦ, ଏମିତି ଅନେକ ଆନନ୍ଦକୁ ସାଉଁଟି ଜିଇଁବାରେ ଥାଏ ପ୍ରକୃତ ଆନନ୍ଦ । ନିଜେ ବଞ୍ଚିବା ଅନ୍ୟକୁ ବଞ୍ଚିବାରେ ସାହାଯ୍ୟ କରିବା, ନିଜେ ଖାଇବା ଅନ୍ୟକୁ ଖୁଆଇବାରେ ଭାଗିଦାରୀ ହେବା, ନିଜେ ବଢ଼ିବା ଅନ୍ୟକୁ ବଢ଼ିବାରେ ସାହାଯ୍ୟ କରିବା, ସର୍ବୋପରି ପାରସ୍ପରିକ ଜୀବନ ଜିଇଁବାରେ ଥାଏ ଉତ୍ତମ ଜୀବନ ଜିଇଁବାର ପରମ ସାର୍ଥକତା । ଏଥିପାଇଁ ଭଗବାନ ହିଁ ଅନୁପ୍ରେରିତ କରନ୍ତି, ସାହାଯ୍ୟ କରନ୍ତି, ଆତ୍ମବଳ, ଆତ୍ମଶକ୍ତି ଦିଅନ୍ତି । ସହଭାଗୀ ଜୀବନରେ ଚାଲିପାରୁଥିବା ଅନ୍ଧ ଚାଲିପାରୁନଥିବା ଛୋଟାକୁ କାନ୍ଧରେ ବସାଇ ଚାଲିବାରେ ଆନନ୍ଦ ଯେମିତି ଯେତିକି ଥାଏ ଠିକ ସେମିତି ସେତିକି ଆନନ୍ଦ ଲଭେ ଛୋଟା ନିଜ ଦୃଷ୍ଟି ଶକ୍ତି ବଳରେ ଅନ୍ଧକୁ ଆଗକୁ ବଢ଼ିବାରେ ସାହାଯ୍ୟ କରି । ଭଗବାନ ଆମକୁ ଆଖି ଦେଇଛନ୍ତି ଭଲ କଥା ଦେଖିବା ପାଇଁ, କାନ ଦେଇଛନ୍ତି ଭଲ କଥା ଶୁଣିବା ପାଇଁ, ପାଟି ଦେଇଛନ୍ତି ଭଲ କଥା କହିବା ପାଇଁ । ଟିକେ ଚିନ୍ତା କରନ୍ତୁ ତ, ଯେଉଁମାନେ ଅନ୍ଧ, ଛୋଟା, ମୂକ ଥାଆନ୍ତି, ସେମାନେ ଅସଲକୁ ଥାଆନ୍ତି କେତେ ଦୁଃଖୀ ! ସେସବୁ ଅଙ୍ଗ ଥାଇ ଆମେ କେତେ ଭାଗ୍ୟବାନ । ଅନ୍ଧର ଦେଖିପାରୁନଥିବା ଜନିତ ଦୁଃଖ, ଛୋଟା ବା ଗୋଡ଼ ନ ଥିବା ଲୋକର ଚାଲି ନ ପାରିବା ନେଇ ଦୁଃଖ, ମୂକର ନିଜକୁ ବ୍ୟକ୍ତ କରି ନ ପାରିବା ଜନିତ ଅଜସ୍ର ଦୁଃଖ କୋହ ସେସବୁ ଥାଇ ପୂର୍ଣ୍ଣ ସମର୍ଥ / ସକ୍ଷମ ବ୍ୟକ୍ତି ସତରେ କେତେ ସୁଖୀ ନ ଥାନ୍ତି ! ସବୁ ଥାଇ ସମର୍ଥ ମଣିଷ କେହି ଦୁଃଖ ଅନୁଭବ କରିବା ଅନୁଚିତ ନିଶ୍ଚୟ । ଧନ ଅଭାବରେ କେହି ଦୁଃଖୀ ହେବା ଉଚିତ ନୁହେଁ । ପରିଶ୍ରମ ବଳରେ ନିଜର ସ୍ଥିତି ବଦଳାଇ ଦିଆଯାଇପାରେ ।

ସବୁଠୁ ବଡ଼ କଥା ହେଲା କୌଣସି ସ୍ଥିତିରେ ବ୍ୟତିବ୍ୟସ୍ତ ନ ହୋଇ ବରଂ ବହୁତ ଖୁସି ରହିବା, ଖୁସି ସାଉଁଟିବା ଓ ସକାରାତ୍ମକ ଜୀବନ ଜିଇଁବା ଓ ଉତ୍ତମ ଚିନ୍ତନ, ଉତ୍ତମ ଦର୍ଶନ, ଉତ୍ତମ ଶ୍ରବଣ, ଉତ୍ତମ ଭକ୍ଷଣ, ଉତ୍ତମ କଥନ ଜୀବନର ଧ୍ୟେୟ ହେବା ଚାହି । ସର୍ବୋପରି ଉତ୍ତମ ଜୀବନ ଜିଇଁବା ପାଇଁ ସତସଙ୍ଗ କରିବା ଓ ସତସଙ୍ଗୀ ହେବା । ଏସବୁ ସମ୍ଭବ କେବଳ ଭଗବତ କୃପା ବଳରେ । ଏଣୁ ଆମ ସୁନ୍ଦର ଜୀବନ ପାଇଁ ଭଗବାନଙ୍କୁ ଅଜସ୍ର ଧନ୍ୟବାଦ ଦେବା ଓ ଭଗବାନଙ୍କ ପ୍ରତି କୃତଜ୍ଞ ରହିବା । ଆମ ଶରୀରକୁ ପରିପୁଷ୍ଟ କରିବାରେ ମାଟି, ପାଣି, ପବନ, ଗଛଲତା, ନଈନାଳ, ଆକାଶ, ଅଗ୍ନି, ସର୍ବୋପରି ପ୍ରକୃତି ଯେଉଁ ଯେଉଁମାନଙ୍କ ବିଶେଷ କରି ପଞ୍ଚ ମହାଭୂତଙ୍କ ଅବଦାନ ରହିଛି ସେ ସମସ୍ତଙ୍କ ପ୍ରତି ସର୍ବକାଳୀନ କୃତଜ୍ଞ ରହିବା । ତାଙ୍କ ଶରଣାଗତ ହେବା ଓ ବିଭୂକୃପା ଲାଭ କରିବା । ଭଗବାନଙ୍କର ଗୁଣଗାଣ କରିବା ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

# ଭଲ କାମର ଆରମ୍ଭ ନିଜଆଡୁ ହେଉ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଖରା ଛୁଟିରେ ନିତିନ ପାପାଙ୍କ ସାଙ୍ଗରେ ଭୁବନେଶ୍ୱର ଟ୍ରେନ୍‌ରେ ଯାତ୍ରା କରୁଥିଲା । ଓଡ଼ିଶା ରାଜଧାନୀ ଭୁବନେଶ୍ୱରରେ ତା' ଦାଦାଙ୍କ ରାଜ୍ୟ ସରକାରଙ୍କ ଅଧୀନରେ ଚାକିରି । ସେ ସପରିବାର ରହୁଥାନ୍ତି ସରକାରୀ ଘରେ । ରେଳଗାଡି ଡିବାର ଝରକା ପାଖ ସିଟ୍‌ରେ ବେଶ୍ ଆରାମରେ ବସି ନିତିନ ବିସ୍କୁଟ ଖାଉଥାଏ । ଏହାଛଡା, ଖୋଲା ଝରକା ବାଟ ଦେଇ ବାହାର ଦୃଶ୍ୟକୁ ମନଭରି ଉପଭୋଗ କରୁଥାଏ । ସେତିକିବେଳେ ରେଳଗାଡିଟି ନଦୀର ପୋଲ ଉପର ଦେଇ ଛୁକୁଛୁକୁ ଶବ୍ଦକରି, ଶୂନ୍ୟକୁ ଧୂଆଁର କୁଣ୍ଡଳୀ କାଟି ଗଡୁଥାଏ ଆଗକୁ ଆଗକୁ । ନଦୀଟିର ପୋଲଟି ବେଶ୍ ପ୍ରଶସ୍ତ । ନିତିନ୍ ଝରକା ଦେଇ ଉଙ୍କିମାରି ଦେଖିଲା ନଈର ରଙ୍ଗକଳା ଧୂସର ହୋଇଯାଇଚି । ପାଖରେ ବସିଥିବା ପାପାଙ୍କ ଆଡକୁ ମୁହଁ ବୁଲେଇ ଆଣି ପଚାରିଲା- 'ପାପା ! ଏ ନଈର ପାଣିର ରଙ୍ଗ ଇମିତି କାଇଁକି ହୋଇଚି ?'' ପୁଅ ! ଏହା ପଛର କାରଣଟି ହେଉଚି ନଈର ପାଣି ଜମା ସ୍ୱଚ୍ଛ ନୁହେଁ, ଗୋଳିଆ ...।' ପ୍ୟାକେଟ୍‌ରୁ ଗୋଟେ ବିସ୍କୁଟ ବାହାର କରି ନିତିନ କହିଲା- 'ପାଣି କାଇଁକି କାଚ କେନ୍ଦୁ ଭଳି ସଫା ନୁହେଁ, ପାପା ? ନଈଟା ତ ପାହାଡ କୋଳରୁ ବାହାରିଚି ନା !' ପୁଅ ! ପାହାଡ ଉପରେ ଜମାଟ ବାନ୍ଧିଥିବା ବରଫରୁ ହିଁ ନଈଟି ବାହାରିଥାଏ । ଆରମ୍ଭରେ ତ ନଈର ପାଣି ସଫା ଆଉ ନିର୍ମଳ ଥାଏ । କିନ୍ତୁ ଯହୁଁ ଯହୁଁ ନଈଟି ଆଗକୁ ଆଗକୁ ବଢିଚାଲେ ତହିଁରେ ସେତେବେଶି ଶୁଖା କୁଟାକାଠି, ଅଳିଆ ଆବର୍ଜନା ଆଦି ଫିଙ୍ଗି ଦିଆଯାଏ । ଯାହାଫଳରେ ନଈର ପାଣି ପ୍ରଦୂଷିତ ହେଲାଭଳି ମନେହୁଏ । ନିତିନ୍ ଅବୁଝା ଆଖିରେ ପୁଣି ପ୍ରଶ୍ନକଲା- 'ସେ ଅଳିଆ ଆବର୍ଜନା କେମିତି ଆସେ, ପାପା ?' ନଈ ପାଣିରେ କଳକାରଖାନା, ସହର ଓ ଜିଲ୍ଲାର ଅଳିଆ ମଇଳା ସବୁ ଫୋପଡା ଯାଏ । ଏହାଦ୍ୱାରା ନଈର ପାଣି ସଫା, ନିରମଳ ରହେନାଇଁ ।

ଏତିକିବେଳେ ନିତିନ୍ ମନରେ ପୁଣି ପ୍ରଶ୍ନଟିଏ ଉଙ୍କି ମାରିଲା । ସେ କୌତୂହଳରେ ପଚାରିଲା- 'ପାପା ! ନଈ ପାଣିରେ ବସା ବନେଇ ରହୁଥିବା ମାଛମାନେ ଆଉ ଅନ୍ୟ ଜଳଚର ଜୀବଙ୍କ ଉପରେ ଏମିତି ଗନ୍ଧିଆ ପାଣିର ପ୍ରଭାବ କ'ଣ ପଡୁନଥିବ ।' ଏକାଧିକ ଥର ଏମିତି ପାଣିରେ ଗୋଳେଇ, ମିଳେଇ ହୋଇ ଯାଇଥିବା ବିଷାକ୍ତ ରସାୟନିକ ପଦାର୍ଥର ମାତ୍ରା ଏତେ ବେଶି ହୋଇଯାଏ ଯେ ଏ ଅସନା ଜଳ ମଣିଷ ଜାତିକୁ କ୍ଷତି ପହଁଚାଏ । ମଣିଷ ଶରୀରରେ ଅନେକ ରୋଗ କାରଣ ହୋଇପାରେ । ପ୍ରଭାବ ତ ନିଶ୍ଚୟ ପଡିଥାଏ । ପାଣିରେ ମିଶିଥିବା ବିଷାକ୍ତ ରାସାୟନିକ ଆଦି ପଦାର୍ଥ ଦ୍ୱାରା ବହୁତ ମାଛ ଆଉ ଅନ୍ୟାନ୍ୟ ଜଳ ଜୀବମାନେ ଛଟପଟ ହୋଇ ମରିଯାନ୍ତି । ଆଉ ଅନେକେ ବହୁ ରୋଗର ଶିକାର ହୋଇ ମରଣ ମୁଖରେ ପଡନ୍ତି । ନିତିନ୍ ପୁଣି ପଚାରିଲା- 'ଆମମାନଙ୍କ ଘରେ ଯେଉଁ ପାଣି ଆସେ ତାହାତ ଏମିତିକା ନଈରୁ ଆସୁଥିବ ନା ପାପା ?' ହଁ ପୁଅ ! ଆମକୁ ଏସବୁ ନଈର ପାଣି ମିଳିଥାଏ ଯାହାକୁ ଆମେ ବ୍ୟବହାର କରିଥାଉ । କିନ୍ତୁ ଜରୁରି କଥାଟା ହେଉଚି ଏ ନଈ ପାଣି ଘରକୁ ଯୋଗାଣ ହେବା ଆଗରୁ ସ୍ୱଚ୍ଛ, ନିର୍ମଳ କରାଯାଇଥାଏ । ତେବେ ଗୋଟେ କଥା ହେଜରେ ରଖିବା ଉଚିତ୍ ଯେ ପାଣି ଯେତେ ଅଧିକ ଗନ୍ଧିଆ ହେବ ସେଥିରେ ସେତେ ବେଶି ବିଷାକ୍ତ ରସାୟନିକ ପଦାର୍ଥ ଦେଖିବାକୁ ମିଳିବ । ସେତେବେଳେ ତାକୁ ସଫା, ନିର୍ମଳ କରିବା କାଠିକର ପାଠ ହୋଇପଡିବ । ତାହେଲେ ଯାରମାନେ ପାଣିରେ ଅଳିଆ ଆବର୍ଜନା ନ ରହିବା ଉଚିତ୍ ନା ? ନିତିନ୍‌ର ଦରୋଟି ପାଟିରୁ କଥା ପଦକ ଶୁଣିସାରି ପାପା ମୁରୁକି ମୁରୁକି ହସିଉଠିଲେ । ପୁଅର କଅଁଳ ପିଠି ଉପରେ ହାତ ବୁଲାଇ ଆଣି କହିଲେ - 'ସାବାସ ପୁଅ ! ଭଲ କାମ କରିବାର ଆରମ୍ଭ ହିଁ ନିଜକୁ କରିବାକୁ ପଡିବ ।'

*ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାରସିଟି, ପ୍ଲଟ୍ ନଂ-୪୫୬, ଲେନ୍ ନଂ-୯*
*ଲକ୍ଷ୍ମୀସାଗର, କେନାଲରୋଡ୍, ବୁଦ୍ଧେଶ୍ୱରୀ, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

# ସିଏ ପରା ଆମ ମାଆ



ଜଗଦୀଶ ସାହୁ

ଅଳସ ତାକୁ ପାରେନି ଛୁଇଁ
ସଅଳ ତାର ନିଦ ଭାଙ୍ଗଇ
ରାବିଲେ କାଉ ଗଛରେ କାଆ କାଆ
ସିଏ ପରା ଆମ ମାଆ
ସଭିଙ୍କୁ ସିଏ ଭାବେ ନିଜର
କାମକୁ ତାର ନଥାଏ ଡର
ବାପାଙ୍କ ହାତେ ସକାଳୁ ଦିଏ ଚାଆ
ସିଏ ପରା ଆମ ମାଆ
ଭାରି ସୁଆଦ ହାତ ପରଷା
କଥା ପଦକ ଅମୃତ ମିଶା
ଲୁଗାକାନିରୁ ବହେ ଶୀତଳ ବାଆ
ସିଏ ପରା ଆମ ମାଆ
ଯିଏ ପିଲାଙ୍କୁ ଧରି କୋଳରେ
ଜହ୍ନ ମାମୁଁକୁ ସଂଜ ବେଳରେ
ଡାକେ ମୋ ଧନ ପାଖକୁ ଚାଲି ଆଆ
ସିଏ ପରା ଆମ ମାଆ
ଯେଉଁଠି ଥାଅ ଭଉଣୀ ଭାଇ
ମନରୁ ତାକୁ ଭୁଲି ନ ଯାଇ
ମାଆ ଗୁଣକୁ ନିଶି ଦିବସ ଗାଆ
ସିଏ ପରା ଆମ ମାଆ ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ଧୂ ଧୂ ଖରାରେ...

ପ୍ରମୋଦ କୁମାର ମହାପାତ୍ର



ଧୂ ଧୂ ଖରାରେ,
କଥା ଅପାଶୋରାରେ,
ଯାଇଥିଲି ମାମୁଁଘର ଦେଲେ ତାଳ ବରାରେ..

ବାଡ଼ିପଟ ବଗିଚାରେ କେତେ ଜାତି ଫୁଲ
ରୂପ, ସୁଗନ୍ଧରେ ଲାଗେ ପ୍ରଜାପତି ମେଳ,
ସହଜେ ତରକା ଅତି ଦିଏ ନାହିଁ ଧରାରେ...

ଗାଁଆ ପୋଖରୀରେ ଢଳ ଢଳ ନୀଳ ପାଣି
ସାଙ୍ଗ ସାଥି ମିଳି ଗଲେ ଗୋଡ଼ ଟଣାଟଣି,
ବାଜି ଚାଲେ କିଏ ହେବ ପ୍ରଥମ ପହଁରାରେ...

ଢେଉ ଢେଉ ପାହାଡ଼ର ଧାରେ ସୁନା ଖେତ
ଗହଳିଆ ଆମ୍ବତୋଟା କୋଇଲିର ଗୀତ,
ଗୋଧୂଳି ଲଗନ ନେଇ ଆସେ ସନ୍ଧ୍ୟା ପରାରେ..



ମନ୍ଦିରରେ ଘଣ୍ଟ ଧ୍ୱନି,ମଙ୍ଗଳ ଆରତୀ
ତୁଳସୀ ଚଉରା ମୂଳେ ଜଳେ ସଂଜବତି,
ଆଈମା କାହାଣୀ ବୁଣେ ଦେଖି ଜହ୍ନ ତାରାରେ...

*କଳାପାଣି, ଜି-ବରଗଡ଼*
*ମୋ-୯୪୩୭୫୭୮୩୧୧*

# ଶ୍ରମିକ



ଆଦ୍ୟାଶା ମହାପାତ୍ର

ଜନମ ତା'ର ଝାଟିମାଟିର
ଚାଳ ଛପର ଘରେ
ସହରରେ ସେ ବସ୍ତି ବାସିନ୍ଦା
ଶ୍ରମରେ ପେଟ ଭରେ

ଦୂର ରାଇଜେ ପରିଚୟ ତା'
ଦୀନହୀନ ଦାଦନ
ଖଟିଲେ ନିତି ମୂଲ ସେ ପାଏ
ନହେଲେ ହାତ ଶୂନ୍ୟ

ଶ୍ରମିକ ସିଏ ଜୀବିକା ପାଇଁ
କାମରେ ଥାଏ ମାତି
ସହେ କଷଣ ଖଟାଇ ବଳ
ପତାଇ ଦେଇ ଛାତି

କ୍ଷେତ ବାଡିରେ ଅବା ରାସ୍ତାରେ
ବୁହାଏ ଶ୍ରମ ଝାଳ
ଘର ତୋଳାରେ ବନ୍ଧ ନିର୍ମାଣେ
ଦେଖାଏ କଉଶଳ

କରେ ସେ କାମ କାରଖାନାରେ,
କେବେ ଖଣି ବା ଚାଷେ
ବାଜି ଲଗାଇ ଜୀବନ ସଙ୍ଗେ
ମାଲିକ ମନ ତୋଷେ

ବୈଶାଖୀ ଖରା ଝାଞ୍ଜି ସେ ସହେ
କେବେ ସହଇ ବର୍ଷା
ଘନ କୁହୁଡି ଜରତି ଶୀତ
ସତେ ତା' ଦେହ ଘଷା

ଦେଶ ପ୍ରଗତି ପାଇଁ ଶ୍ରମିକ
ଦିଅଇ ଶ୍ରମଦାନ
ନ ଦିଅ ତାକୁ ଦୁଃଖ ଲାଞ୍ଛନା
ନ କର ହୀନିମାନ ।

*ନୂଆପଡା, କଟକ*

# ପଶୁପକ୍ଷୀ ପାଇଁ ଜଳ ଛତ୍ର

ମହେନ୍ଦ୍ର କୁମାର ଘଡ଼େଇ



ବୁଲା କୁକୁରଟା ଖରା ତେଜ ଦେଖି ଧକାଏ
ବାଟରେ ବୃଷଭ ଲୁହ ତା' ନିଗାଡ଼ି ପକାଏ
ଜୀବଜନ୍ତୁ କେତେ ବିକଳରେ ଛୁଆ କାଖେଇ
ସେତେବେଳେ ଟିକି ଚଢ଼େଇଟି କହେ
ଏ ଧରା ଦେବନି ରଖେଇ
ଟାଇଁ ଟାଇଁ ଖରା ଝାଇଁ ଝାଇଁ କରି ଜଳାଏ
ଆଖି ଆଗୁ ବୁନ୍ଦା ଜଳ କାହିଁ ଶୁଖି ପଳାଏ
ଛାଇ ଟିକେ ନାହିଁ ଦେବ କିଏ କାହିଁ ଶୀତଳ
ଦୋଷ ଲଦାଲଦି ହୋଇ ଏ ମଣିଷ
ଯେମିତି ଭୂଇଁରେ ଚିତଳ
ଶୀତତାପ ଘରେ କୁଲର ପଙ୍ଖାକୁ ଘୂରେଇ
ପରିବେଶ ଠାରୁ ଯାଉଅଛି ସିଏ ଦୂରେଇ
ଆରାମରେ ରହି ଜୀବଜନ୍ତୁ କଥା ବୁଝୁନି
ଜୀବେ ଦୟା କଥା ମନରୁ ପାଶୋରି
ପ୍ରକୃତିର ଋଣ ଶୁଝୁନି
ବାଟେ ଘାଟେ ଦିଏ ନିଜ ପାଇଁ ଜଳ ଛତର
ଅଣ୍ଡା ଉପରର ଗୀରିଷମେ ଅଂଶୁଘାତର
ଜୀବ କଲବଲ ଦେଖି ପାରୁନି ତା' ଆଖିରେ
ପଶୁପକ୍ଷୀ ପାଇଁ ଜଳ ଛତ୍ର କିଏ
କରନ୍ତା ଏ ଖରା ଦେଖିରେ !
ପଶୁପକ୍ଷୀ ଜଳ ଛତ୍ର ପାଇ ବଞ୍ଚି ରହନ୍ତେ
ସଂସାର ମଙ୍ଗଳ ପାଇଁ କଷଣ ସେ ସହନ୍ତେ
ମଣିଷ ପ୍ରକୃତି ଜୀବଙ୍କର ଜୀବ ଭାବିକି
ଧରମ ଦୁଆରେ ପୁଣ୍ୟ ଅରଜନ୍ତା
ଜଗତର ସେବା ସେବିକି ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା*
*ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*



# ବରଷାରାଣୀ

ସୁଧାକର ରାଉତ

ବରଷା ରାଣୀ ଲୋ ବରଷା ରାଣୀ
ସଅଳ ଆସିତୁ ବରଷ ପାଣି
ସହି ନ ହୁଅଇ ଆଉ ଏ ଖରା
ସଭିଏଁ ବିକଳ ହୁଅନ୍ତି ପରା
ନଦୀ ନାଳ ସବୁ ଗଲାଣି ଶୁଖି
ଜଳସ୍ଥଳ ଜୀବ ହୁଅନ୍ତି ଦୁଃଖୀ
ବରଷିଲେ ତୁ ଯିବ ତାଙ୍କ ଦୁଃଖ
ମିଳିବଟି ତାଙ୍କୁ ଅପାର ସୁଖ
ମୁଣ୍ଡେ ହାତ ଦେଇଣ ଚାଷୀ ଭାଇ
ପାଣି ଟୋପେ ପାଇଁ ହୁଅଇ ବାଇ
ତାର ମନ ବୁଝି ଢାଳିଦେ ପାଣି
ଲାଗିବ ସିଏ ତାର ଚାଷେ ପୁଣି
ବୃକ୍ଷଲତା ଆଦି ପାଇବେ ଜଳ
ହେଲାଣି ମୌସୁମୀ ଆସିବା ବେଳ
ତୁ ଆସିଲେ ବଦଳି ଯିବ ପାଗ
ସୁରୁଜ ଆଉ କରିବେନି ରାଗ
ମାନୁଛୁ କିଛି ଦୋଷ ନାହିଁ ତୋର
ଏଥର ଆମକୁ ତୁ କ୍ଷମା କର
ସୁସ୍ଥ ପରିବେଶେ ଦେବୁଟି ମନ
ବୃକ୍ଷରୋପଣେ ରହିବଟି ଧ୍ୟାନ
ତୋହର ସଅଳ ଆସିବା ପାଇଁ
ସଚେତନ ହୋଇଉଠିବୁ ଚେଇଁ ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

# ନାଆଁଟି ମୋର ତାଳ

ନଳିନୀ ଦାଶ





ଖରାଦିନିଆ ଫଳ ଅଟଇ
ନାଆଁଟି ମୋର ତାଳ
ମତେ ଦେଖିଲେ ପିଲାଠୁ ବୁଢ଼ା
ପାଟିରୁ ବହେ ଲାଳ

ବଡ଼ ଗଛରେ ଫଳିଥାଏ ମୁଁ
ଦେହଟି ମୋର କଳା
କାଟିଲେ ମତେ ବାହାରିଥାଏ
କୋଳଟି ଧଳାଧଳା

ଅଳପ ମିଠା ଲାଗିଥାଏରେ
ଖାଇଲେ ଲାଗେ ମଜା
ପାକୁଆ ପାଟି ଖୋଲି ଖାଆନ୍ତି
ଆମର ବୁଢ଼ା ଅଜା

ଅକ୍ଷି ତୃତୀୟା ଦିନ ସବୁରି
ଘରେ ମୁଁ ପୂଜା ହୁଏ
ସାବିତ୍ରୀ ବ୍ରତ ତିଥିରେ ନାରୀ
ପୂଜା ଥାଳିରେ ନିଏ

ପିଲାଏ ମୋତେ ଖାଆନ୍ତି ବସି
ଭାରି ହରଷ ହୋଇ
କଅଁଳ ଖୋଷା ଖାଇ ମଜାଟି
ନିଅଇ ବୁଢ଼ୀ ଆଈ

ଗଛରେ ପାଚି ପଡ଼ିଲେ ତଳେ
ମତେ ଗୋଟାଇ ନେଇ
ରସକୁ କାଢି ଓଦା ଚାଉଳ
ସାଥେ ବାଟନ୍ତି ଆଈ

ତାଳ ଗୋଟମା ମାଟିରେ ପଡି
ହୁଅଇ ଯେବେ ଗଜା
କାଟିକି ତାକୁ ଖାଅରେ ପିଲେ
ଲାଗିବ ଭାରି ମଜା

ପୋଡ଼ ଇଡିଲି ପିଠାକୁ କରି
ଖାଆନ୍ତି ଖୁସି ହୋଇ
ତାଳର ମଜା ଜାଣରେ ପିଲେ
ଗୋଟିଏ ଥର ଖାଇ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*



# କାଳବୈଶାଖୀ

ନୀଳମଣି ଚନ୍ଦ

ଗଲାଣି ବୈଶାଖ ଅଛିରେ କାଳବୈଶାଖୀ
ଅପରାହ୍ନ ଗଡ଼ିଗଲେ ଆସେ ଡାକି ଡାକି

ବର୍ଷା, ବତାସ, ବିଜୁଳି ତା ସାଥିରେ ଥାଏ
ଘଡ଼ଘଡ଼ି ଆଣିବାକୁ ସେ ଭୁଲି ନଯାଏ

ପବନର ବେଗ ବଢି ହୁଏ ଧୂଳି ଝଡ଼
ଉପୁଡାଇ ଦେଇଥାଏ ଗଛ ସାନ ବଡ଼

ଭାଙ୍ଗିଦିଏ ଚାଳ ଆଉ ଉଡ଼ାଏ ଛପର
ମେଘ ଝଡ଼େ ଦୁମ୍ ଦୁମ୍ ଟପର ଟପର

ପ୍ରାକୃତିକ ବିପର୍ଯ୍ୟୟ ଭାବରେ ସେ ଗଣା
ଭୟାବହ ରୂପ ତା'ର ସଭିଙ୍କୁରେ ଜଣା

ତା ଆଗରୁ ହୋଇଥାଏ ୟେଲୋ ୱାର୍ଣ୍ଣିଂ ଜାରି
ସାବଧାନ ହେବା ସିନା ଅଟଇ ଜରୁରୀ

ତଥାପି ଜ୍ୟେଷ୍ଠରେ କାଳବୈଶାଖୀର ଡର
ଶୁଣିଲେ ପଶେ ଛନକା ଆସେ ମନେ ଡର ।

*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଜ୍ୟେଷ୍ଠର ଗୀତ

ନିରଞ୍ଜନ ସାହୁ



ଜ୍ୟେଷ୍ଠ ଆସିଗଲେ ଗୁଳୁଗୁଳି ହୁଏ
ଆମ୍ବ ପଣସ ପାଚଇ
ଜ୍ୟେଷ୍ଠ ଆସିଗଲେ ରଜ ଆସିଯିବ
ଝୁମୁରି ମନ ନାଚଇ

ଜ୍ୟେଷ୍ଠ ମାସେ ଚଷୀ ଧାନ ବୁଣିଦେବ
ରଜ ଆସିବା ଆଗରୁ
ଜ୍ୟେଷ୍ଠ ମାସେ ନାନା ଫସଲ ଲାଗିବ
ଡେରି ନକରି ପାଗରୁ

ଜ୍ୟେଷ୍ଠ ଆସିଗଲେ ମୌସୁମୀ ଆସିବ
ଝରିବ ଏବେ ବରଷା
ବରଷା ଅଟଇ ଜନଜୀବନର
ବଞ୍ଚିବା ଆଶା ଭରସା

ଜ୍ୟେଷ୍ଠ ଆସିଗଲେ ଆକାଶ ଦେଶରେ
କଳା ବାଦଲ ଭାସିବ
ପାଗ ବଦଳିଲେ ଗରମ କମିବ
ତପତ ଦୁଃଖ ନାଶିବ

ଜ୍ୟେଷ୍ଠରେ ପରବ ଶ୍ରୀକ୍ଷେତ୍ର ଭଉଁରୀ
ସାବିତ୍ରୀ ବ୍ରତ ପଡିବ
ଶୀତଳ ଷଷ୍ଠୀରେ ଶିବଙ୍କ ବିବାହ
ତିଥିଟି ନିଶ୍ଚେ ଗଡିବ

ଜ୍ୟେଷ୍ଠରେ ପଡିବ ରଜ ମଉଜ ଯେ
ତିନି ଦିବସ ପାଳିବା
ରଜ ମଉଜଟି କେମିତି କାଟିବା
ସଭିଏଁ ମିଶି ଭାଳିବା

ବସୁମତୀ ସ୍ନାନ ରଜ ସମାପନ
ଖରା ଛୁଟିଟି ସରିବ
ବିଦ୍ୟାଳୟ ଏବେ ଖୋଲିଯିବା କଥା
ମନ ମଧ୍ୟରେ ଭରିବ

ଜ୍ୟେଷ୍ଠ ଦେଇଥିବା ଗୁଳୁଗୁଳି କଷ୍ଟ
ଭୁଲିବା ଜ୍ୟେଷ୍ଠ ସରିଲେ
ପାଠପଢା କଥା ମୁଣ୍ଡରେ ପଶିବ
ସ୍କୁଲ ବାଟକୁ ଧରିଲେ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ପିଲାଏ, ଆସ ହସିବା



ସୁଧାଂଶୁ ଶେଖର ଦ୍ୱିବେଦୀ



ପିଲାମାନେ, ତୁମେମାନେ ଜାଣିନଥିବ ଆଜିକାଲି ବ୍ୟସ୍ତ ବହୁଳ ଜୀବନ ଶୈଳୀରେ ଆମେମାନେ ପ୍ରକୃତିର ସୁନ୍ଦର ହସ ଠାରୁ ଦୂରେଇ ଯାଇଛୁ । ହସରେ ମିଳୁଥିବା ଉପକାରକୁ ମନେପକାଇବା ପାଇଁ ବିଶ୍ୱ ହାସ୍ୟ ଦିବସ ପାଳନ କରାଯାଏ । ଜୀବନରେ ହସର ମହତ୍ତ୍ୱ ସେତିକି ଯେତିକି ଭୋଜନରେ ଲୁଣର ମହତ୍ତ୍ୱ ଥାଏ । ଲୁଣ ବିନା ଭୋଜନ ସ୍ୱାଦହୀନ ଲାଗେ, ସେହିପରି ହସ ବିନା ଜୀବନ ନିରସ ହୋଇଥାଏ । ମନଭରି ହସୁଥିବା ବ୍ୟକ୍ତି ସ୍ୱୟଂ ସୁସ୍ଥ ରହିବା ସହିତ ପାଖ ପଡ଼ୋଶୀଙ୍କୁ ମଧ୍ୟ ଖୁସି ଓ ସକାରାତ୍ମକ ଭାବ ପ୍ରଦାନ କରିଥାଏ ।

ସମସ୍ତଙ୍କ ଜୀବନରେ ହସର ମହତ୍ତ୍ୱ ସ୍ୱୟଂସିଦ୍ଧ ଅଟେ । ସଭିଏଁ ହାସ୍ୟର ଅପୂର୍ବ ଆନନ୍ଦ ଉଠେଇବା ନିହାତି ଜରୁରୀ । ତେବେ ହସିବା ଲାଗି ପ୍ରତ୍ୟେକଙ୍କ ନିକଟରେ ଉପଯୁକ୍ତ ପରିବେଶ ତଥା ଅନୁକୂଳ ସ୍ଥାନ ଆବଶ୍ୟକ ହୋଇଥାଏ ନହେଲେ ଠିକ୍ ରୂପେ ହସିହୁଏ ନାହିଁ । ଏଭଳି ପରିବେଶ ସେଇବେଳେ ସମ୍ଭବ ହୋଇପାରିବ ଯେବେ ଆମ ଆଖପାଖର ବନ୍ଧୁ-ପରିଜନ, ସହକର୍ମୀମାନେ ହସିବାର ଉପକ୍ରମ ପ୍ରସ୍ତୁତି କରିପାରିବେ । ତାପରେ ହୁଏତ ଆପେ ଆପେ ଓଠରୁ ହସ ଝରିପଡ଼ିବ ।

ହସର ଏଭଳି ଏକ କଳାତ୍ମକ ଭାବଧାରାକୁ ଧ୍ୟାନରେ ରଖି ବିଶ୍ୱ ହାସ୍ୟ ଦିବସର ପ୍ରଣେତା ଏବଂ ହାସ୍ୟ ଯୋଗ ଆନ୍ଦୋଳନର ସଂସ୍ଥାପକ ଡା. ମଦନ କଟାରିଆ ଜାନୁଆରୀ ୧୧ ତାରିଖ ୧୯୯୮ ମସିହା ମୁମ୍ବାଇ ଠାରେ ବିଶ୍ୱ ହାସ୍ୟ ଦିବସ ଆରମ୍ଭ କରିଥିଲେ । ଏହାର ପ୍ରୟୋଜନ ହସିବାର ଏକ ଏଭଳି ଅବସ୍ଥା କରିଥାଏ ଯେଉଁଠି ପ୍ରତ୍ୟେକ ଲୋକ ମନଭରି ହସିପାରିବେ । ତାପର ଠାରୁ ଲୋକମାନେ ସାର୍ବଜନୀକ ସ୍ଥାନରେ ଏକତ୍ର ହୋଇ ସାମୁହିକ ରୂପେ ହସିବାର ଅଭ୍ୟାସ କଲେ । ହସିବାର ଏହି କଳା ଲୋକଙ୍କୁ ଆନନ୍ଦ ପ୍ରଦାନ କଲା । କ୍ରମଶଃ ହସିବାର କଳା କେବଳ ମୁମ୍ବାଇ ନୁହେଁ ସଂପୂର୍ଣ୍ଣ ଦେଶରେ ଲୋକପ୍ରିୟ ହେଲା ଏବଂ ବିଶ୍ୱ ହାସ୍ୟ ଦିବସକୁ ମଇ ମାସ ପ୍ରଥମ ରବିବାରରେ ପାଳନ କରିବାକୁ ସ୍ଥିରୀକୃତ କରାଗଲା । ସାମୁହିକ ରୂପେ ହସିବାର ଏହି କଳାକୁ ହାସ୍ୟ ଯୋଗ ନାମକରଣ କରାଗଲା । ଆଜି ଦୁନିଆସାରା ହଜାର ହଜାର ସଂଖ୍ୟାରେ ହାସ୍ୟ ଯୋଗ କ୍ଲବ ଅବସ୍ଥିତ । ସେଠାରେ ଲୋକମାନେ ସୁସ୍ଥ ଏବଂ ଖୁସି ରହିବା ପାଇଁ ଆୟୋଜିତ ହାସ୍ୟ କଳାକୁ ହାସଲ କରି ମନଭରି ହସିଥାନ୍ତି । ଦୁନିଆରେ ପ୍ରାୟତଃ ୬୮୦୦ଟି ହାସ୍ୟ କ୍ଲବ ଅଛି । ଯେଉଁଠି ଲୋକମାନେ ଏକତ୍ର ହୋଇ ସାମୁହିକ ରୂପେ ହାସ୍ୟ ଯୋଗର ଅଭ୍ୟାସ କରିଥାନ୍ତି । ସେମାନେ ଅନୁଭବ କରି ପାରିଛନ୍ତି ହସିବା ହିଁ ଜୀବନ, ହସରେ ଖୁସି ଜୀବନର ପୁଞ୍ଜି ଅବସ୍ଥିତ ।

ଏବେ ଦୁନିଆସାରା ୧୧୫ଟି ଦେଶରେ ହାସ୍ୟ ଦିବସ ପାଳନ କରାଯାଉଛି । ଏହିଦିନ ଲୋକମାନେ ହାସ୍ୟ ଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟ ନିର୍ମାଣ ଲାଗି ସଂକଳ୍ପ ନେଇଥାନ୍ତି । ବୈଜ୍ଞାନିକଙ୍କ ମତରେ ସନ୍ତୁଳିତ ସ୍ୱାସ୍ଥ୍ୟ ନିମନ୍ତେ ହସ ବ୍ୟତୀତ ଅନ୍ୟ କୌଣସି ଔଷଧ ନାହିଁ । ହସ ସମ୍ପର୍କରେ ଦୁନିଆର ଅନେକ ମେଡ଼ିକାଲ ଏବଂ ମନୋବୈଜ୍ଞାନିକଙ୍କ ଦ୍ୱାରା ଗବେଷଣା ହୋଇଛି । ସେମାନଙ୍କ ମତରେ ଯିଏ ପ୍ରତିଦିନ କେବଳ ୧୦ ମିନିଟ ମନଖୋଲା ହସ ହସିବ ସ୍ୱାସ୍ଥ୍ୟ ଓ ଶାନ୍ତି ଜୀବନ ଜୀଇଁବା ଗେରେଣ୍ଟି । ହସିବା ଏକ ଏଭଳି ଶକ୍ତିଶାଳୀ ଭାବନା ଯାହା ଲୋକଙ୍କ ଭିତରେ ଭରପୁର ଏନର୍ଜୀ ଭରିଦେଇଥାଏ । ହସିବା ଦ୍ୱାରା ଆମ ଶରୀରର ଆନ୍ତରିକ ଏବଂ ମୁହଁର ମାଂସପେଶୀ ସଶକ୍ତ ହୋଇଥାଏ ଏବଂ ଲେକ୍ଟିଭ ଏସିଡ ଭଳି ପଦାର୍ଥ ଶରୀରରୁ ନିଷ୍କାସିତ ହୋଇଯାଏ । ଯାହାଦ୍ୱାରା ମନରେ ଅପୂର୍ବ ଆନନ୍ଦ ଅନୁଭୂତ ହୁଏ ।

*ବିସି-୭୪, ସଲଟ ଲେକ,*
*କଲକାତା-୬୪*
*ମୋ-୯୬୮୧୩୭୩୫୧୨*

# ୫ମ ଏସୀୟ ମହିଳା ଭଲିବଲ (ଏଭିସି) ଚ୍ୟାଲେଞ୍ଜ କପ୍ : ଇଣ୍ଡୋନେସିଆକୁ ହରାଇଲା ଭାରତ



**ଭୁବନେଶ୍ୱର**

ଫିଲିପାଇନ୍ସର ମାନିଲାଠାରେ ଚାଲିଥିବା ୫ମ ଏସୀୟ ମହିଳା ଭଲିବଲ (ଏଭିସି) ଚ୍ୟାଲେଞ୍ଜ କପ୍‌ରେ ଭାରତୀୟ ଦଳ ଇଣ୍ଡୋନେସିଆକୁ ପରାସ୍ତ କରିଛି। ୫-୮ ସ୍ଥାନ ପାଇଁ ଅନୁଷ୍ଠିତ ଏହି କ୍ଲାସିଫିକେସନ ମ୍ୟାଚ୍‌ରେ ଭାରତ ୩-୧ (୨୫-୧୬, ୩୦-୩୨, ୨୫-୨୦, ୨୭-୨୫) ସେଟ୍‌ରେ ବିଜୟୀ ହୋଇଛି। ଭାରତ ବିଜୟରେ ବ୍ଲକର ସୌର୍ଯ୍ୟା, ସେଟର ଜିନି ଓ ଅନୁଶ୍ରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭାରତୀୟ ମହିଳା ଭଲିବଲ ଦଳ ପ୍ରିଲିମିନାରୀ ଷ୍ଟେଜ୍‌ରେ ଇରାନ ଓ ଚାଇନିଜ ତାଇପେକୁ ହରାଇବା ପରେ ଅଷ୍ଟ୍ରେଲିଆ ଓ ଆୟୋଜକ ଫିଲିପାଇନ୍ସଠାରୁ ଶେଷ ୨ ମ୍ୟାଚ୍‌ରେ ହାରି ଯାଇଥିଲା। ଲିଗ୍ ଓ ନକ୍‌ଆଉଟ ବିଶିଷ୍ଟ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଚାଇନିଜ ତାଇପେ, ହଂକଂ ଚାଇନା, ଇଣ୍ଡୋନେସିଆ, ଭାରତ, ଇରାନ, ଫିଲିପାଇନ୍ସ, ଭିଏତ୍‌ନାମ, ସିଙ୍ଗାପୁର ଓ କାଜାଖସ୍ତାନ ଆଦି ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ଦଳରେ ଜଣେ ଓଡ଼ିଆ ଖେଳାଳି ସାମିଲ ଅଛନ୍ତି। ସେ ହେଉଛନ୍ତି ଭୁବନେଶ୍ୱର ସ୍ପୋଟର୍‌ସ ହଷ୍ଟେଲର ଲିପିକା ଖେସ। ଏହା ବ୍ୟତୀତ ଲୋତକ ବିନ୍ଦୁ ଦାଶ ଭାରତୀୟ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ॥ ଆଇସିସି ର୍ୟାଙ୍କିଙ୍ଗ ॥

# ଟି-୨୦ ବିଶ୍ୱକପ ପୂର୍ବରୁ ଉପରକୁ ଉଠିଲେ ଅର୍ଶଦୀପ ଓ ଅକ୍ଷର



**ନୂଆଦିଲ୍ଲୀ**

ଜୁନ୍ ୨ରୁ ଆରମ୍ଭ ହେବ ଟି-୨୦ ବିଶ୍ୱକପ୍। ଏଥିପାଇଁ ସବୁ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଶ୍ୱକପ ପୂର୍ବରୁ ଭାରତୀୟ ଟିମ୍‌ରେ ଥିବା ଅର୍ଶଦୀପ ସିଂହ ଓ ଅକ୍ଷର ପଟେଲଙ୍କୁ ଆଇସିସି ଟି-୨୦ ବୋଲିଂ ର୍ୟାଙ୍କିଙ୍ଗରେ ବଡ଼ ଫାଇଦା ମିଳିଛି।

ଅକ୍ଷର ପଟେଲ ବୋଲିଂ ର୍ୟାଙ୍କିଙ୍ଗରେ ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟରେ ପହଞ୍ଚି ଯାଇଛନ୍ତି। ସେ ପ୍ରଥମ ସ୍ଥାନରେ ଥିବା ଆଦିଲ ରଶିଦଙ୍କ ଠାରୁ ୬୨ ପଏଣ୍ଟ ପଛରେ ରହିଛନ୍ତି। ରଶିଦଙ୍କ ପଏଣ୍ଟ ସଂଖ୍ୟା ୭୨୨ ସେହିପରି ୬୮୭ ପଏଣ୍ଟ ସହ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ଦ୍ୱିତୀୟ ସ୍ଥାନରେ ଅଛନ୍ତି।

ପୂର୍ବରୁ ତୃତୀୟ ସ୍ଥାନରେ ୱେଷ୍ଟଇଣ୍ଡିଜର ବାମହାତୀ ସ୍ପିନର ଅକେଲ ହୁସେନ ରହିଥିଲେ। କିନ୍ତୁ ସେ ୫ଟି ସ୍ଥାନ ତଳକୁ ଖସି ଏବେ ୮ମରେ ରହିଛନ୍ତି।

ଭାରତର ଅନ୍ୟତମ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହଙ୍କ ରାଙ୍କିଙ୍ଗରେ ମଧ୍ୟ ଉନ୍ନତି ହୋଇଛି। ସେ ୩ଟି ସ୍ଥାନ ଉପରକୁ ଉଠି ୧୬ ନମ୍ବରରେ ପହଞ୍ଚିଛନ୍ତି।

ପାକିସ୍ତାନର ଶାହୀନଶାହ ଆଫ୍ରିଦ ୧୧ ନମ୍ବର ସ୍ଥାନକୁ ଉଠିଥିବା ବେଳେ ନିକଟରେ ଅବସରରୁ ପାକିସ୍ତାନ ଟିମ୍‌କୁ ଫେରିଥିବା ଇମାଦ ୱାସିମ ୧୪ ସ୍ଥାନ ଲମ୍ଫ ମାରି ୩୮ ନମ୍ବରରେ ପହଞ୍ଚିଛନ୍ତି। ଇଣ୍ଡିଜ ସ୍ପିନର ଗୁଡ଼ାକେଶ ମୋତି ଏକାଥରେ ୮୪ଟି ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ନମ୍ବର ୨୭ରେ ରହିଛନ୍ତି।

ଅନ୍ୟପକ୍ଷରେ ଟି-୨୦ ବ୍ୟାଟିଂ ର୍ୟାଙ୍କିଙ୍ଗରେ ଭାରତର ସୂର୍ଯ୍ୟ କୁମାର ଯାଦବ ପୂର୍ବଭଳି ୧ନଂ ସ୍ଥାନରେ ମଜବୁତ ହୋଇ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଇଂଲଣ୍ଡର ଫିଲ ସଲ୍ଟ ରହିଛନ୍ତି।

ଟପ୍-୧୦ରେ ଅନ୍ୟତମ ଭାରତୀୟ ଭାବେ ଯଶସ୍ୱୀ ଜୈସାଲ ରହିଛନ୍ତି। ଭାରତର ଅଧିନାୟକ ରୋହିତ ଶର୍ମା ୫୨ତମ ଓ ବିରାଟ କୋହଲି ର୍ୟାଙ୍କିଙ୍ଗର ୪୭ ନମ୍ବର ସ୍ଥାନରେ ଅଛନ୍ତି।

# ସହାନୁଭୂତି ପାଇଁ ଛାଡ଼ପତ୍ରର ମିଥ୍ୟା ପ୍ରଚାର କରୁଛନ୍ତି ହାର୍ଦ୍ଦିକ-ନତାଶା !



**ନୂଆଦିଲ୍ଲୀ**

ଭାରତୀୟ ଷ୍ଟାର କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ତାଙ୍କ ପତ୍ନୀ ନତାଶା ଷ୍ଟାନକୋଭିକଙ୍କ ଛାଡ଼ପତ୍ର ଖବର ଗତ କିଛି ଦିନ ହେବ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ଏହି ଦମ୍ପତି ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି କିମ୍ବା ଛାଡ଼ପତ୍ରକୁ ନିଶ୍ଚିତ କରିନାହାନ୍ତି। ଏହି ସମୟରେ ଦାବି କରାଯାଉଛି ଯେ ହାର୍ଦ୍ଦିକ ଏବଂ ନତାଶା ଜାଣିଶୁଣି ଛାଡ଼ପତ୍ରର ମିଥ୍ୟା ଖବର ପ୍ରଚାର କରିଛନ୍ତି। ଏହା ହାର୍ଦ୍ଦିକଙ୍କ ପିଆର ରଣନୀତିର ଏକ ଅଂଶ ଯାହାଦ୍ୱାରା ସେ ସହାନୁଭୂତି ପାଇବାକୁ ଚେଷ୍ଟା କରୁଛନ୍ତି।

ସୂଚନା ମୁତାବକ, ରେଡିଟ୍‌ରେ ଜଣେ ବ୍ୟବହାରକାରୀ ହାର୍ଦ୍ଦିକ ଏବଂ ନତାଶା ଛାଡପତ୍ରକୁ ନେଇ ଏକ ଲମ୍ବା ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ଲେଖାଯାଇଛି, ମୁଁ ନିକଟ ସୂତ୍ରରୁ ଜାଣିବାକୁ ପାଇଛି ଯେ ହାର୍ଦ୍ଦିକ ଏବଂ ନତାଶା ଓପନ ମ୍ୟାରେଜ କରିଛନ୍ତି। ଉଭୟେ ଜଣେ ବନ୍ଧୁଙ୍କ ମାଧ୍ୟମରେ ପରସ୍ପର ସହ ଦେଖା ହୋଇଥିଲେ ଏବଂ ଇଂଲଣ୍ଡରେ ଭାରତ ବିଶ୍ୱକପ ପରେ ଅଗଷ୍ଟ ୨୦୧୯ରୁ ନଭେମ୍ବର ୨୦୧୯ ପର୍ଯ୍ୟନ୍ତ ପରସ୍ପର ସହ ପ୍ରେମ ସମ୍ପର୍କ ରଖିଥିଲେ। ଏହି ସମୟରେ ନତାଶା ଗର୍ଭବତୀ ହେବାରୁ ଦୁହେଁ ୨୦୨୦ ଆରମ୍ଭରୁ ନିର୍ବନ୍ଧ କରିଥିବା ଘୋଷଣା କରିଥିଲେ। କରୋନା ପାଇଁ ବିବାହ ହୋଇନଥିବା ବେଳେ ୨୦୨୩ରେ ଦୁହେଁ ବିବାହ କରିଥିଲେ। ହାର୍ଦ୍ଦିକ ଏବଂ ନତାଶା ଓପନ ମ୍ୟାରେଜ୍ କରିଛନ୍ତି, ଯାହା ଅନୁଯାୟୀ ଦୁହେଁ ଅନ୍ୟ ପୁରୁଷ ବା ମହିଳାଙ୍କ ସହ ସମ୍ପର୍କ ରଖିପାରିବେ। ଏବେ ଯେଉଁ ଛାଡ଼ପତ୍ର ଚର୍ଚ୍ଚା ହେଉଛି, ତାହା ମଧ୍ୟ ଦୁହେଁ ଜାଣିଶୁଣି କରାଇଛନ୍ତି। ଆଇପିଏଲରେ ହାର୍ଦ୍ଦିକଙ୍କ ଶୋଚନୀୟ ପ୍ରଦର୍ଶନ ପରେ ଲୋକଙ୍କ ସହାନୁଭୂତି ପାଇଁ ଏହି ମିଥ୍ୟା ପ୍ରଚାର କରାଉଛନ୍ତି ହାର୍ଦ୍ଦିକ ଓ ନତାଶା।

# ଟି-୨୦ ବିଶ୍ୱକପ ପୂର୍ବରୁ ଶ୍ରୀଲଙ୍କାକୁ ହରାଇଲା ନେଦରଲାଣ୍ଡ



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ ପୂର୍ବରୁ ଏକ ବଡ଼ ଓଲଟପାଲଟ ହୋଇଛି। ନେଦରଲାଣ୍ଡ ଶ୍ରୀଲଙ୍କାକୁ ୨୦ ରନରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ନେଦରଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା ଏବଂ ଟାର୍ଗେଟକୁ ପିଛା କରିବାବେଳେ ଶ୍ରୀଲଙ୍କାକୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଶ୍ରୀଲଙ୍କା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା, ଯାହା ଆଦୌ ସେମାନଙ୍କ ସପକ୍ଷରେ ଯାଇ ନ ଥିଲା।

ଟି-୨୦ ବିଶ୍ୱକପ ପୂର୍ବରୁ ୱାର୍ମ ଅପ୍ ମ୍ୟାଚ୍ ଖେଳାଯାଉଛି। ଶ୍ରୀଲଙ୍କା ଏବଂ ନେଦରଲାଣ୍ଡ ମଧ୍ୟରେ ଏକ ୱାର୍ମ ଅପ୍ ମ୍ୟାଚ୍ ମଧ୍ୟ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ନେଦରଲ୍ୟାଣ୍ଡ ଶ୍ରୀଲଙ୍କାକୁ ୨୦ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନେଦରଲାଣ୍ଡ ୨୦ ଓଭରରେ ବୋର୍ଡରେ ୫ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ତା'ପରେ ଟାର୍ଗେଟକୁ ପିଛା କରି ବେଳେ ଶ୍ରୀଲଙ୍କା ଦଳ ୧୮.୫ ଓଭରରେ ୧୬୧ ରନ ସଂଗ୍ରହ କରିଥିଲା। ଏହି ମ୍ୟାଚ ଲାଉଡ ରହିଲରେ ଖେଳାଯାଇଥିଲା।

୨୧ ରୁ ୨୫ ମଇ ମଧ୍ୟରେ ବାଂଲାଦେଶ ଏବଂ ଆମେରିକା ମଧ୍ୟରେ ତିନୋଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ଏହି ସିରିଜରେ ଆମେରିକା ପ୍ରଥମ ଦୁଇଟି ମ୍ୟାଚ୍ ଜିତି ବାଂଲାଦେଶକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ଆମେରିକା ୫ ଉଇକେଟ ଏବଂ ଦ୍ୱିତୀୟ ମ୍ୟାଚରେ ୬ ରନରେ ଜିତିଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ବାଂଲାଦେଶ ୧୦ ଉଇକେଟ ଜିତିଥିଲା। କିନ୍ତୁ ବାଂଲାଦେଶକୁ ଆମେରିକା ବିପକ୍ଷରେ ସିରିଜକୁ ୨-୧ରେ ହରାଇବାକୁ ପଡ଼ିଲା।

# ଦଳକୁ ଚାମ୍ପିୟନ୍ କରିବା ପରେ ୱାଜମାଙ୍କ ସହ ନଜର ଆସିଲେ ଶେୟାସ୍ ଆୟର



**ନୂଆଦିଲ୍ଲୀ**

ଶ୍ରେୟାସ ଆୟର ତାଙ୍କ ଅଧିନାୟକତ୍ୱରେ କୋଲକାତା ନାଇଟ ରାଇଡର୍ସକୁ ଆଇପିଏଲ ୨୦୨୪ର ଚାମ୍ପିଅନ କରିଥିଲେ। ଗତ ରବିବାର କୋଲକାତା ଆଇପିଏଲ ୨୦୨୪ର ଫାଇନାଲରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଟ୍ରଫି ଜିତିଥିଲା। କେକେଆର୍ ଚାମ୍ପିଅନ ହେବା ପରେ ଲୋକମାନେ ଶ୍ରେୟାସ ଆୟରଙ୍କ ଅଧିନାୟକତ୍ୱକୁ ପ୍ରଶଂସା କରୁଛନ୍ତି। ଏହି ସମୟରେ ସୋସିଆଲ ମିଡିଆରେ ଆୟରଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ଜଣେ ସୁନ୍ଦର ମହିଳାଙ୍କ ସହ ନଜର ଆସିଛନ୍ତି। ଆଫଗାନିସ୍ତାନର ୱାଜମା ଆୟୁବି ତାଙ୍କ ସୋସିଆଲ ମିଡିଆରେ ଶ୍ରେୟାସ ଆୟରଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି। ୱାଜମା ଜଣେ ବହୁତ ବଡ଼ ଏବଂ ପ୍ରସିଦ୍ଧ କ୍ରିକେଟ ସମର୍ଥକ। ସେ ନିଜ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ଜଣାଶୁଣା। ତାଙ୍କୁ ପ୍ରାୟତଃ ଷ୍ଟାଣ୍ଡରେ ଦେଖାଯାଏ। ଆଫଗାନିସ୍ତାନ ସହିତ ୱାଜମା ମଧ୍ୟ ଭାରତୀୟ କ୍ରିକେଟ ଦଳକୁ ସମର୍ଥନ କରୁଥିବା ଦେଖାଯାଏ। ସୋସିଆଲ ମିଡିଆରେ ଆୟରଙ୍କ ସହ ଏକ ଫଟୋ ଶେୟାର କରୁଥିବାବେଳେ ଆଫଗାନିସ୍ତାନ ୱାଜମା ଲେଖିଛନ୍ତି, ବିଜେତା ଅଧିନାୟକ ଶ୍ରେୟାସ ଆୟରଙ୍କ ସହ।

# ଟି-୨୦ ବିଶ୍ୱକପ୍‌ରେ ସ୍ଥାନ ନମିଳିବାରୁ ରିଙ୍କୁ ସିଂହଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ ପାଇଁ ପ୍ରସ୍ତୁତ ହେଲେଣି ଖେଳାଳି। ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୧ରୁ ଆରମ୍ଭ ହେବ। ଏଥିପାଇଁ ଟିମ୍ ଇଣ୍ଡିଆ ନ୍ୟୁୟର୍କରେ ପହଞ୍ଚିସାରିଛି। ବିସିସିଆଇ ୩୦ଏପ୍ରିଲରେ ବିଶ୍ୱକପ ପାଇଁ ୧୫ଜଣିଆ ଭାରତୀୟ ଟିମ୍ ଘୋଷଣା କରିଥିଲା। ଦଳରେ ରିଙ୍କୁ ସିଂଙ୍କ ନାମ ନଥିବା ଦେଖି ଅନେକ ଲୋକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ରିଙ୍କୁଙ୍କୁ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ରଖାଯାଇଛି। ବର୍ତ୍ତମାନ ରିଙ୍କୁ ନିଜେ ଟି-୨୦ ବିଶ୍ୱକପରେ ମନୋନୀତ ନହେବା ଉପରେ ନୀରବତା ଭାଙ୍ଗିଛନ୍ତି। ସେ କହିଛନ୍ତି ଯେ, ଭଲ ପ୍ରଦର୍ଶନ କରିବା ପରେ ମଧ୍ୟ ଆପଣ ମନୋନୀତ ନହେଲେ ଖରାପ ଲାଗେ। ରିଙ୍କୁଙ୍କ କହିବା ମୁତାବକ, ହଁ, ଯଦି ଭଲ ପ୍ରଦର୍ଶନ ପରେ ଚୟନ କରା ନଯାଏ ତେବେ ଖରାପ ଲାଗିବା ସ୍ୱାଭାବିକ କଥା। ତଥାପି ଏଥର ଦଳ ମିଶ୍ରଣ ହେତୁ ମୁଁ ମନୋନୀତ ହୋଇପାରିଲି ନାହିଁ, ଯାହା ମୋ ହାତରେ ନାହିଁ। ତାହା ବିଷୟରେ ଅଧିକ ଭାବିବା ଉଚିତ ନୁହେଁ। ଆରମ୍ଭରେ ମୁଁ ଟିକିଏ ନିରାଶ ହୋଇଥିଲି ଯାହା ଘଟିଲା ଠିକ୍ ଥିଲା। ଯାହା ଘଟିବ, ଭଲ ପାଇଁ ଘଟିବ। ରୋହିତ ଭାଇ ବିଶେଷ କିଛି କହି ନାହାନ୍ତି। ସେ କେବଳ କହିଛନ୍ତି କଠିନ ପରିଶ୍ରମ ଜାରି ରଖ। ୨ବର୍ଷ ପରେ ପୁଣି ବିଶ୍ୱକପ ହେବ ଅଧିକ ଚିନ୍ତା କରିବାର କିଛି ନାହିଁ।

# ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ରୁଡ୍, ମେଡଭେଡେଭଙ୍କ ସହଜ ବିଜୟ



**ପ୍ୟାରିସ୍**

ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସହଜ ବିଜୟ ହାସଲ କରିଛନ୍ତି କାସ୍ପର ରୁଡ୍ ଓ ଡାନିଲ ମେଡଭେଡେଭ୍। ଦିନର ଅର୍ଦ୍ଧାଧିକ ମ୍ୟାଚ୍ ବର୍ଷା କାରଣରୁ ସସ୍‌ପେଣ୍ଡ ହୋଇଥିବା ବେଳେ ଦୁଇ ସିଡେଡ୍ ଖେଳାଳି ସହଜ ବିଜୟ ହାସଲ କରିଛନ୍ତି। ବିଶ୍ୱ ମାନ୍ୟତାର ସପ୍ତମ ସ୍ଥାନରେ ଥିବା ନରୱେର କାସ୍ପର ରୁଡ୍ ୬-୩, ୬-୪ ଓ ୬-୩ ସେଟ୍‌ରେ ବ୍ରାଜିଲ୍‌ର ଫେଲିପ୍ ଆଲଭଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସର୍ଭରେ ୮୦ ପ୍ରତିଶତ ଓ ଦ୍ୱିତୀୟ ସର୍ଭରେ ୮୮ ପ୍ରତିଶତ ପଏଣ୍ଟ ହାସଲ କରିଥିଲେ। ରୁଡ୍ ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା ରୁଷିଆର ଡାନିଲ ମେଡଭେଡେଭ ୬-୩, ୬-୪, ୫-୭ ଓ ୬-୩ ସେଟ୍‌ରେ ଜର୍ମାନୀର ଡୋମିନିକ୍ କୋପଫରଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ୨୮ ନମ୍ବର ଖେଳାଳି ଥୋମାସ୍ ମାର୍ଟିନ୍ ଏଚେଭେରୀ ୩-୬, ୬-୨, ୬-୧, ୬-୪ ସେଟ୍‌ରେ ଫ୍ରାନ୍ସର ଆର୍ଥର କାଜାକ୍ସଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ୩ ସେଟ୍‌ରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଥୋମାସ୍ ମାର୍ଟିନ୍ ଏଚେଭେରୀ ଇଟାଲୀର ଫାବିଓ ଫଗନିନି ଏକ ମ୍ୟାଚରେ ଫ୍ରାନ୍ସର ଅଣ ସିଡେଡ ଖେଳାଳି ବୋଟିକ୍ ଭାନ୍ ଡେ ଜାଣ୍ଡସ୍କଲ୍ପଙ୍କୁ ୬-୧, ୬-୧, ୭-୫ରେ ପରାସ୍ତ କରିଥିଲେ।

# ଆଲିଜ୍ କର୍ଣ୍ଣେଟ୍‌ଙ୍କ ଅବସର

**ପ୍ୟାରିସ୍**

ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜୟ ସହ ଅବସର ଘୋଷଣା କରିଛନ୍ତି ଫ୍ରେଞ୍ଚ ଖେଳାଳି ଆଲିଜ୍ କର୍ଣ୍ଣେଟ୍। ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଚାଇନାର କ୍ୱିନ୍‌ୱେନ୍ ଝେଙ୍ଗଙ୍କ ନିକଟରୁ ୬-୨, ୬-୧ରେ ପରାଜିତ ହୋଇ ଥିଲେ। କର୍ଣ୍ଣେଟ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୩୪ ବର୍ଷୀୟା କର୍ଣ୍ଣେଟଙ୍କୁ ୱାଇଲ୍ଡ କାର୍ଡ ମିଳିଥିଲା। ଫିଲିପ୍ ଚାର୍ଟିଅର କୋର୍ଟରେ ଏହି ମ୍ୟାଚ୍‌ଟି ଖେଳା ଯାଇଥିଲା। ୨୦୦୪ରେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରିଥିବା କର୍ଣ୍ଣେଟ ୨୦ ବର୍ଷର କ୍ୟାରିୟରରେ ୬ଟି ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। କ୍ୟାରିୟର ଶ୍ରେଷ୍ଠ ୧୧ତମ ର୍ୟାଙ୍କିଙ୍ଗ ହାସଲ କରିଥିବା କର୍ଣ୍ଣେଟ କ୍ରମାଗତ ୬୯ ଗ୍ରାଣ୍ଡ-ସ୍ଲାମରେ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ମ୍ୟାଚ୍ ପରେ ଫ୍ରେଞ୍ଚ ଓପନ ଡିରେକ୍ଟର ତଥା ପୂର୍ବତନ ଟେନିସ୍ ଷ୍ଟାର ଆମେଲି ମୌରେସ୍ମୋ ଓ ଫ୍ରେଞ୍ଚ ଟେନିସ୍ ଫେଡେରେସନ ମୁଖ୍ୟ ଗିଲ୍ସ ମୋରେଟନ ଏକ ଫେୟାରୱେଲ ଟ୍ରଫି ସହ ଆଲିଜ୍ କର୍ଣ୍ଣେଟଙ୍କୁ ସମ୍ମାନିତ କରିଥିଲେ।



# ୧୦ନଂ ୱାର୍ଡରେ ଘରଘର ବୁଲି ଯୋଡ଼ି ଶଙ୍ଖରେ ଭୋଟ୍ ଦେବାକୁ ନିବେଦନ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ୧୦ନଂ ୱାର୍ଡରେ କାଉନ୍‌ସିଲର ରଶ୍ମିତା ସିଂହଙ୍କ ନେତୃତ୍ୱରେ ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାବାଞ୍ଜିର ପୂର୍ବତନ ବିଧାୟକ ଅୟୁବ ଖାନ, ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ପୂର୍ବତନ କାଉନ୍‌ସିଲର ପ୍ରଶାନ୍ତ କୁମାର ସିଂହଙ୍କ ସହିତ କିଶୋର କୁମାର ସିଂହ, ଭରତ ସିଂହ, ନୁର ଖାନ, ବୁହାନ ଖାନ, ଡଲିପ୍ରଭା ମେକାପ, ସ୍ୱର୍ଣ୍ଣଲତା ମେକାପ, ଅନୁସୟା ମେକାପ, ସୁଲୋଚନା ମେକାପ ପ୍ରମୁଖ ଉପସ୍ଥିତ ରହି, ୧୦ନଂ ୱାର୍ଡର ପ୍ରତ୍ୟେକ ଘର ଘର ବୁଲି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରାଙ୍କୁ ଯୋଡ଼ି ଶଙ୍ଖରେ ଭୋଟ୍ ଦେଇ ଓଡ଼ିଶାର ବିକାଶକୁ ଆଗେଇ ନେବାପାଇଁ ଭୋଟର ମାନଙ୍କୁ ବୁଝାଇବା ସହ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଏଥି ସହିତ ମହିଳା, ଶିଶୁ, ଯୁବକ, ଯୁବତୀମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସଂପର୍କରେ ଭୋଟରମାନଙ୍କୁ ବୁଝାଇ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ୱାର୍ଡବାସୀ, ମହିଳା ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଶାଳା ନିର୍ବାଚନମଣ୍ଡଳୀ : ବିଜେଡ଼ି ଗଡ଼ରେ କାହାର ପଲ୍ଲା ଭାରି

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଜୁନ୍ ୧ତାରିଖରେ ହେବ। ପ୍ରଚାରପାଇଁ ହାଟବଜାର, ଗାଁଗଣ୍ଡା ଉଠୁଛି ପଡୁଛି। କର୍ମୀମାନେ ଘରଘର ବୁଲି ପ୍ରଚାର କରୁଛନ୍ତି। ଧର୍ମଶାଳା ନିର୍ବାଚନରେ ୧୧ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡ଼ି, ବିଜେପି ଓ କଂଗ୍ରେସ ମଧ୍ୟରେ ପ୍ରମୁଖ ଲଢ଼େଇ ହେଉଥିବା ବେଳେ ଅନ୍ୟଦଳ ଓ ସ୍ୱାଧୀନପ୍ରାର୍ଥୀ ଭାବେ ୪ଜଣ ଅବତୀର୍ଣ୍ଣ ହୋଇଛନ୍ତି। ୨୫ ତାରିଖରେ ଜାରକା ମହୋତ୍ସବ ପଡ଼ିଆରେ ବିଜେଡ଼ି ପକ୍ଷରୁ ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିରାଟ ସଭାରେ ଯୋଗଦେଇ ପ୍ରଣବଙ୍କୁ ୭୦ ହଜାର ଭୋଟ୍‌ରେ ଜିତେଇବାକୁ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ସେଇ ଏକା ସ୍ଥାନରେ ମଙ୍ଗଳବାର ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଇ ବିଜେପି କର୍ମୀଙ୍କୁ ଉତ୍ସାହିତ କରିବା ସଙ୍ଗେସଙ୍ଗେ ପଦ୍ମ ଚିହ୍ନରେ ସ୍ମୃତିରେଖାଙ୍କୁ ଭୋଟ୍‌ଦେଇ ଜିତେଇବାକୁ କହିଛନ୍ତି। ୧୯୯୦ ମସିହାରୁ ଧର୍ମଶାଳା ନିର୍ବାଚମଣ୍ଡଳୀ ବିଜେଡ଼ି ଗଡ଼ ଭାବେ ରହିଛି। ପୂର୍ବତନ ବିଧାୟକ ସ୍ୱର୍ଗତ କଳ୍ପତରୁ ଦାସଙ୍କ ବିଚକ୍ଷଣ ରାଜନୈତିକ କୌଶଳ ପାଇଁ କଂଗ୍ରେସ ପତନ ହେଲା। ତାଙ୍କ ପୁତ୍ର ପ୍ରଣବ କୁମାର ବଳବନ୍ତରାୟ ମଧ୍ୟ କମ୍ ନୁହନ୍ତି। ସେ ଖୋଲାଖୋଲି ରାଜନୀତି ଜୀବନକୁ ପସନ୍ଦ କରନ୍ତି। ଅଳ୍ପ କୁହନ୍ତି ବେଶି କାମ କରନ୍ତି। ଗତ ନିର୍ବାଚନରେ ରେକର୍ଡ ପରିମାଣ ମୋଟ୍ ୧,୦୧,୩୬୪ ଖଣ୍ଡ ଭୋଟ୍ ପାଇ ୫୨,୭୩୯ ଭୋଟ୍‌ରେ ବିଜୟୀ ହୋଇଥିଲେ। ୨୦୦୯ ପରଠାରୁ ବିଜେପି ଏଠାରୁ ଏକାକୀ ଲଢୁଛି। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଜେପିର ରମେଶ ଚନ୍ଦ୍ର ପରିଡ଼ା ୪୮,୬୨୫ ଖଣ୍ଡ ଭୋଟ୍ ପାଇଥିଲେ। ଚଳିତ ନିର୍ବାଚନରେ ବିଜେପି ପ୍ରାର୍ଥୀ ଭାବେ ସ୍ମୃତିରେଖା ପହି ଲଢୁଛନ୍ତି। ସେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଝିଅ ୧୯୯୦ ପରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିବା କିଶାନ ପଣ୍ଡା କଂଗ୍ରେସ ଦଳକୁ ଆଜି ପର୍ଯ୍ୟନ୍ତ ସମ୍ଭାଳିଛନ୍ତି। ତାଙ୍କୁ ଏବେ କଂଗ୍ରେସ ପ୍ରାର୍ଥୀ କରିଛି। ଦୀର୍ଘଦିନ ଧରି ଟିକେଟ ନ ପାଇବାରୁ ହତୋତ୍ସାହ ହୋଇପଡ଼ିଥିଲେ। ତାଙ୍କ ପାଖରେ ଥିବା ସବୁ ନିଜର ଲୋକ ଏବେ ବିଜେଡ଼ିରେ ସେ ପୁରୁଣାକର୍ମୀଙ୍କୁ ଦଳକୁ ଫେରିଆସିବାକୁ ନିବେଦନ କରିଛନ୍ତି। ଗତ ନିର୍ବାଚନରେ କଂଗ୍ରେସ ୧୮,୫୮୮ ହଜାର ଭୋଟ୍ ପାଇଥିଲା। ଧର୍ମଶାଳା ମାଟିରେ ପୁଅ ଭାବେ ଚଳିତ ନିର୍ବାଚନରେ କିଶାନ ପଣ୍ଡା କେତେ ଭୋଟ୍‌ପାଇ ବିଜୟୀ ହେବେ। ନିର୍ବାଚନପରେ ଜଣାପଡ଼ିବ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଧର୍ମଶାଳା ମାଟିର ପୁଅ ସତିଶ ବିଶ୍ୱାଳ, ଯିଏକି ତାଙ୍କ ରାଜନୈତିକ ଜୀବନ ବିଜେଡ଼ିରୁ ଆରମ୍ଭ କରିଥିଲେ। ଦଳୀୟ ଟିକେଟ ନ ପାଇ ସେ ଦଳ ଛାଡ଼ି ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ସେ ବିଜେଡ଼ି ଓ ପରେ ବିଜେପି ଛାଡି ଏବେ ସ୍ୱାଧୀନ ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି। ସମାଜସେବା ଓ ଯୁବଗୋଷ୍ଠୀଙ୍କୁ ହାତରେ ରଖି ସେ ନିର୍ବାଚନକୁ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି। ଅନ୍ୟ ପ୍ରାର୍ଥୀ ଭାବେ ଏସୟୁସିର କେଦାରନାଥ ସାହୁ, ରଞ୍ଜନ କୁମାର ମଲ୍ଲିକ (ଲୋକଦଳ), ପୁରୁଷୋତ୍ତମ ବେହେରା, ହିମାଂଶୁ ଶେଖର ସାହୁ, ଲାଲୁପ୍ରସାଦ କଦମ ପ୍ରମୁଖ ଧର୍ମଶାଳା ଅଞ୍ଚଳର ଯୁବକ ସମସ୍ତେ ନିଜ ନିଜ ଢଙ୍ଗରେ ପ୍ରଚାର କରୁଛନ୍ତି। ୧ ତାରିଖ ଭୋଟ୍ ଗ୍ରହଣ ଓ ୪ ତାରିଖ ଗଣତି ପରେ ଜଣାପଡ଼ିବ କାହାର ଦମ୍ କେତେ।

# ସେବା ବିତରଣ ପ୍ରକ୍ରିୟାକୁ ସରଳ କରୁଛି ଟିପିଏନଓଡିଏଲ




**ବାଲେଶ୍ୱର, ନ୍ୟୁଜ୍**

ଉପଭୋକ୍ତାମାନଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସେମାନଙ୍କ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଗୁରୁତ୍ୱ ଦେଉଛି ଟିପିଏନଓଡିଏଲ। ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟିଆ ଦେୟ ମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦୩୪୫୬ ୭୧୮/ ୧୯୧୨ ସୁବିଧା କରାଯିବା ସହ ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ମଧ୍ୟ ଖୋଲିଛି। ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଟିପିଏନଓଡିଏଲର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଖୋଲିଛି। ଏହି କେନ୍ଦ୍ରଗୁଡ଼ିକରେ ଉପଭୋକ୍ତା ବିଦ୍ୟୁତ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ୍ୱ ଦୂର କରିବା, ସମସ୍ୟାର ସମାଧାନ କରିବା ସହିତ ବିଲ୍ ପଇଠ ମଧ୍ୟ କରିପାରିବେ। ଗ୍ରାହକ ସେବା କେନ୍ଦ୍ର ଓ ଅନୁଭବ କେନ୍ଦ୍ରଗୁଡ଼ିକ ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳ ୯.୩୦ ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ସମସ୍ତ ସେକ୍ସନ, ସବ୍-ଡିଭିଜନ ଓ ଡିଭିଜନ ଅଫିସରେ ମଧ୍ୟ ଉପଭୋକ୍ତା ନିଜର ଅଭିଯୋଗ ଦାଖଲ କରିବାର ସୁଯୋଗ ପାଉଛନ୍ତି। ସେହିପରି ସଠିକ ଏବଂ ସ୍ୱଚ୍ଛ ବିଦ୍ୟୁତ ବିଲ୍ ପ୍ରଦାନ କରିବା ଉପରେ ଟିପିଏନଓଡିଏଲ ଗୁରୁତ୍ୱ ଦେଉଛି, ଯାହାକି ଉପଭୋକ୍ତାଙ୍କ ବୁଝିବା ପାଇଁ ସହଜ ଓ କୌଣସି ଅସଙ୍ଗତି ଥିଲେ ସଂଶୋଧନ କରିବା ପ୍ରକ୍ରିୟା ମଧ୍ୟ ସହଜ ଅଟେ। ବିଦ୍ୟୁତ ବିଲ୍ ପଇଠ ପ୍ରକ୍ରିୟାକୁ ସହଜ କରିବା ପାଇଁ ଟିପିଏନଓଡିଏଲର ସମସ୍ତ ଡିଜିଟାଲ ପଦ୍ଧତି ଜରିଆରେ ବିଲ୍ ଗ୍ରହଣ କରୁଥିବାବେଳେ ସ୍ୱାଇସ୍ ମନି କେନ୍ଦ୍ର, ଏୟାରଟେଲ ପେମେଣ୍ଟ୍‌ସ ବ୍ୟାଙ୍କ, ଏସବିଆଇ କଷ୍ଟମର ଟଚ୍ ପଏଣ୍ଟ ଭଳି ବିଭିନ୍ନ ତୃତୀୟ ପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପଇଠ ପାଇଁ ସୁବିଧା ଉପଲବ୍ଧ କରିଛି। ସେହିଭଳି ବିଜୁଳି ସେବା ସମ୍ବନ୍ଧିତ ସମସ୍ତ ସହାୟତା ପାଇଁ ମାଇଁ ଟାଟା ପାୱାର ଆପକୁ ବ୍ୟବହାର କରିବାକୁ ଟିପିଏନଓଡିଏଲ ନିଜର ଉପଭୋକ୍ତା ମାନଙ୍କୁ ପରାମର୍ଶ ଦେଇଛି।

# ସମ୍ ହସ୍ପିଟାଲ (ଶୀତଳାପଲ୍ଲୀ କ୍ୟାମ୍ପସ୍)ରେ ମଧୁମେହ ପରୀକ୍ଷା ଓ ଚିକିତ୍ସା ଶିବିର



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ଏକ ନିଃଶୁଳ୍କ ମଧୁମେହ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ମଧୁମେହ ରୋଗୀ ଯୋଗ ଦେଇ ଥିଲେ। ଶିବିରରେ ପ୍ରତ୍ୟେକ ରୋଗୀଙ୍କ ରକ୍ତ ପରୀକ୍ଷା କରାଯାଇ ଥିଲା। ଏହା ବ୍ୟତୀତ ରୋଗୀମାନଙ୍କ ରେଟିନୋସ୍କୋପି, ରକ୍ତଚାପ ଓ ଶରୀର ମାସ୍ ଇଣ୍ଡେକ୍ସର ମାପ କରାଯିବା ବ୍ୟତୀତ ମଧୁମେହ ରୋଗୀଙ୍କ ପାଦର ଯତ୍ନ ଭଳି ଅନେକ ଚିକିତ୍ସା କରାଯାଇଥିଲା। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ପାଇଁ ଡାକ୍ତରମାନେ ରୋଗୀଙ୍କୁ ବିଭିନ୍ନ ଖାଦ୍ୟ ଏବଂ ବ୍ୟାୟାମ ସମ୍ବନ୍ଧୀୟ ପରାମର୍ଶ ମଧ୍ୟ ଦେଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ସମସ୍ତଙ୍କୁ ମଧୁମେହ ରୋଗଜନିତ ବିପଦ ତଥା ରୋଗର ଜଟିଳତା ସମ୍ବନ୍ଧରେ ବୁଝାଇ ଦିଆଯାଇଥିଲା। ମଧୁମେହ ରୋଗୀ ଏବଂ ଉଚ୍ଚ ରକ୍ତଚାପ ରୋଗୀଙ୍କୁ ଔଷଧ ସେବନର ଗୁରୁତ୍ୱ ବିଷୟରେ ମଧ୍ୟ ଅବଗତ କରାଯାଇଥିଲା। ମଧୁମେହ ରୋଗୀ ଯତ୍ନ ଅଭାବରୁ ଅନ୍ୟ ଜଟିଳ ରୋଗର ଶିକାର ହୋଇଥାନ୍ତି। ସେସବୁକୁ ଦୃଷ୍ଟିରେ ରଖି ସମ୍ ହସ୍ପିଟାଲରେ ମଧୁମେହ ରୋଗ ଏବଂ ମଧୁମେହ କାରଣରୁ ହେଉଥିବା ଅନ୍ୟରୋଗର ଚିକିତ୍ସା ମଧ୍ୟ କରା ଯାଉଛି। ମଧୁମେହ ରୋଗୀ ସଠିକ୍ ଯତ୍ନ ଏବଂ ଡାକ୍ତର ପରାମର୍ଶ କ୍ରମେ ଜୀବନ ଅତିବାହିତ କଲେ ଅନ୍ୟ ରୋଗରେ ଆକ୍ରାନ୍ତ ହୋଇ ନଥାନ୍ତି। ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ଆସନ୍ତା ୩ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ଚତୁର୍ଥ ରବିବାର ଦିନ ପୂର୍ବାହ୍ନ ୯ଟା ରୁ ମଧ୍ୟାହ୍ନ ଗୋଟାଏ ପର୍ଯ୍ୟନ୍ତ ମାଗଣା ମଧୁମେହ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ହସ୍ପିଟାଲର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାଶ ସୂଚନା ଦେଇଛନ୍ତି। ଏଠାରେ ହୋଇଥିବା ବିଭିନ୍ନ ପରୀକ୍ଷାରେ ରିହାତି ଦିଆଯାଉ ଥିବା ସେ ସୂଚନା ଦେଇଛନ୍ତି। ପ୍ରତ୍ୟେକ ଶିବିରରେ ଡାକ୍ତରଙ୍କ ମାଗଣା ପରାମର୍ଶ ସହ ଲୋକମାନେ ମାଗଣା ମଧୁମେହ ଯାଞ୍ଚ କରିପାରିବେ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି। ଏହି ଅବସରରେ ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞ ଡାକ୍ତର ଜୀବନ ପ୍ରଧାନ କହିଛନ୍ତି ଯେ ଏହି ହସ୍ପିଟାଲ୍‌ରେ ରୋଗୀମାନଙ୍କୁ ଗୋଟିଏ ଛାତ ତଳେ ସମସ୍ତ ପରୀକ୍ଷା ଓ ଚିକିତ୍ସା ମିଳିପାରୁଛି। ଏହି ଶିବିରରେ ହସ୍ପିଟାଲର ଭେଷଜ ବିଶେଷଜ୍ଞ ଡାକ୍ତର ବିପିନ୍ ଚନ୍ଦ୍ର ପଣ୍ଡା, ଡାକ୍ତର ଅମର କୁମାର ଦାସ, ଡାକ୍ତର ଜୀବନ ପ୍ରଧାନ, ଡାକ୍ତର କେ. ସ୍ନିଗ୍ଧା, ଡାକ୍ତର ରଂଜିତ ପାତ୍ର, ଡାକ୍ତର ସୁବାଶିଷ ପ୍ରଧାନ, ଡାକ୍ତର ରିତିକା ସେନ୍ ପ୍ରମୁଖ ଉପସ୍ଥିତ ରହି ବହୁ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ଏଥି ସହିତ ରକ୍ତଚାପ, ଚକ୍ଷୁ, ସ୍ନାୟୁରୋଗ, କିଡ୍‌ନୀ, ୟୁରିଆ ଓ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୟୂରଭଞ୍ଜ ଲୋକସଭାକ୍ଷେତ୍ରରେ...

ଗଠନ କରି ମୁଖ୍ୟମନ୍ତ୍ରୀକୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି । ଏ ଗୁଡ଼ିକ ହେଉଛି ଆଦିବାସୀଙ୍କ ପରିଚୟ । ଏଭଳି ପଦକ୍ଷେପ ସାରା ଭାରତବର୍ଷରେ କେବଳ ନବୀନ ବାବୁ କରିଛନ୍ତି । ଅନ୍ୟ କୌଣସି ରାଜ୍ୟ କିମ୍ବା ଦଳ କରିନାହାନ୍ତି । ଆଦିବାସୀମାନଙ୍କ ଉପରୁ ଛୋଟ ବଡ଼ ୫୦ ହଜାର ପୋଲିସ କେଶ୍ ରଦ୍ଦ କରିଛନ୍ତି । ଏହାଦ୍ୱାରା ଆଦିବାସୀମାନେ ଶାନ୍ତିରେ ରହିବେ, ବାରମ୍ବାର ଥାନାକୁ ଦୌଡିବାକୁ ପଡିବ ନାହିଁ । ସେ ପଚାରିଲେ ୫୦-୬୦ ବର୍ଷ ମଧ୍ୟରେ କୌଣସି ସରକାର ଆଦିବାସୀମାନଙ୍କ କଳା, ସଂସ୍କୃତି ଓ ଭାଷାର ଉନ୍ନତି ପାଇଁ କିଛି କରିଛନ୍ତି କି ? କେବଳ ନବୀନ ପଟ୍ଟନାୟକ କରିଛନ୍ତି । ବିରୋଧି ବିଜେପିକୁ ପଚାରନ୍ତୁ, ଆପଣମାନଙ୍କ କଳା, ସଂସ୍କୃତି, ଭାଷା ଓ ଭଗବାନଙ୍କ ପାଇଁ କିଛି କହିଛନ୍ତି କି ? ଆମ ପାଇଁ ନବୀନ ବାବୁ କରିଛନ୍ତି । ଏ ଗୁଡ଼ିକ ହେଉଛି ଆଦିବାସୀମାନଙ୍କ ପରିଚୟ । ଯଦି ଏଗୁଡ଼ିକ ପଳେଇବ ତା'ହେଲେ ସେମାନଙ୍କ ପରିଚୟ ଲୁପ୍ତ ହୋଇଯିବ। ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ 'ଲାଭ' ଯୋଜନା କରିଛନ୍ତି । ଏଥିରେ ଜଙ୍ଗଲଜାତ ଦ୍ରବ୍ୟ ଯଥା - ଶାଳମଞ୍ଜି, ଶାଳପତ୍ର, ମହୁଲ ଇତ୍ୟାଦିର ଉଚିତ ମୂଲ୍ୟ ସେମାନେ ପାଉଛନ୍ତି । ସେମାନେ ଆଉ ଠକାମିରେ ପଡୁନାହାନ୍ତି । ସାରା ଭାରତବର୍ଷରେ ଆଦିବାସୀ ପିଲାଙ୍କ ପାଇଁ ସବୁଠାରୁ ଅଧିକ ହଷ୍ଟେଲ ଓଡ଼ିଶାରେ କରାଯାଇଛି । ହଜାର ହଜାର ହଷ୍ଟେଲରେ ଲକ୍ଷ ଲକ୍ଷ ପିଲା ମାଗଣାରେ ରହି ପାଠ ପଢୁଛନ୍ତି । ଅନ୍ୱେଷା, ଆକାଂକ୍ଷା ଯୋଜନା ମାଧ୍ୟମରେ ସେମାନଙ୍କୁ ଉଚ୍ଚଶିକ୍ଷିତ କରାଯାଉଛି । କେବଳ ସେମାନଙ୍କର ଉନ୍ନତି ପାଇଁ ଏ ସବୁ କରାଯାଇଛି । ସେମାନଙ୍କର ''ଉନ୍ନତି ଓ ପରିଚୟ'' ଉଭୟ ଦରକାର । ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ସମ୍ମାନ ଦିଅନ୍ତି ବୋଲି ପ୍ରକାଶ କରି ସେ କହିଲେ ଯେ, ଆପଣମାନଙ୍କ କଲ୍ୟାଣ ପାଇଁ ଆନ୍ତରିକତାର ସହ କାମ କରନ୍ତି । ଆପଣମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମ କରୁଛନ୍ତି । ଆପଣଙ୍କ ମୁହଁରେ ହସ ଆଣିବା ପାଇଁ ଦିନରାତି କାମ କରୁଛନ୍ତି । ଆଦିବାସୀ ପିଲାମାନେ ଆଗରୁ ଯେଉଁ ସ୍କଲାରସିପ ପାଉଥିଲେ, ତାକୁ ମଧ୍ୟ ପାଇବେ । ଡବଲ ଇଞ୍ଜିନ ସରକାର ଗୋଟିଏ ବି ସ୍କଲାରସିପ ଦଉନାହାନ୍ତି । କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ଡବଲ ସ୍କଲାରସିପ ଦଉଛନ୍ତି । ସେ କହିଲେ ଯେ, କୋଭିଡ ହେଉ କି ବନ୍ୟାବାତ୍ୟା ହେଉ ମୁଖ୍ୟମନ୍ତ୍ରୀ ସବୁବେଳେ ଓଡ଼ିଶାବାସୀଙ୍କ ସହିତ ଅଛନ୍ତି, ଓଡ଼ିଶାବାସୀଙ୍କ ପାଇଁ କାମ କରୁଛନ୍ତି । ଆପଣମାନଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକ ଜୁନ ୯ ତାରିଖରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଶପଥ ନେବା ପରେ ପ୍ରଥମ ଦସ୍ତଖତରେ ସମସ୍ତଙ୍କୁ ବିଜୁଳି ବିଲ୍‌ରୁ ମୁକ୍ତ କରିବେ । ଦ୍ୱିତୀୟ ଦସ୍ତଖତରେ ବି.ଏସ୍.କେ.ୱାଇରେ ସମସ୍ତଙ୍କୁ ସାମିଲ କରିବେ । ତୃତୀୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରିବେ । ମିଶନଶକ୍ତି ମା'ମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଶକ୍ତି, ମୁଖ୍ୟମନ୍ତ୍ରୀ ହେଉଛନ୍ତି ମିଶନଶକ୍ତି ମା'ମାନଙ୍କ ଶକ୍ତି । ଚତୁର୍ଥ ଦସ୍ତଖତରେ କଲେଜ ପିଲାମାନଙ୍କ ନୂଆ-ଓ ସ୍କଲାରସିପ୍ ବୃଦ୍ଧି ହେବ । ପୁଅ ପିଲା ପାଇବେ ୧୨ ହଜାର, ଝିଅ ପାଇବେ ୧୪ ହଜାର ଟଙ୍କା । ଏଥି ସହିତ ଜନଜାତି ଛାତ୍ରବୃତ୍ତି ମଧ୍ୟ ମିଳିବ । ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ଡବଲ ଛାତ୍ରବୃତ୍ତି କରିଛନ୍ତି । ସଭାରେ ସେ ପଚାରିଥିଲେ ଯେ, ମଧୁବାବୁ ପେନ୍‌ସନ ଯୋଜନାରେ ୧୦୦୦ ଟଙ୍କା ଭତ୍ତା, ଲକ୍ଷ୍ମୀବସ, ବି.ଏସ୍.କେ.ୱାଇ., କାଳିଆ, ନୂଆ-ଓ ସ୍କଲାରସିପ କିଏ କରିଛନ୍ତି ? ଉପସ୍ଥିତ ଜନତାଙ୍କ କେବଳ ଗୋଟିଏ ସ୍ୱର - ନବୀନ ପଟ୍ଟନାୟକ । ଯଶୀପୁରରେ ଲୋକଙ୍କୁ ସରକାରଙ୍କ କାମର ହିସାବ ଦେଇ ସେ କହିଲେ ଯେ, ଖଇରିବନ୍ଧନ ଜଳସେଚନ ପ୍ରକଳ୍ପ ପାଇଁ ୩୩୭.୫୦ କୋଟି ଟଙ୍କା, ଶୁକ୍ରୁଳିରେ ଆଡ଼ିବନ୍ଧ ପାଇଁ ୧୭୦ କୋଟି, ମା' କୀଚକେଶ୍ୱରୀ ମନ୍ଦିରର ରୂପାନ୍ତରୀକରଣ ପାଇଁ ୮.୪୦ କୋଟି ଟଙ୍କା, କୀଚକେଶ୍ୱରୀ ମନ୍ଦିର ମ୍ୟୁଜିୟମ୍ ପାଇଁ ୧.୩୦ କୋଟି ଟଙ୍କା, କୁଡୁମୀ କମ୍ୟୁନିଟି ଭବନ ପାଇଁ ୨୫ ଲକ୍ଷ ଟଙ୍କା, ହୋ କମ୍ୟୁନିଟି ସେଣ୍ଟର ପାଇଁ ୨୫ ଲକ୍ଷ ଟଙ୍କା, ରରୁଁଆ କୁଡୁମୀ ଭବନ ପାଇଁ ୨୫ ଲକ୍ଷ ଟଙ୍କା, ହୋ କମ୍ୟୁନିଟି ସେଣ୍ଟର ପାଇଁ ୨୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଛନ୍ତି । ପ୍ରାୟ ସବୁ ସମାଜର କମ୍ୟୁନିଟି ସେଣ୍ଟର ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି । ଯଶୀପୁରରେ ଆମ ବସଷ୍ଟାଣ୍ଡ ପାଇଁ ୧୪.୫୦ କୋଟି ଟଙ୍କା, ମା'ମାନେ ବସ୍ ପାଇଁ ଖରାବର୍ଷାରେ ଆଉ ଠିଆ ହେବେନାହିଁ, ରରୁଁଆ-ଫଗୁ ରାସ୍ତା ପାଇଁ ୫୦ କୋଟି ଟଙ୍କା, ସୁଲେଇପାଟ-ଝାଲଡୁଙ୍ଗୁରୀ ରାସ୍ତା ପାଇଁ ୩୫ କୋଟି, ଯଶୀପୁର-ରରୁଁଆ ରାସ୍ତା ପାଇଁ ୩୩ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଛନ୍ତି । ଯଶୀପୁର, ରରୁଁଆ ଓ ଶୁକ୍ରୁଳୀ ବ୍ଲକରେ ଘରେ ଘରେ ପିଇବା ପାଣି ଯୋଗାଇ ଦେବା ପାଇଁ ୬୫୦ କୋଟି ଟଙ୍କା, ୧୩ ହଜାର ୫୦୦ ପିଲାଙ୍କ ପାଇଁ ହଷ୍ଟେଲ ସୁବିଧା ଓ ଅଞ୍ଚଳର ୮ ଟି ସ୍କୁଲକୁ ୫-ଟିରେ ରୂପାନ୍ତରଣ କରିଛନ୍ତି । ଯଶୀପୁରରେ ସେ କହିଲେ ଯେ, ଆପଣ ଯାହାକୁ ଗତଥର ନିର୍ବାଚିତ କରିଥିଲେ, ସେ କେବେ ଆପଣଙ୍କ ପାଖକୁ ଆସି ତାଙ୍କ କାମର ହିସାବ ଦେଇଛନ୍ତି ? କିନ୍ତୁ ଆମ ମୁଖ୍ୟମନ୍ତ୍ରୀ କାମର ହିସାବ ଦିଅନ୍ତି । ସୁଦାମ ବାବୁ ଓ ଚକ୍ରଧର ବାବୁଙ୍କୁ ଆଶୀର୍ବାଦ କରନ୍ତୁ, ଆପଣମାନଙ୍କ ଲାଗି ଓ ଆପଣଙ୍କ ସମାଜ ପାଇଁ ସେମାନେ ବହୁତ କାମ କରିବେ । ସାରସକଣାରେ କର୍ମୀ, ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟମାନଙ୍କୁ ଅନୁରୋଧ କରି କହିଲେ ଆଉ ଦୁଇଦିନ ଲାଗିପଡ଼ନ୍ତୁ, ଶଙ୍ଖଚିହ୍ନ ପ୍ରତି ସମ୍ମାନ ଆଣନ୍ତୁ, ଅଞ୍ଚଳରେ ଉନ୍ନତି ଆଣନ୍ତୁ । ଯାହା ବି କାମ ଦରକାର ଆମେ କରିବୁ, ଆପଣମାନଙ୍କର ସାଥୀ ହୋଇ ରହିବୁ । ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ବହୁତ ପରିଶ୍ରମ କରୁଛନ୍ତି, ୫ ବର୍ଷରେ ଥରେ ସୁଯୋଗ ଆସିଛି ତାଙ୍କୁ ଆଶୀର୍ବାଦ କରିବା ପାଇଁ, ସୁଦାମ ବାବୁ ଓ ଦେବାଶିଷ ବାବୁଙ୍କୁ ଆଶୀର୍ବାଦ କରନ୍ତୁ । ଗତଥର ଆପଣ ଯାହାକୁ ବିଧାୟକ କରିଥିଲେ, ସେ ଆପଣଙ୍କ ପାଇଁ କ'ଣ କାମ କରିଛନ୍ତି ଟିକିଏ ଚିନ୍ତା କରନ୍ତୁ, ସେ ଆପଣମାନଙ୍କୁ ଦେଖିଲେ ଚିହ୍ନିପାରିବେ କି ? ମୁଁ ପୂର୍ବରୁ ଏଠାକୁ ଦୁଇ ଥର ଆସିଛି, ଯାହା ବି ଦରଖାସ୍ତ ନେଇଥିଲି ପ୍ରାୟ ସବୁ କାମ ହୋଇଛି । ଚନ୍ଦନପୁର-ବିଶୋଇ ଘାଟି ରାସ୍ତା ପାଇଁ ୧୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି, ୩-୪ ମାସ ମଧ୍ୟରେ କାମ ଶେଷ ହେବ, ଆପଣଙ୍କ ବିଧାୟକ ଆପଣଙ୍କ କଥା ଶୁଣିଥିଲେ କି ? ଏଇଟା ହେଉଛି ନବୀନ ସରକାରଙ୍କ କାମ, ଲୋକଙ୍କ କାମ । ମଣ୍ଡା-ଯୋକା ରାସ୍ତା, ଦିଘି-ସରସକଣା ରାସ୍ତାକାମ ଚାଲିଛି, ବାଙ୍କବାଳ ଡ୍ୟାମ୍ ଉନ୍ନତି ପାଇଁ ୮୦ ଲକ୍ଷ ଟଙ୍କା, ସରସକଣା ଓ କୁସୁମୀ ବ୍ଲକରେ ୨୧୨ କୋଟି ଟଙ୍କାରେ ପିଇବା ପାଣି ସୁବିଧା, ବିଞ୍ଜଦହରା ଜଳପ୍ରପାତ ପାଇଁ ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଛନ୍ତି । ବାଙ୍ଗିରିପୋଷିରେ କହିଲେ ସୁଦାମ ବାବୁ ଆପଣଙ୍କ ସୁଖଦୁଃଖରେ ବହୁତ ଦିନ ହେଲା ଅଛନ୍ତି, ଆନ୍ତରିକତାର ସହ ସେ ଆପଣମାନଙ୍କ ପାଇଁ କାମ କରନ୍ତି । ୨୦ ବର୍ଷ ପୂର୍ବରୁ ମୟୂରଭଞ୍ଜରେ ଜିଲ୍ଲାପାଳ ଥିବାବେଳଠୁ ମୁଁ ତାଙ୍କୁ ଜାଣିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କାମ ଆଦାୟ କରିବାରେ ସେ ଏକ ନମ୍ବର, ଆପଣମାନେ ତାଙ୍କୁ ଏକ ନମ୍ବର ସାଂସଦ କରନ୍ତୁ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗତ ଅଗଷ୍ଟ ମାସରେ ମୁଁ ଏଠାକୁ ଆସିଥିଲି ଆପଣମାନେ ଯାହା ବି ଦରଖାସ୍ତ ଦେଇଥିଲେ ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ତା'ର ହିସାବ ଦେବାକୁ ଆସିଛି । କାମର ହିସାବ ଦେଇ କହିଲେ ଯେ, ସିମିଳେଶ୍ୱର ଶିବ ମନ୍ଦିର ପାଇଁ ୪୦ ଲକ୍ଷ ଟଙ୍କା, ସିନ୍ଦୁରଗୌର କୁଡୁମୀ କମ୍ୟୁନିଟି ସେଣ୍ଟର ପାଇଁ ୨୫ ଲକ୍ଷ ଟଙ୍କା, ବଡ଼ଗାଁ ପଞ୍ଚାୟତରେ ହୋ କମ୍ୟୁନିଟି ସେଣ୍ଟର ପାଇଁ ୨୫ ଲକ୍ଷ ଟଙ୍କା, ବୁଢ଼ୀଖମାରୀ ଗ୍ରାମପଞ୍ଚାୟତରେ କୁଡୁମୀ କମ୍ୟୁନିଟି ସେଣ୍ଟର ପାଇଁ ୨୫ ଲକ୍ଷ ଟଙ୍କା, କଂସପାଳ ଆଡ଼ିବନ୍ଧ ପାଇଁ ପାଖାପାଖି ୧୦୦ କୋଟି ଟଙ୍କା, ବାଙ୍ଗିରିପୋଷି-ତାଳବନ୍ଧ ରାସ୍ତା ପାଇଁ ୪୫ କୋଟି ଟଙ୍କା, ଧାଙ୍ଗିରିଶୋଳ-ଦେଉଳୀ-ମୋରଡ଼ା ରାସ୍ତା ପାଇଁ ୩୫ କୋଟି ଟଙ୍କା, ବାଲିଡିହ-ଭୁଆସୁଣି ରାସ୍ତା ପାଇଁ ୩୦ କୋଟି ଟଙ୍କା, ବାଙ୍ଗିରିପୋଷି ଓ କୁଳିଅଣା ବ୍ଲକରେ ଘରେ ଘରେ ପାଇପ ଯୋଗେ ପିଇବା ପାଣି ଯୋଗାଇଦେବା ପାଇଁ ୩୭୦ କୋଟି ଟଙ୍କା, ଶାମାଖୁଣ୍ଟା ବ୍ଲକର ୧୩ଟି ଗ୍ରାମ ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦେବାକୁ ୧୦୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି । ଉଦଳାରେ କହିଲେ ଯେ, ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ସୋନୋ ବ୍ୟାରେଜ ନିର୍ମାଣ ପାଇଁ ୭୪୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଲୋକସଭା ପ୍ରାର୍ଥୀ ସୁଦାମ ବାବୁ ଓ ବିଧାନସଭା ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ଜିତାଇ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ସେ ଅନୁରୋଧ କରିଥିଲେ ।

## ପଶ୍ଚିମରେ ତାତି, ଉପକୂଳ...

ଅସହ୍ୟ ଗୁଳୁଗୁଳି ହେଉଥିବା କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି। ଆଗାମୀ ତିନିଦିନ ଯାଏ ଏଭଳି ଗୁଳୁଗୁଳି ଲାଗିରହିବ ବୋଲି ସେ କହିଛନ୍ତି।

## ନିର୍ବାଚନ ପରେ ...

ଆମେ ପୁଞ୍ଜିପତିଙ୍କ ସପକ୍ଷରେ ନାହୁଁ। ଗରିବଙ୍କ ସପକ୍ଷରେ ଆମେ ଅଛୁ । ସେଥିପାଇଁ ବିଜେପି ଆମକୁ ସହିପାରୁନି। ବିଜେପି ସହ ବିଜେଡିକୁ ବି ଟାର୍ଗେଟ କରିଛନ୍ତି ମଲ୍ଲିକାର୍ଜୁନ ଖଡଗେ। କହିଛନ୍ତି, ବିଜେପି ଯାହା ଚାହୁଁଛି ବିଜେଡି ସମର୍ଥନ କରୁଛି। ଏବେ ପରସ୍ପର ଅଲଗା ଅଲଗା ଅଛନ୍ତି। ନିର୍ବାଚନ ପରେ ପୁଣି ଏକାଠି ହୋଇଯିବେ ବୋଲି ଖଡ଼୍‌ଗେ କହିଛନ୍ତି।

## ଯଦି ମୋ ଦେହ ଖରାପ ଥାନ୍ତା ...

ବିଶ୍ୱାସ କରି ମୋ ସ୍ୱାସ୍ଥ୍ୟାବସ୍ଥା ପାଇଁ ଟିମ୍ ଗଠନ କରିବାକୁ ଜନସଭାରେ କହିନଥାନ୍ତେ। ଆପଣଙ୍କୁ ମୋ ସ୍ୱାସ୍ଥ୍ୟ ଚିନ୍ତା ନୁହେଁ ବରଂ ଭୋଟ୍ ଚିନ୍ତା। ମୋ ସ୍ୱାସ୍ଥ୍ୟକୁ ନେଇ ଗୁଜବ ପ୍ରଚାର କରାଯାଉଛି, ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଯେଉଁମାନେ ଗୁଜବ କରୁଛନ୍ତି ସେମାନଙ୍କ ପାଇଁ ଟିମ୍ ଗଠନ କରି ଯାଞ୍ଚ କରନ୍ତୁ ବୋଲି କହିଛନ୍ତି ନବୀନ। ଲୋକମାନେ ମୋ କଥା ଶୁଣିବାକୁ ଜନସଭାକୁ ଆସୁଛନ୍ତି, ମୋ ସ୍ୱାସ୍ଥ୍ୟାବସ୍ଥା କଥା ନୁହେଁ । ବୁଧବାର ବାରିପଦା ସମାବେଶରେ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥାନେଇ ପ୍ରଶ୍ନ କରିଥିଲେ ମୋଦି। ସେ କହିଥିଲେ, ବର୍ଷେ ହେବ ନବୀନ ବାବୁଙ୍କ ସ୍ୱାସ୍ଥ୍ୟବସ୍ଥା ଏତେ ଖରାପ କେମିତି ହେଲା ? ନବୀନଙ୍କ ସହ ଅତି ଘନିଷ୍ଠ ଥିବା ଲୋକ କହୁଛନ୍ତି, ନବୀନ ଏବେ ନିଜେ କିଛି କରିପାରୁନାହାନ୍ତି। ନବୀନ ବାବୁଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ପଛରେ କିଛି ଷଡଯନ୍ତ୍ର ହୋଇଥାଇପାରେ ବୋଲି ତାଙ୍କ ଘନିଷ୍ଠ କହୁଛନ୍ତି। ପ୍ରଶ୍ନ ଉଠୁଛି, ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ପଛରେ ଷଡଯନ୍ତ୍ର ହେଉନି ତ ? ଏହା ପଛରେ ସେହି କୋଟରୀ କାମ କରୁନି ତ, ଯେଉଁମାନେ ପରଦା ପଛରେ ରହି ଓଡ଼ିଶାର ଶାସନ କରୁଛନ୍ତି। ଏହା ଉପରୁ ପରଦା ହଟିବା ଆବଶ୍ୟକ। ଏହାର ଯାଞ୍ଚ ହେବା ଆବଶ୍ୟକ। ବିଜେପି ସରକାର ଆସିଲେ, ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଅଚାନକ କାହିଁକି ଖରାପ ହେଲା ତାହାର ଯାଞ୍ଚ କରିବାକୁ କମିଟି ଗଠନ କରିବୁ।

## ତାତିରୁ ମିଳିବ ମୁକ୍ତି : ୨୪...

ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୌସୁମୀ କେରଳରେ ପହଞ୍ଚିପାରେ। ତେବେ ଉତ୍ତାପ ଲହରକୁ ନେଇ ଅନେକ ରାଜ୍ୟରେ ପାଣିପାଗ ବିଭାଗ ଏକ ସତର୍କ ସୂଚନା ଜାରି କରିଛି। ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ନରେଶ କୁମାର ସୂଚନା ଦେଇଛନ୍ତି ଯେ ବିହାର, ଝାଡଖଣ୍ଡ ଏବଂ ଓଡ଼ିଶା ପାଇଁ ଆସନ୍ତା ଦୁଇ ଦିନ ପାଇଁ ପ୍ରବଳ ଉତ୍ତାପ ସତର୍କ ସୂଚନା ଜାରି କରାଯାଇଛି। ୩ ଦିନ ପରେ, ଯେତେବେଳେ ବଙ୍ଗୋପସାଗରରୁ ଆର୍ଦ୍ରତା ଆସିବ, ସ୍ଥିତିରେ ସୁଧାର ଆସିବାର ସମ୍ଭାବନା ରହିଛି । ଏଥି ସହିତ ପଞ୍ଜାବ, ହରିୟାଣା-ଚଣ୍ଡିଗଡ଼-ଦିଲ୍ଲୀର କିଛି ଅଞ୍ଚଳରେ ମେ' ୩୧ ପର୍ଯ୍ୟନ୍ତ ଉତ୍ତାପ ଲହର ସମ୍ପର୍କରେ ଏକ ସତର୍କ ସୂଚନା ଜାରି କରାଯାଇଛି। ବୁଧବାର ଠାରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଆସାମ ଏବଂ ମେଘାଳୟରେ ପ୍ରବଳରୁ ଅତି ପ୍ରବଳ ଏବଂ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ...

ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ ରହିଛନ୍ତି। ରୋଡ୍ ଶୋ' ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ନିମାପଡାରେ ଲୋକଙ୍କ ପ୍ରବଳ ଭିଡ ହୋଇଥିଲା। ହଜାର ହଜାର ଲୋକ ନବୀନଙ୍କୁ ରାସ୍ତାରେ ଅପେକ୍ଷା କରିଥିଲେ। ଏମିତିକି ଜନ ଗହଳିକୁ ଏଡାଇ ଆଗକୁ ବଢ଼ିବା ମୁଖ୍ୟମନ୍ତ୍ରୀଙ୍କ ପାଇଁ କଷ୍ଟକର ହୋଇଥିଲା। ପୂର୍ବରୁ ନବୀନ ଭୁବନେଶ୍ୱରର ତିନି ବିଧାନସଭା କ୍ଷେତ୍ରରେ ରୋଡ ଶୋ କରିଥିଲେ।

## ଭବିଷ୍ୟତରେ ପୁନର୍ବାର...

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦକ୍ଷିଣ ଗୋଲାର୍ଦ୍ଧର ପ୍ରଥମ କ୍ରାଓନିକ୍ସ ସୁବିଧା ପରିଚାଳନା କରୁଥିବା ସାଉଥ୍ କ୍ରାଓନିକ୍ସ ଏହାର ହୋଲବ୍ରୋକ୍ ସୁବିଧାରେ ଏହାର ପ୍ରଥମ ଗ୍ରାହକଙ୍କୁ ଫ୍ରିଜ୍ କରିଦେଇଛି ବୋଲି ଘୋଷଣା କରିଛି। ମାଇନସ୍ ୨୦୦ ଡିଗ୍ରୀ ସେଲସିୟସରେ ଫ୍ରିଜ୍ ହେବା ପୂର୍ବରୁ ସିଡନୀରେ ଜଣେ ୮୦ ବର୍ଷ ବୟସ୍କ ଗ୍ରାହକଙ୍କ ମୃତ୍ୟୁ ଘଟିଥିଲା । ସାଉଥ୍ କ୍ରୋନିକ୍ସର ସୁବିଧା ପରିଚାଳକ ଫିଲିପ୍ ରୋଡସ୍ କହିଛନ୍ତି ଆମେ ଏନେଇ ସଠିକ୍ ଭାବରେ ପ୍ରସ୍ତୁତ ହୋଇ ନ ଥିଲୁ। ଏହା ଅତ୍ୟନ୍ତ ଚାପଗ୍ରସ୍ତ ସମୟ ଥିଲା। ମୁଁ ସପ୍ତାହେ ପର୍ଯ୍ୟନ୍ତ ଶୋଇ ନ ଥିଲି। କାରଣ ବିଭିନ୍ନ ଦିନରେ ଅନେକ ଭିନ୍ନ ଭିନ୍ନ ପ୍ରକ୍ରିୟା ଅତିକ୍ରମ କରିବାକୁ ପଡୁଥିଲା। ରୋଡସ୍ କହିଛନ୍ତି ଯେ ଯଦିଓ ତାଙ୍କ ଫାର୍ମ ଚଳିତ ବର୍ଷ ଠାରୁ ଶରୀର ଗ୍ରହଣ କରିବାକୁ ପ୍ରସ୍ତୁତ ଥିଲା, ତଥାପି ତାଙ୍କର ପ୍ରଥମ ଗ୍ରାହକ ଟିକେ ସ୍ୱତନ୍ତ୍ର ଥିଲେ। ସେ କହିଥିଲେ ଯେ ତାଙ୍କ ପରିବାର ହଠାତ୍ ଫୋନ୍ କଲେ ଏବଂ ଆମକୁ ପ୍ରାୟ ଏକ ସପ୍ତାହ ପ୍ରସ୍ତୁତି କରିବାକୁ ପଡିଲା। ତାଙ୍କ ଦଳ ସମସ୍ତ କ୍ରାଓନିକ୍ସ ଯନ୍ତ୍ରପାତି ପରୀକ୍ଷା କରିଥିଲେ ଏବଂ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା । ସେ କହିଥିଲେ, 'ଆମେ ପ୍ରସ୍ତୁତ ଥିଲୁ, କିନ୍ତୁ ଏହା ଟିକିଏ ଅଲଗା ମାମଲା ଥିଲା। ମିଡିଆ ରିପୋର୍ଟ ଅନୁଯାୟୀ, ପ୍ରଥମ ରୋଗୀଙ୍କର ମେ' ୧୨ରେ ସିଡନୀ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ତାଙ୍କ ଶରୀରକୁ ସଂରକ୍ଷଣ ପାଇଁ ୧୦ ଘଣ୍ଟିଆ ପ୍ରକ୍ରିୟା କରାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କ ମୃତଦେହକୁ ଡାକ୍ତରଖାନାର ଏକ ଶୀତଳ କୋଠରୀକୁ ନିଆଯାଇ ବରଫରେ ଆଚ୍ଛାଦିତ କରାଯାଇ ଏହାକୁ ପ୍ରାୟ ୬ ଡିଗ୍ରୀ ସେଲସିୟସକୁ ଆଣିଥିଲା। ଏହା ପରେ ଡାକ୍ତରମାନେ କୋଷଗୁଡ଼ିକୁ ସଂରକ୍ଷଣ କରିବାରେ ଏବଂ ଶରୀରର ତାପମାତ୍ରାକୁ ହ୍ରାସ କରିଥିଲେ। ଶରୀରରେ ଏକ ତରଳ ପଦାର୍ଥ ପକାଇଲେ, ଯାହା ଏକ ପ୍ରକାର ଆଣ୍ଟି-ଫ୍ରିଜ୍ ଭାବରେ କାମ କରିଥାଏ। ଏହା ପରେ ରୋଗୀକୁ ଏକ ବିଶେଷ ପ୍ରକାରର ଶୋଇବା ବ୍ୟାଗରେ ଗୁଡ଼ାଇ ଶୁଖିଲା ବରଫରେ ପ୍ୟାକ୍ କରାଯାଇଥିଲା । ତାଙ୍କ ଶରୀରର ତାପମାତ୍ରା ପ୍ରାୟ ୮୦ଡିଗ୍ରୀ ସେଲସିୟସକୁ ଖସି ଆସିଥିଲା ଏବଂ ପରଦିନ ତାଙ୍କୁ ସାଉଥ କ୍ରାଓନିକ୍ସ ହୋଲବ୍ରୋକ୍ ସୁବିଧାକୁ ନିଆଯାଇଥିଲା, ଯେଉଁଠାରେ ତରଳ ନାଇଟ୍ରୋଜେନ ବିତରଣ ନହେବା ପର୍ଯ୍ୟନ୍ତ ତାଙ୍କୁ ଶୁଖିଲା ବରଫରେ ରଖାଯାଇଥିଲା। ସେହି ବ୍ୟକ୍ତିଙ୍କ ତାପମାତ୍ରା ପରେ ମାଇନସ୍ ୨୦୦ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଲା ଏବଂ ପରେ ତାଙ୍କୁ ଏକ ସ୍ୱତନ୍ତ୍ର ଟ୍ୟାଙ୍କରେ ରଖାଗଲା ଯାହା ଏକ ଭ୍ୟାକ୍ୟୁମ୍ ଷ୍ଟୋରେଜ୍ ପୋଡ୍ ଭାବରେ କାର୍ଯ୍ୟ କରିଥାଏ। ଆଉଟଲେଟ୍ ରିପୋର୍ଟ କରିଛି ଯେ ସମଗ୍ର ପ୍ରକ୍ରିୟା ଗ୍ରାହକଙ୍କୁ ୧୭୦ ହଜାର ଖର୍ଚ୍ଚ କରିଛି । ହୋଲବ୍ରୋକ୍ ସୁବିଧାରେ ବର୍ତ୍ତମାନ ଗୋଟିଏ କାକର ଅଛି ଯାହା ଚାରୋଟି ଶରୀର ଧାରଣ କରିପାରିବ । ହୋଲବ୍ରୋକ୍ ସାଇଟ୍ ୪୦ ଟି ଶବ ଧାରଣ କରିପାରିବ। ଏହାକୁ ଆହୁରି ବୃଦ୍ଧି କରିବାର ଏକ ସମ୍ଭାବନା ମଧ୍ୟ ଅଛି।

## ଦିଲ୍ଲୀରେ ସର୍ବାଧିକ ତାପମାତ୍ରା...

ସେହିଭଳି ହରିୟାଣାର ସିର୍ସାରେ ୫୦.୩ ଡିଗ୍ରୀ ରେକର୍ଡ ହୋଇଥିଲା ବେଳେ ଦକ୍ଷିଣ ରାଜସ୍ଥାନର ବାରମର, ଯୋଧପୁର, ଉଦୟପୁର, ସାଇରୋହି, ଏବଂ ଜାଲୋରରେ ୪ ଡ଼ିଗ୍ରୀ ତାପମାତ୍ରା ହ୍ରାସ ଘଟି ବୁଧବାର ଉତ୍ତର-ପଶ୍ଚିମ ଭାରତ ଉପରେ ହିଟ ୱେଭ ହ୍ରାସ ହେବାର ସୂଚାଉଛି। ଅନ୍ୟପଟେ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛନ୍ତି ଯେ, ଆଗାମୀ ୨୪ ଘଣ୍ଟାମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଏହାସହିତ କିଛି ଉତ୍ତରପୂର୍ବ ରାଜ୍ୟକୁ ମଧ୍ୟ ମୌସୁମୀ ଅଗ୍ରସର ହେବ।

# ରାଜ୍ୟ ଏନ୍‌ଏସ୍‌ଏସ୍ ପକ୍ଷରୁ ସଡ଼କ ସୁରକ୍ଷା ଓ ପ୍ରାଥମିକ ଉପଚାର ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଏନ୍‌ଏସ୍‌ଏସ୍ ଓ ଭାରତୀୟ ରେଡ୍‌କ୍ରସ ସୋସାଇଟି ଦ୍ୱାରା ସଡ଼କ ସୁରକ୍ଷା ଓ ଦୁର୍ଘଟଣାଜନିତ ପ୍ରାଥମିକ ଉପଚାର ଉପରେ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ବୁଧବାର ରେଡ୍‌କ୍ରସ ଭବନ ଠାରେ ଆରମ୍ଭ ହୋଇଛି । ଏହି କର୍ମଶାଳାରେ ରାଜ୍ୟର ସମସ୍ତ କଲେଜରୁ ପ୍ରାୟ ୧୨୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣରେ ଯୋଗଦେଇଛନ୍ତି । ପ୍ରଶିକ୍ଷଣରେ ମୁଖ୍ୟ ଅତିଥି ରେଡ୍‌କ୍ରସ ଅବୈତନିକ ସଚିବ ବିଭୁତି ଭୂଷଣ ପଟ୍ଟନାୟକ, ଯୁବ ଏନ୍‌ଏସ୍‌ଏସ୍ ଅଧିକାରୀ ଅଜିତ କୁଶବାହା, ରାଜ୍ୟ ଏନ୍‌ଏସ୍‌ଏସ୍ ଅଫିସର ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଅଧିକାରୀବୃନ୍ଦ ଓ ଅଭିଜ୍ଞ ପ୍ରଶିକ୍ଷକମାନେ ଯୋଗଦେଇଥିଲେ।

ପ୍ରଶିକ୍ଷଣରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଅଧିକରୁ ଅଧିକ ଲୋକଙ୍କ ଜୀବନ ବଞ୍ଚାଇବା ନିମନ୍ତେ ପ୍ରଚେଷ୍ଟା କରିବାକୁ ଉତ୍ସାହିତ କରିଥିଲେ। ଗୋଟିଏ ଜୀବନ ବଞ୍ଚାଇବା ଠାରୁ ବଡ଼ ଉପଲବ୍ଧି ଜୀବନରେ ଆଉ କିଛି ନୁହେଁ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଆମ ଦେଶରେ ସମୁଦାୟ ମୃତ୍ୟୁର ୧୦ ପ୍ରତିଶତ ମୃତ୍ୟୁ କେବଳ ସଡ଼କ ଦୁର୍ଘଟଣାଜନିତ ହୋଇଥାଏ ଏବଂ ଏହି ସଂଖ୍ୟାକୁ ଆମ ଯୁବପିଢି ଚାହିଁଲେ କମେଇ ପାରିବେ ବୋଲି ଯୁବ ଏନ୍‌ଏସ୍‌ଏସ୍ ଅଧିକାରୀ ଅଜିତ କୁଶବାହା ପ୍ରଶିକ୍ଷଣରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ କହିଥିଲେ।

ପ୍ରଶିକ୍ଷଣରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ସଡ଼କ ସୁରକ୍ଷା ଓ ରାସ୍ତାରେ ଯାତାୟାତଜନିତ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। କୌଣସି ଆହତ ବା ହଠାତ ଅସୁସ୍ଥ ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପାଖରେ ପହଞ୍ଚାଇବା ପର୍ଯ୍ୟନ୍ତ ଯେଉଁ ଉପଚାର ବା ସହାୟତା ଆବଶ୍ୟକ ଯଥା କୃତ୍ରିମ ଶ୍ୱାସକ୍ରିୟା (ସିପିଆର) ଦେବା, ଶ୍ୱାସନଳୀରେ ଖାଦ୍ୟପଦାର୍ଥ ଅଟକି ଗଲେ କଣ କରିବାକୁ ହେବ, କ୍ଷତ ସ୍ଥାନରୁ ରକ୍ତସ୍ରାବ ବନ୍ଦ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ, ଶରୀରର କୌଣସି ସ୍ଥାନ ପୋଡ଼ି ଯାଇଥିଲେ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ, ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା, ସାପକାମୁଡାର ଚିକିତ୍ସା ଭଳି ବିଷୟରେ ଦୁଇଦିନ ଧରି ବିସ୍ତୃତ ପ୍ରଶିକ୍ଷଣ ଦିଆଯିବ। ଲୋକଙ୍କ ସେବା କରିବାର ଅବସର ଏନ୍‌ଏସ୍‌ଏସ୍ ଆପଣମାନଙ୍କୁ ପ୍ରଦାନ କରୁଛି ତା'ର ସଦୁପଯୋଗ କରନ୍ତୁ ବୋଲି ରାଜ୍ୟ ଏନ୍‌ଏସଏସ ଅଫିସର ରମେଶ ଚନ୍ଦ୍ର ବେହେରା କହିଥିଲେ। ଜୟଶ୍ରୀବାଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ଅନୁସୂଚିତଜାତି ସେଲ୍‌ର କର୍ମୀ ସମ୍ମିଳନୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ବିଜୁ ଜନତା ଦଳ ଅନୁସୂଚିତ ଜାତି ସେଲ୍‌ର ଏକ କର୍ମୀ ସମ୍ମିଳନୀ ଜିଲ୍ଲା ସଭାପତି ଦାଶରଥୀ ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ପର୍ଯ୍ୟବେକ୍ଷକ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଅୟୁବ ଖାନ, ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ସେକ ଇନାୟତ, ନଗର ସଭାପତି ଭୀମସେନ ବେହେରା, ସୟଦ ଆକମଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ବାବା ସାହେବ ଆମ୍ବେଦକରଙ୍କର ସମ୍ବିଧାନ ସଂପର୍କରେ ଆଲୋଚନା କରିବା ସହିତ ଜିଲ୍ଲାରେ ବସବାସ କରୁଥିବା ଅନୁସୂଚିତ ଜାତି ଓ ସଂଖ୍ୟାଲଘୁ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ବିଜେଡି ସରକାରଙ୍କ ସମୟରେ ଏମାନଙ୍କର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଜାରି ରହିଥିବା ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଅନୁସୂଚିତ ଜାତି ଓ ସଂଖ୍ୟାଲଘୁ ସଂପ୍ରଦାୟର ଭୋଟରମାନେ ଯୋଡ଼ି ଶଙ୍ଖରେ ଭୋଟ୍ ଦେବାପାଇଁ ନିବେଦନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଲିଫ୍ଟ ଅଚଳ ସମସ୍ୟାରେ ରୋଗୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ଦିନ ହେଲା ଲିଫ୍ଟ ଅଚଳ ଯୋଗୁଁ ରୋଗୀ ଓ ରୋଗୀଙ୍କ ଅଟେଣ୍ଡାଣ୍ଟମାନେ ନାହିଁ ନଥିବା ଅସୁବିଧା ଭୋଗ କରିଛନ୍ତି। ବିଶେଷ କରି ବୃଦ୍ଧ, ବୃଦ୍ଧା, ଶାରିରୀକ ଅକ୍ଷମ ରୋଗୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶତ ବାର୍ଷିକୀ କୋଠାରେ ୪ଟି ଓ ମହିଳା ଶିଶୁ ୱାର୍ଡରେ ୨ଟି ଲିଫ୍ଟ ଲଗାଯାଇଛି। ତେବେ ଗତ ଛରିମାସ ହେବ ଶତବାର୍ଷିକୀ କୋଠାର ୩ଟି ଏବଂ ମହିଳା ଓ ଶିଶୁ ୱାର୍ଡର ୨ଟି ଲିଫ୍ଟ ଅଚଳ ହୋଇଥିବାରୁ ରୋଗୀମାନେ ଉପର ମହଲାକୁ ଯିବା ଆସିବା କରି ପାରୁନାହାନ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ସଂସ୍ଥା ଲିଫ୍ଟ ମରାମତି କରୁ ନଥିବା ସହ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ସମସ୍ୟା ଦେଖା ଦେଇଛି । ଆବଶ୍ୟକୀୟ ସମୟ ବ୍ୟବଧାନରେ ତଦାରଖ ଅଭାବରୁ ଏଭଳି ସମସ୍ୟା ବାରମ୍ବାର ଦେଖା ଦେଉଥିବାରୁ ରୋଗୀ ଏବଂ ତାଙ୍କ ସଂପର୍କୀୟ ମହଲରେ ପ୍ରବଳ ଅସନ୍ତୋଷ ଦେଖାଦେଉଛି । ରୋଗୀ ଏବଂ ସମ୍ପର୍କୀୟମାନେ ବାଧ ହୋଇ ଦିବ୍ୟାଙ୍ଗ ରିଆମ୍ପରେ ଯିବା ଆସିବା କରୁଛନ୍ତି। ଏ ନେଇ ହସ୍ପିଟାଲ ପରିଚ୍ଛଳକ ରଞ୍ଜନା ବେହୁରାଙ୍କ ସହ ଯୋଗାଯୋଗ କରିବାର ଲିଫ୍ଟ ମରାମତି କରିବା ପାଇଁ ପୂର୍ତ୍ତ ବିଭାଗ କୁ ଚିଠି ଲେଖାଯାଇଛି ବୋଲି କହିଛନ୍ତି। ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଆଦର୍ଶ ଆଚରଣ ବିଧି କାରଣରୁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ହୋଇନାହିଁ। ଆଦର୍ଶ ଆଚରଣ ବିଧି ଉଠିବା ପରେ ଖୁବ୍ ଶୀଘ୍ର ଟେଣ୍ଡର କରାଯାଇ ଲିଫ୍ଟର ବାର୍ଷିକ ରକ୍ଷଣାବେକ୍ଷଣ କରାଯିବ। ତେବେ ଲିଫ୍ଟ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ କରାଯାଉଥିବା ଅର୍ଥ ସଂସ୍ଥାକୁ କାହିଁକି ଦିଆଯାଉଛି ବୋଲି କିଛି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

# ହାଇସ୍କୁଲର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ଲୁଟ୍

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**



ସୋମବାର ରାତ୍ରର ବିଳମ୍ବିତ ପ୍ରହରରେ କଟରପଡ଼ା ସ୍ଥିତ ନିଶ୍ଚିନ୍ତକୋଇଲି ସେଣ୍ଟ ଜାଭିୟର ହାଇସ୍କୁଲର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଲୁଟି ନେଇଥିବାର ଅଭିଯୋଗ ହୋଇଛି। ରାତ୍ରର ବିଳମ୍ବିତ ପ୍ରହରରେ ୪ ଜଣ ଅଚିହ୍ନା ଦୁର୍ବୃତ୍ତ ଏହି ବିଦ୍ୟାଳୟ ପରିସରରେ ପ୍ରବେଶ କରିଥିଲେ। ବିଦ୍ୟାଳୟରେ କୌଣସି କର୍ମଚାରୀ ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏକ ଲୁହା ରଡ୍ ସାହାଯ୍ୟରେ ବିଦ୍ୟାଳୟ କବାଟ ଓ ତାଲାକୁ ଭାଙ୍ଗିଥିଲେ। ବିଦ୍ୟାଳୟରେ ରହିଥିବା ନଗଦ ୩୦ ହଜାର ଟଙ୍କା ଏକ ମୋବାଇଲ, ପେଟିଏମ୍ ମେସିନ, ଲାପଟପ୍ ସମେତ ବହୁ ସାମଗ୍ରୀ ଲୁଟି ନେଇଥିବାର ଜଣାଯାଇଛି। ଏପରିକି ଲୁଟେରାମାନେ ବିଦ୍ୟାଳୟ ପରିସରରେ ମଧ୍ୟ ବ୍ୟାପକ ଭଙ୍ଗାରୁଜା କରିଥିବାର ଦେଖିବାକୁ ମିଳିଥିଲା। ମଙ୍ଗଳବାର ବିଦ୍ୟାଳୟର କର୍ମଚାରୀ ମାନେ ଆସିବା ପରେ ଏହି ଘଟଣା ଦେଖିବାକୁ ପାଇଥିଲେ। ଏସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ସ୍ମୃତିରଞ୍ଜନ ରାଉତରାୟ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଲୁଟ୍ ହୋଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ସାଧାରଣରେ କୁହାଯାଉଛି। ତେବେ ଏହି ୪ ଜଣ ଲୁଟେରାଙ୍କ ଫଟୋ ବିଦ୍ୟାଳୟ ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ତେବେ ଏହି ଲୁଟେରାମାନେ ସ୍ଥାନୀୟ ଅଞ୍ଚଳର ବୋଲି ସନ୍ଦେହ କରାଯାଉଛି। ପୋଲିସ ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ ନିମନ୍ତେ ଛାତ୍ରାଭିଭାବକ ମହଲରେ ଦୃଢ ଦାବି ହୋଇଛି।

# ଜଗତସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ରଙ୍କ ମାରାଥନ ପ୍ରଚାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନିମାପଡା, କାକଟପୁର, ପାରାଦୀପ, ଜଗତସିଂହପୁର ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାରାଥନ ପ୍ରଚାର କରିଛନ୍ତି। ଆୟୋଜିତ ନିର୍ବାଚନ ପ୍ରଚାର ସଭାରେ ଶ୍ରୀ ପ୍ରଧାନ କହିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟି ତଥା ଓଡ଼ିଆ ସଭ୍ୟତା, ଅସ୍ମିତା ଓ ସଂସ୍କୃତିର ଏନ୍ତୁଡିଶାଳ ଗୋପ। ଗୋପ ମୋ ପାଇଁ ଏକ ପବିତ୍ର ଭୂମି। ଏହି ମାଟିର ପୂର୍ବଜମାନେ ବିଶୁ ମହାରଣାଙ୍କ ବଂଶଜ ଥିଲେ। ଯେଉଁ ମାଟିର ଲୋକମାନେ କୋଣାର୍କ ଗଢି ଓଡ଼ିଶାର ନୂଆ ପରିଚୟ ତିଆରି କରିଥିଲେ, ଆଜି ସେହି ଓଡ଼ିଶାର ଅବସ୍ଥା କଣ ? ବିଶୁଦ୍ଧ ପାନୀୟ ଜଳ, ଡାକ୍ତରଖାନାରେ ଡାକ୍ତର, ସ୍କୁଲରେ ଶିକ୍ଷକ ନାହାନ୍ତି । ଯୁବକଙ୍କ ଚାକିରି ବିକ୍ରି ହେଉଛି । ରୋଜଗାର ପାଇଁ ବାହାର ରାଜ୍ୟକୁ ଓଡ଼ିଆ ପିଲାମାନେ ଦାଦନ ଖଟିବାକୁ ଯାଉଛନ୍ତି । ୨୪ ବର୍ଷ ଶାସନରେ ରହିବା ପରେ ବି ଯଦି ଏହି ଅଞ୍ଚଳରେ ଲୋକମାନେ ସବୁ ମୌଳିକ ସୁବିଧା ପାଉନାହାନ୍ତି । ଅପରପକ୍ଷରେ ଓଡ଼ିଶାକୁ ମୋଦୀଙ୍କ ସହଯୋଗରେ ଏକ ନମ୍ବର କରାଯିବ । ନିମାପଡାକୁ ପଶୁପାଳନ, କୃଷି ଓ ଗାଁ ଅର୍ଥନୀତିର ପେଣ୍ଠସ୍ଥଳୀ କରିବା ପାଇଁ ଉଦ୍ୟମ କରାଯିବ ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ପାଇପ୍‌ରେ ପିଇବା ପାଣି ଆସୁଛି କି ? ନରେନ୍ଦ୍ର ମୋଦୀ ୧୦ ହଜାର ଟଙ୍କା ପିଇବା ପାଣି ବ୍ୟବସ୍ଥା କଲେ । ସାଗରମାଳା ପ୍ରକଳ୍ପ ଅନ୍ତର୍ଗତ ଓଡ଼ିଶା ଉପକୂଳରେ ୧୦ ହଜାର କୋଟି ଟଙ୍କା ବ୍ୟୟରେ ଏକ ୬ ଲେନ୍ ବିଶିଷ୍ଟ କୋଷ୍ଟାଲ ହାଇୱେ ହେବ ବୋଲି ଆମର ଆଶା ଥିଲା । କିନ୍ତୁ ଓଡ଼ିଶା ସରକାର ଷଡ଼ଯନ୍ତ୍ର କରି ଏହାକୁ କରାଇ ଦେଉନାହାନ୍ତି । ବିଜେପି ସରକାର ହେଲେ ଏହି ରାଜପଥ କାମକୁ ସମ୍ପୂର୍ଣ୍ଣ କରାଯିବ ।

ମୋଦୀଙ୍କ ସରକାରରେ ବନ୍ଦର ଗୁଡ଼ିକର ଉନ୍ନତି ହେଉଛି । ପାରାଦୀପରେ ବନ୍ଦର ଅଛି । ଅଏଲ ରିଫାଇନାରି ଅଛି, ପେଟ୍ରୋକେମିକାଲ୍ସ କାମ ଚାଲୁରହିଛି । ମାତ୍ର ଏଠାରେ ଜଣେ ଯୋଗ୍ୟ ପ୍ରତିନିଧିଙ୍କ ଅଭାବ ରହିଛି । ବିଜେପି ସରକାରରେ ଓଡ଼ିଶାର ଭାଗ୍ୟଦୀପ ପାରାଦୀପରୁ ଉଦୟ ହେବ । ପାରାଦୀପର ବିକାଶ ମୋଦୀଙ୍କ ନେତୃତ୍ୱରେ ହେବ । ପାରାଦୀପର ବିକାଶ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହିଁ ସମ୍ଭବ । ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ଗରିବଙ୍କ ଆଶା ଓ ଆଂକକ୍ଷା ପୂରଣ ହେବ । ଉପକୂଳର ବିକାଶ ହେବ । ମତ୍ସ୍ୟଜୀବୀଙ୍କ ପାଇଁ ସୁବିଧା କରାଯିବ। ସେମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦିଆଯିବ । ରାହମାକୁ ବ୍ଲକ କରାଯିବା ନେଇ ଦାୟିତ୍ୱ ନିଆଯିବ । ପାରାଦୀପ ଭଳି ଅଞ୍ଚଳରୁ ଏଠାକାର ସାଧବ ପୁଅ ସାରା ବିଶ୍ୱରୁ ବୈଭବ ଆଣିଥିଲେ । ଜଣେ କ୍ରୀତଦାସ ବ୍ଲାକରୋଜରେ ଓଡ଼ିଶାର ବୈଭବକୁ ବାହାରକୁ ଚାଲାଣ କରୁଥିଲେ । ବିଜେପି ସରକାର ହେଲେ ବ୍ଲାକରୋଜ ଘଟଣା ପଛରେ ଥିବା ଲୋକମାନଙ୍କୁ ଜେଲ ପଠାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଓଡ଼ିଶାର ସ୍ୱାର୍ଥ ପ୍ରଥମ ପସନ୍ଦ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅପରପକ୍ଷରେ ଦୀର୍ଘ ୨୪ ବର୍ଷ ଶାସନରେ ଲୋକଙ୍କୁ ପିଇବା ପାଣି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରର ସୁବିଧା ମିଳିପାରିନାହିଁ । ସରକାରଙ୍କ ପାଖରେ ନାଚ ଗୀତ ପାଇଁ ପଇସା ଅଛି, କିନ୍ତୁ ପିଲାଙ୍କୁ ପାଠ ପଢାଇବା ପାଇଁ ପଇସା ନାହିଁ । ଓଡ଼ିଆ ଅସ୍ମିତା ଆଜି ପ୍ରଶ୍ନବାଚୀରେ ଅଛି । ଆସନ୍ତା ୧ ତାରିଖରେ ବିଜେପି ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି ।

# ୬ନଂ ୱାର୍ଡରେ ବିଜେଡିର ଜୋରଦାର ପ୍ରଚାର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ପୌରାଞ୍ଚଳର ୬ନଂ ୱାର୍ଡରେ ବିଜେଡିର ଜୋରଦାର ପ୍ରଚାର କାର୍ଯ୍ୟକ୍ରମ କାଉନ୍‌ସିଲର ପ୍ରଦୀପ୍ତ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥରରେ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବାପାଇଁ ନିବେଦନ କରିଥିଲେ। ରାଜ୍ୟର ବିକାଶ ସହିତ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ନେଇଥିବା ସଭାରେ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଭୋଟରମାନଙ୍କୁ ନିବେଦନ ରଖିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିରୋଜ ନଳିନୀ ସ୍ୱାଇଁ, ପୁଷ୍ପାଞ୍ଜଳି ନାୟକ, ସେକ୍ ମୋଇନ, ରେବତୀ ରମଣ ଦାସ, ରମାକାନ୍ତ ସ୍ୱାଇଁ, କେଶବ ସହୁ, ଗାୟତ୍ରୀ କର, ପ୍ରତିଭା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର
୩୦ ମଇ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ତିନି ରଥର ଅଖ ଚକ ଡେରା ନୀତି ସମ୍ପନ୍ନ



**ପୁରୀ, ୨୯/୦୫ ନ୍ୟୁଜ ବ୍ୟୁରୋ**
ଆସନ୍ତା ଜୁଲାଇ ୭ରେ ବିଶ୍ୱନିୟନ୍ତାଙ୍କ ଘୋଷଯାତ୍ରା । ବିଶ୍ୱବ୍ରହ୍ମାଣ୍ଡଙ୍କ ରଥଯାତ୍ରା ପାଇଁ ଏବେ ଠାରୁ ଶ୍ରୀକ୍ଷେତ୍ର ପୁରୀ ରଥଖଳା ଚଳଚଞ୍ଚଳ । ଅକ୍ଷୟ ତୃତୀୟାରୁ ବିଧି ଅନୁସାରେ ଚାଲିଛି ରଥ ନିର୍ମାଣ । ବୁଧବାର ଭଉଁରୀ ତିଥିରେ ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି । ତେବେ ବିଧି ଅନୁଯାୟୀ ତିନି ରଥର ଛଅଟି ନାହାକ, ଚକ ସହ ତିନୋଟି ଅଖ ଡେରାଯାଇଛି । ପ୍ରଥମେ ତାଳଧ୍ୱଜ ରଥର ଚକ ଅଖ ଯୋଖା ହୋଇଛି। ପରେ ନନ୍ଦିଘୋଷ ଶେଷରେ ଦର୍ପଦଳନ ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି । ଭୋଇ ସେବକମାନେ ଏହି ନୀତି କରିଛନ୍ତି । ଚକଅଖ ଡେରା ନୀତି ପାଇଁ ବିଶ୍ୱକର୍ମା ମହାରଣାମାନେ ୬ଟି ନାହାକ ଚକ ଓ ତିନୋଟି ଅଖ ପ୍ରସ୍ତୁତ କରିଥିଲେ । ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ବଢିବା ପରେ ତିନି ବାଡର ପୂଜାପଣ୍ଡା ସେବକ ମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥଖଳାରେ ଆସି ପହଞ୍ଚିଥିଲେ । ସେଠାରେ ଭୋଇ ସେବକମାନେ ଚକ ଅଖ ଡେରା କାର୍ଯ୍ୟ ସମ୍ପନ୍ନ କରିବା ପରେ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ପୂଜାପଣ୍ଡା ସେବାୟତମାନେ ଆଜ୍ଞାମାଳ ପ୍ରଦାନ କରିଥିଲେ । ଆଜ୍ଞାମାଳ ପାଇବା ପରେ ତିନି ରଥରେ ଚକ-ଅଖ ଡେରା ଯାଇଛି । ସେପଟେ ଆଜି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିନ । ଶ୍ରୀକ୍ଷେତ୍ରରେ ଶ୍ରୀରାମ କୃଷ୍ଣ ଓ ମଦନମୋହନ, ଲକ୍ଷ୍ମୀ ସରସ୍ୱତୀ ସହ ପଞ୍ଚମହାଦେବ ନରେନ୍ଦ୍ର ଜଳରେ ନନ୍ଦା ଓ ଭଦ୍ରାରେ ଅଧିଷ୍ଠିତ ହୋଇ ୨୧ ବାର ଚାପ କ୍ରୀଡା କରିବେ । ତେବେ ପବିତ୍ର ଭଉଁରି ତିଥିରେ ମହାପ୍ରଭୁଙ୍କ ରଥ ପାଇଁ ଚକ ଅଖ ଡେରା ବିଧିକୁ ଦେଖିବା ପାଇଁ ବଡଦାଣ୍ଡରେ ହଜାର ହଜାର ଭକ୍ତଙ୍କ ଭିଡ ହୋଇଥିଲା ।

## ଶ୍ରୀମନ୍ଦିର ଇତିହାସରେ ପ୍ରଥମ ଘଟଣା : ହୁଣ୍ଡିରୁ ମିଳିଲା ସୁନା ଇଟା



**ପୁରୀ, ୨୯/୦୫ ନ୍ୟୁଜ ବ୍ୟୁରୋ**
ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଲା ଏକ କେଜିରୁ ଅଧିକ ସୁନା । କେହି ଜଣେ ଭକ୍ତ ମନ୍ଦିର ହୁଣ୍ଡିରେ ୧ କେଜି ୮୦୦ ମିଲିଗ୍ରାମର ସୁନା ଇଟା ଦାନ କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ମିଳିଛି । ତେବେ ପ୍ରଥମ ଥର ପାଇଁ ଶ୍ରୀମନ୍ଦିର ହୁଣ୍ଡିରୁ ଏତେମାତ୍ରାରେ ସୁନା ଦାନ ସୂତ୍ରରେ ମିଳିଥିବା କୁହାଯାଉଛି । ଯାହାକି ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ଏହାର ବଜାର ମୂଲ୍ୟ ୭୦ ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି । କେହି ଦାତା ପରିଚୟକୁ ଗୁପ୍ତ ରଖି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ସୁନା ଦାନ କରିଥିବା ଚର୍ଚ୍ଚା ହେଉଛି । ମଙ୍ଗଳବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ହୋଇଥିଲା । ଏହି ସମୟରେ କେହି ଭକ୍ତ ସୁନା ଇଟା ଦାନ କରିଥିବା ଜଣାପଡିଛି । ଏହାକୁ ଶ୍ରୀମନ୍ଦିର ପ୍ରଶାସନ ନିଜ ଷ୍ଟ୍ରଙ୍ଗ ରୁମ୍‌ରେ ରଖିଛି। ବୁଧବାର ଏହାକୁ ଶ୍ରୀମନ୍ଦିର ପ୍ରଶାସନର ବ୍ୟାଙ୍କ ଲକରକୁ ସ୍ଥାନାନ୍ତର କରାଯାଇଛି । ପ୍ରାୟ ୮ ମାସ ତଳେ ଶ୍ରୀମନ୍ଦିର ହୁଣ୍ଡିରୁ ସାଢେ ୭୦୦ ଗ୍ରାମ୍ ସୁନା ମିଳିଥିଲା । ସେହିପରି ମଙ୍ଗଳବାର ଭକ୍ତମାନେ ଶ୍ରୀମନ୍ଦିରରେ ୬ ଲକ୍ଷ ୨୮ ହଜାର ୨୩୭ ଟଙ୍କା ନଗଦ ଅର୍ଥ ଦାନ ସୂତ୍ରରେ ଦେଇଥିବାର ମଧ୍ୟ ଜଣାପଡିଛି । ମହାପ୍ରଭୁଙ୍କ ଆଭୂଷଣ ନିର୍ମାଣ ପାଇଁ ଗତ କିଛି ମାସ ତଳେ ଜଣେ ଦାତା ସୁନା ଦାନ କରିଥିଲେ । ସେହିପରି ଜଣେ ଭକ୍ତ ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଦାନ କରିଥିବା ନଜିର ରହିଛି । ତେବେ ମହାପ୍ରଭୁଙ୍କ ପାଇଁ ଦାନ ସଂଗ୍ରହ କେନ୍ଦ୍ର ଶ୍ରୀମନ୍ଦିର ପ୍ରଶାସନର ରହିଛି । ଏହାର ବ୍ୟାପକ ପ୍ରଚାର ପ୍ରସାର କରାଗଲେ ଆହୁରି ମହାପ୍ରଭୁଙ୍କ ପାଇଁ ଭକ୍ତମାନେ ଦାନ କରିବା ପାଇଁ ଆଗେଇ ଆସିବେ ବୋଲି ସେବାୟତ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ମାସ ତଳେ ଗୁଜୁରାଟର ଜଣେ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୁଇଟି ସୁବର୍ଣ୍ଣ ତିଳକ ଓ ତିନୋଟି ରୂପା ମୁକୁଟ ଦାନ କରିଥିଲେ । ପ୍ରାୟ ଏକ କେଜି ୭୫ ଗ୍ରାମ୍ ଓଜନ ସୁନାର ଅଳଙ୍କାର ଦାନ କରିଥିବାବେଳେ ଏହାର ମୂଲ୍ୟ ୭୫ ଲକ୍ଷ ଟଙ୍କା ରହିଥିଲା ।





ସାରସକଣା ଓ ଯଶିପୁରରେ ନିର୍ବାଚନ ପ୍ରଚାର କରିବା ଅବସରରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ସାଧାରଣଜନତା ସ୍ୱାଗତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# କିମ୍ସରେ ଅଭିନବ ପ୍ଲାଷ୍ଟିକ ସର୍ଜରୀ

**ଭୁବନେଶ୍ୱର, ୨୯ ।୫ ନ୍ୟୁଜ ବ୍ୟୁରୋ**
କିମ୍ସ କ୍ୟାନ୍‌ସର ସେଣ୍ଟରରେ ଜଣେ କର୍କଟ ରୋଗୀଙ୍କଠାରେ ବିରଳ ପ୍ଲାଷ୍ଟିକ୍ ସର୍ଜରୀ କରାଯାଇଛି । ରୋଗୀଜଣକ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ୫ବର୍ଷ ଧରି ଚିକିତ୍ସିତ ହେଉଥିଲେ। ଡାକ୍ତରଙ୍କ ବିଭିନ୍ନ ପ୍ରୟାସ ପରେ ଚିକିତ୍ସା ଫଳବତୀ ନ ହେବାରୁ ତାଙ୍କର ଭାସ୍କୁଲାରାଇଜଡ୍ ଲିମ୍ଫ ନୋଡ୍ ଟ୍ରାନ୍‌ଫର କରିବା ପାଇଁ କିମ୍ସ ଡାକ୍ତର ନିଷ୍ପତ୍ତି ନେଇଥିଲେ । ଆସ୍ତ୍ରୋପଚାର ପୂର୍ବରୁ ଆଇସିଜି ସ୍କାନିଂ କରି ରୋଗୀଙ୍କ ହାତର ଲିମ୍ଫାଟିକ୍ ସିଷ୍ଟମକୁ ପର୍ଯ୍ୟବେକ୍ଷଣ କରିବା ପରେ କେବଳ ଲାଲ ଗ୍ରନ୍ଥିକୁ ଅଲଟ୍ରାସାଉଣ୍ଡ ଜରିଆରେ ଚିହ୍ନଟ କରାଯାଇଥିଲା । ପରେ କିମ୍ସ ସୁପର ସ୍ପେସିଆଲିଟି ହସ୍‌ପିଟାଲ୍‌ରେ ବରିଷ୍ଠ ପ୍ଲାଷ୍ଟିକ୍ ସର୍ଜନ ଡା. ସୁନୀଲ କୁମାର ରାଉତଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା । ବରିଷ୍ଠ କ୍ୟାନ୍‌ସର ସର୍ଜନ ଡା. ସବ୍ୟସାଚୀ ପରିଡ଼ା ଓ ପ୍ଲାଷ୍ଟିକ୍ ସର୍ଜନ ଡା ସମୀର କୁମାର ପଟେଲ୍ ଏଥିରେ ଡା ରାଉତଙ୍କୁ ସହାୟତା କରିଥିଲେ । ନିଶ୍ଚେତକ ବିଭାଗର ବରିଷ୍ଠ ବିଶେଷଜ୍ଞ ଡା. ଟି. ରାଜ ମୋହନ ରାଓ ଏବଂ ଡା. ପୂରବୀ ଆଚାର୍ଯ୍ୟ ରୋଗୀଙ୍କ ନିଶ୍ଚେତନ ଦାୟିତ୍ୱ ନେଇଥିଲେ । ଏହି ଅସ୍ତ୍ରୋପଚାର ପରେ ରୋଗୀ ଜଣକ ସାଧାରଣ ଅବସ୍ଥାକୁ ଆସି ଘରକୁ ଫେରି ଯାଇଛନ୍ତି । ଏ ପ୍ରକାର ଚିକିତ୍ସା ପ୍ରଦାନ କରିବାରେ କିମ୍ସ ହେଉଛି ସମଗ୍ର ଓଡ଼ିଶାରେ ପ୍ରଥମ ହସ୍‌ପିଟାଲ୍। ବିଶେଷଜ୍ଞଙ୍କ ମତରେ ଏହି ଅସ୍ତ୍ରୋପଚାରର ସଫଳତା ଫାଇଲେରିଆ ଓ କ୍ୟାନ୍‌ସର ପ୍ରଭାବରୁ ହାତ ଓ ଗୋଡ଼ ଗୋଦରା ହୋଇଯାଉଥିବା ରୋଗୀଙ୍କ ପାଇଁ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି । ସୂଚନାଯୋଗ୍ୟ, ଶରୀରରେ ରକ୍ତର ଲାଲ ଅଂଶ ଛୋଟ ଛୋଟ ଶିରା ଦେଇ ପ୍ରବାହିତ ହୋଇଥାଏ । ଏହାର ପ୍ରବାହରେ ବ୍ୟାଘାତ ସୃଷ୍ଟି ହେଲେ ଶରୀରର ଅଙ୍ଗ ଫୁଲି ଯାଇଥାଏ । ସାଧାରଣତଃ ଏହା ଫାଇଲେରିଆ ରୋଗୀଙ୍କ ଗୋଦର ଗୋଡ଼ର କାରଣ ହୋଇଥାଏ । ସ୍ତନ କର୍କଟ ରୋଗୀ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କ କ୍ଷେତ୍ରରେ ସ୍ତନ ଓ କାଖରେ ଅସ୍ତ୍ରୋପଚାର ଏବଂ ପରେ କାଖରେ ରେଡିଓଥେରାପି ଦିଆଯିବା କାରଣରୁ ଏହି ଲାଲ ବା ଲିମ୍ଫ୍ ସାଧାରଣ ଭାବରେ ପ୍ରବାହିତ ହୋଇ ପାରିନଥାଏ । ତା ପ୍ରଭାବରେ ସେହି ପାର୍ଶ୍ୱର ହାତ ଫୁଲିବା ଆରମ୍ଭ ହୋଇ ଧିରେ ଧିରେ ଅତ୍ୟଧିକ ମୋଟା ହୋଇ ଗୋଦରା ହୋଇଥାଏ ଏବଂ କାମ କରିବାରେ ଅସୁବିଧା ସୃଷ୍ଟି କରିଥାଏ। ଏହାକୁ ଡ଼ାକ୍ତରୀ ଭାଷାରେ ଲିମ୍ଫେଡ଼ିମା କୁହାଯାଏ । ଏହି ସମସ୍ୟାର ବିଭିନ୍ନ ପ୍ରକାର ଚିକିତ୍ସା ପ୍ରଣାଳୀ ରହିଛି। ଅସ୍ତ୍ରୋପଚାର ନ କରି ମାଲିସ ଓ ଚାପଯୁକ୍ତ ବ୍ୟାଣ୍ଡେଜ ବା ପୋଷାକ ବ୍ୟବହାର କରିବା, ଅଙ୍ଗକୁ ଉପରକୁ ଉଠାଇ ରଖିବା ଦ୍ୱାରା ବେଳେ ବେଳେ ଏଥିରୁ ଉପଶମ ମିଳିଥାଏ। ଏସବୁରେ ଉପଶମ ନ ମିଳିଲେ ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ । ଭାସ୍କୁଲାରାଇଜଡ୍ ଲିମ୍ଫ୍ ନୋଡ୍ ଟ୍ରାନ୍ସଫର ଏହି ରୋଗ ପାଇଁ ଏକ ଅତ୍ୟାଧୁନିକ ଏବଂ ସଫଳ ଅସ୍ତ୍ରୋପଚାର । ଏହା ପ୍ଲାଷ୍ଟିକ ସର୍ଜରୀ ବିଭାଗର ଏକ ଅତ୍ୟାଧୁନିକ ଜଟିଳ ଅସ୍ତ୍ରୋପଚାର ଏବଂ ଏହି ସମସ୍ୟା ପାଇଁ ଅତ୍ୟନ୍ତ ଉପକାରୀ । ଏଥିରେ ଶରୀରର ଗୋଟିଏ ସ୍ଥାନରୁ (ବେକ, ପେଟ ବା ଅଣ୍ଟାରୁ) ଲିମ୍ଫନୋଡ୍, ତାକୁ ରକ୍ତ ଯୋଗାଉଥିବା ଛୋଟ ଛୋଟ ଧମନୀ ଓ ଶିରା ସହିତ ସ୍ଥାନାନ୍ତରିତ କରାଯାଇ ପ୍ରଭାବିତ ଅଙ୍ଗରେ ପ୍ରତିରୋପଣ କରାଯାଇଥାଏ। ଗ୍ରହଣକାରୀ ଅଙ୍ଗର ଧମନୀ ଓ ଶିରା ସହିତ ଅସ୍ତ୍ରୋପଚାରରେ ବ୍ୟବହାର ହେଉଥିବା ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଏହି ସ୍ଥାନାନ୍ତରିତ ଲିମ୍ଫନୋଡ଼ର ଧମନୀ ଓ ଶିରାକୁ ସଂଯୋଗ କରାଯାଇଥାଏ । ରୋଗ ଆରମ୍ଭ ସମୟରୁ ଏହି ଅସ୍ତ୍ରୋପଚାର କରାଗଲେ ଅଧିକ ସଫଳତା ମିଳିଥାଏ ବୋଲି କିମ୍ସ ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି ।




ରବିବାସରୀୟ କଳିକା
ଓଡ଼ିଶାର ତୃତୀୟ ସିନେମା ହଲ୍

## ଷ୍ଟକ୍ ବଜାରରେ ନିରାଶା

**ମୁମ୍ବାଇ, ୨୯/୦୫**
ଭାରତୀୟ ଷ୍ଟକ ବଜାରରେ ଆରମ୍ଭରୁ ବୃଦ୍ଧି ପରିଲକ୍ଷିତ ହୋଇଥିବାବେଳେ ବନ୍ଦ ହେବା ବେଳକୁ ହ୍ରାସ ପରିଲକ୍ଷିତ ହୋଇଛି । ବିଏସ୍‌ଇ ସେନସେକ୍ସ ୧୯୪.୯୦ ପଏଣ୍ଟ ବୃଦ୍ଧି ସହ ୭୫,୫୮୫ରେ ଖୋଲିଥିଲା। ଅନ୍ୟପକ୍ଷରେ ଏନଏସଇ ନିଫ୍ଟି ମଧ୍ୟ ୪୪.୭୦ ପଏଣ୍ଟ ବୃଦ୍ଧି ସହ ୨୨,୯୭୭ରେ ଖୋଲିଥିଲା । ତେବେ କାରବାର ଶେଷରେ ସେନସେକ୍ସ ଓ ନିଫ୍ଟି ବଡ଼ ଧରଣର ହ୍ରାସ ସହ ବନ୍ଦ ହୋଇଥିଲା। ସେନସେକ୍ସ ୨୨୦.୦୫ ପଏଣ୍ଟ ହ୍ରାସ ପାଇ ୭୫,୧୭୦.୪୫ ପଏଣ୍ଟରେ ବନ୍ଦ ହୋଇଛି। ନିଫ୍ଟି ମଧ୍ୟ ୪୧.୦୫ ପଏଣ୍ଟ ହ୍ରାସ ପାଇ ୨୨୮୯୧.୪୦ ପଏଣ୍ଟରେ ବନ୍ଦ ହୋଇଛି। କ୍ରମାଗତ ତୃତୀୟ ଦିନ ପାଇଁ ସେନସେକ୍ସ ଓ ନିଫ୍ଟି ହ୍ରାସ ସହ ବନ୍ଦ ହୋଇଛି । ଏହି ନିଫ୍ଟିରେ ଆଦାନୀ ପୋର୍ଟସ, ପାୱାର ଗ୍ରିଡ୍, କୋଲ୍ ଇଣ୍ଡିଆ, ଆଦାନୀ ଏଣ୍ଟରପ୍ରାଇଜେସ୍ ଏବଂ ଓଏନଜିସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି।

## ଘଡ଼ିଆଳ ଛୁଆଙ୍କୁ ଜଗିଛି ବନ ବିଭାଗର ୩ ଦଳ

**ଅନୁଗୁଳ, ୨୯/୦୫ ନ୍ୟୁଜ ବ୍ୟୁରୋ**
ଅନୁଗୁଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଦେଇ ଯାଇଥିବା ମହାନଦୀରେ ଘଡ଼ିଆଳ ମା' କୁମ୍ଭୀର ପୁଣି ଛୁଆ ଦେଇଛି। ମୋଟ ୩୫ଟି ଅଣ୍ଡା ମଧ୍ୟରୁ ସମସ୍ତ ଛୁଆ ଫୁଟି ଏବେ ମାଆ କୁମ୍ଭୀର କୋଳରେ ଖେଳୁଛନ୍ତି। ସାତକୋଶିଆରେ ଏହି ମାଆ କୁମ୍ଭୀର ୪ ବର୍ଷ ହେଲା ଏମିତି ଖୁସି ଖବର ଦେଉଥିବାବେଳେ ମହାନଦୀରୁ ଘଡ଼ିଆଳ ଛୁଆ ଗାଏବ୍ ହୋଇଯାଉଛନ୍ତି। କୁମ୍ଭୀର ଗଣନାବେଳେ କେତେକ ଘଡ଼ିଆଳ ଛୁଆ ନଜରରେ ପଡୁନାହାନ୍ତି। ଅନ୍ୟ ବର୍ଷ ଭଳି ଏ ବର୍ଷ ଘଡ଼ିଆଳ ଛୁଆ ଗାଏବ ନହେବା ପାଇଁ ସାତକୋଶିଆ କର୍ତ୍ତୃପକ୍ଷ ଏବେଠାରୁ କସରତ ଆରମ୍ଭ କରିଦେଲେଣି। ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା ପ୍ରକାଶ କରିଛନ୍ତି। ସୂଚନା ମୁତାବକ, ମହାନଦୀର ସାତକୋଶିଆ ଗଣ୍ଡରେ ପ୍ରାୟ ୪୫ ବର୍ଷ ପରେ ୨୦୨୧ ମସିହାରେ ପ୍ରଥମେ ମା' ଘଡିଆଳ ୨୫ଟି ଅଣ୍ଡା ଦେଇଥିଲା। ସେହିପରି ୨୦୨୨ ମସିହାରେ ୩୦ଟି, ୨୦୨୩ ମସିହାରେ ୩୫ଟି ଘଡ଼ିଆଳ ଶାବକ ମହାନଦୀ କୂଳରେ ଦେଖାଯାଇଥିଲା। ଚଳିତ ବର୍ଷରେ ଏହି ଘଡ଼ିଆଳ ମାଆ କୁମ୍ଭୀର ପୁଣି ୩୫ଟି ଶାବକଙ୍କୁ ମହାନଦୀ ବକ୍ଷକୁ ଆଣିଛି। ମାଆ କୁମ୍ଭୀର ସହ ଶାବକଗୁଡ଼ିକ ମଙ୍ଗିପଡ଼ା-ବଳଦମରା ନିକଟରେ ମହାନଦୀ କୂଳରେ ଖେଳୁଛନ୍ତି। ସେମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଘଡ଼ିଆଳ ମାଆ ଓ ଛୁଆଙ୍କ ଗତିବିଧି ଉପରେ ନଜର ରଖିବାକୁ ଏକ ମନିଟରିଂ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଏକ ଦେଶୀ ଡଙ୍ଗାରେ ଯାଇ ସେଠାରେ ପଇଁତରା ମାରୁଛି। ସେହିପରି ଘଡ଼ିଆଳ ମାଆ, ଛୁଆଙ୍କ ପାଇଁ ବନ ବିଭାଗ ପକ୍ଷରୁ ଏକ ୨୪ ଘଣ୍ଟିଆ ସୁରକ୍ଷା ଟିମ୍ ଗଠନ କରାଯାଇଛି। ଏଥିସହ ସେଠାରେ ଏକ ପିଟିଜେଡ୍ କ୍ୟାମେରା ଖଞ୍ଜାଯାଇଛି। ୩୬୦ ଡିଗ୍ରୀ ବୁଲୁଥିବା ଏହି କ୍ୟାମେରା ଘଡ଼ିଆଳମାନଙ୍କ ଭିଡିଓ ଓ ଫଟୋ ଉତ୍ତୋଳନ କରୁଥିବାବେଳେ ଏଥିପାଇଁ ଆଉ ଏକ ଟିମ୍ ଗଠନ କରାଯାଇଥିବା ଜଣାପଡ଼ିଛି।

## ଟାଙ୍ଗିଆରେ ଖୁଡ଼ିକୁ ହାଣିଲା ପୁତୁରା

**ଭୁବନେଶ୍ୱର, ୨୯/୦୫ ନ୍ୟୁଜ ବ୍ୟୁରୋ**
ଖୁଡ଼ିକୁ ଟାଙ୍ଗିଆରେ ହାଣୀ ହତ୍ୟା କଲା ପୁତୁରା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ପାଟଣାଗଡ଼ ଥାନା କୁତମୁଣ୍ଡା ଗାଁରେ। ବୁଧବାର ଅପରାହ୍ନ ୩ଟାରେ ଖୁଡ଼ି ଉତ୍ତରା ସ୍ୱାମୀ ଦଖନ ଧରୁଆଙ୍କ ସହ ଘରେ ଶୋଇଥିଲେ। ସେତିକି ବେଳେ ପୁତୁରା ଚିତ୍ର ହାତରେ ଏକ ଧାରୁଆ ଟାଙ୍ଗିଆ ଧରି ଅତର୍କିତ ଭାବେ ନିଜ ଖୁଡ଼ିକୁ ଆକ୍ରମଣ କରିଥିଲା। ଘଟଣା ସ୍ଥଳରେ ଉତ୍ତରାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଉତ୍ତରାଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ଚିତ୍ର ଟାଙ୍ଗିଆକୁ ହାତରେ ଧରି ପାଟଣାଗଡ଼ ଥାନାରେ ଆତ୍ମ ସମର୍ପଣ କରିଥିବା ପୁଲିସ ସୂଚନା ଦେଇଛି। ଗାଁରେ ଉତ୍ତରାଙ୍କ ମୃତଦେହ ପଡ଼ିଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଦଖନ ଧରୁଆ ମୃତକଙ୍କ ସ୍ୱାମୀ କହିଛନ୍ତି, ମୁଁ ମୋର ସ୍ତ୍ରୀ ଉତ୍ତରା ଖାଇକି ଶୋଇଥିଲୁ। ହଠାତ ପୁତୁରା ଆସି ମୋ ସ୍ତ୍ରୀକୁ ହାଣିଲା। କାହିଁକି ହତ୍ୟା କଲା ମୁଁ ଜାଣିନାହିଁ ବୋଲି ସେ କହିଛନ୍ତି।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

## ଦୁଇ ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣା : ଦୁଇ ମୃତ, ୬୦ ଆହତ

**ଯାଜପୁର/ନୂଆପଡ଼ା, ୨୯/୦୫ ନ୍ୟୁଜ ବ୍ୟୁରୋ**
ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଚାଲିଗଲା ଦୁଇ ବ୍ୟକ୍ତିଙ୍କ ଜୀବନ। ଯାଜପୁର ଏବଂ ନୂଆପଡାରେ ଦୁଇ ପୃଥକ ପୃଥକ ସ୍ଥାନରେ ଦୁର୍ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ଯାଜପୁର ୧୬ନଂ ଜାତୀୟ ରାଜପଥ କଡେଇ ଛକ ନିକଟରେ ହାଇୱା-ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଏହି ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେହିପରି ନୂଆପଡା ବୋଡେନ ଥାନା ବିଜୁ ଏକ୍ସପ୍ରେସ ୱେ ଅମେରା ଗାଁ ଛକ ନିକଟରେ ୩ଟି ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିବା ବେଳେ ଜଣେ ଡ୍ରାଇଭରଙ୍କ ଜୀବନ ଚାଲିଯାଇଛି । ସୂଚନା ଅନୁସାରେ, ବସ୍‌ଟି ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ଯାଜପୁର ୧୬ନଂ ଜାତୀୟ ରାଜପଥ କଡେଇ ଛକ ନିକଟରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଯାତ୍ରୀବାହୀ ବସ୍‌କୁ ପଛପଟୁ ହାଇୱା ଧକ୍କା ଦେଇଥିଲା । ବସ୍‌ଟିର ନାମ ନିନି ହୋଇଥିବା ବେଳେ ଏହା ବାରିପଦାରୁ ଯାତ୍ରୀ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ବସ୍‌ରେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିବା ବେଳେ ଏଥିରୁ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଆହତ ଯାତ୍ରୀ ମାନଙ୍କୁ ବଡଚଣା ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତରମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସେପଟେ ଖବର ପାଇ ଘଟଣାସ୍ଥଳରେ ବଡ଼ଚଣା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେହିପରି ବୋଡେନ ଥାନା ବିଜୁ ଏକ୍ସପ୍ରେସ ୱେ ଅମେରା ଗାଁ ଛକ ନିକଟରେ ୩ଟି ଦୃତଗାମୀରେ ମାଲ୍ ବୋଝେଇ ଟ୍ରକ୍ ଆଗ ପଛ ହୋଇଆସୁଥିଲା । କୌଣସି କାରଣ ବଶତଃ ମଝି ଟ୍ରକ୍ ଭାରସାମ୍ୟ ହରାଇ ଆଗରେ ଥିବା ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଜଣେ ଟ୍ରକ୍ ଡ୍ରାଇଭର ଟ୍ରକ୍ ଭିତରେ ଚାପିହୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି । ଅଳ୍ପକେ ବର୍ତ୍ତିଯାଇଛନ୍ତି ହେଲ୍‌ପର । ମୃତ ଟ୍ରକ ଡ୍ରାଇଭର ଜଣକ ହେଲେ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ମାଣ୍ଡୋବିଶି ଗାଁର ତିରୁପତି ସିଂ ବୋଲି ଜଣାପଡ଼ିଛି । ଖବର ପାଇ ବୋଡ଼େନ ପୋଲିସ, ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି ।


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol -7 • Issue-55 • 22nd-28th May 2024 • Bhubaneswar
ଭୂତଳ ବଜାରର ଶୋଚନୀୟ ସ୍ଥିତି
ଆମ ପଛଆଡ଼ରେ ବ୍ୟବହାର ହେଉଛି ରାସାୟନିକ ପଦାର୍ଥ
ମାରାତ୍ମକ ରୋଗ ଆଣୁଛି ମିଠା ଜହର

# ନିମ୍ନ ରାଜନୀତି ପାଇଁ ଇସିଆଇକୁ ବ୍ୟବହାର କରୁଛି ବିଜେପି : ସସ୍ମିତ ପାତ୍ର



**ଭୁବନେଶ୍ୱର, ୨୯/୦୫ ନ୍ୟୁଜ ବ୍ୟୁରୋ**
ତୃତୀୟ ପର୍ଯ୍ୟାୟ ସରିବା ପରେ ବିଜେଡିକୁ ସଂଖ୍ୟା ଗରିଷ୍ଠତା ମିଳିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ ଜୁନ୍‌ରେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ଇତିହାସ ରଚିବେ । ବିଜେପି ଭାରସାମ୍ୟ ହରାଇ ବସିଛି । ପୀତାମ୍ବର ଆଚାର୍ଯ୍ୟ ପ୍ରେସମିଟରେ ଯେଉଁ ତଳସ୍ତର ଭାଷା ବ୍ୟବହାର କଲେ ତାହାର ନିନ୍ଦା କରିଛନ୍ତି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର । ଇସିଆଇ ମାଧ୍ୟମରେ ବିଜେପି ସଫଳତା ପାଇଲା । ଏହା ପ୍ରମାଣ କରିଦେଉଛି ଯେ ନିମ୍ନ ରାଜନୀତି ପାଇଁ ଇସିଆଇକୁ ବ୍ୟବହାର କରୁଛି ବିଜେପି । ବିଜେଡି ସହ ଲଢ଼ିବାର ସତ ସାହସ ନଥିବାରୁ ଆଇଏଏସ୍, ଆଇପିଏସ୍‌ଙ୍କ ବିରୋଧରେ ବିଜେପି ଲାଗୁଛି । ସେମାନେ ନିଜ ଜୀବନକୁ ବାଜି ଲଗାଇ ନକ୍ସଲ ଦମନ କରିଛନ୍ତି । ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ଓଏସ୍‌ଡି ବିନୟ ପ୍ରଧାନ ନିର୍ବାଚନରେ ପ୍ରଚାର କରିବା ନେଇ ଅଭିଯୋଗ କରିଥିଲା ବିଜେଡି । ହେଲେ କମିଶନ କିଛି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ । ଇସିଆଇକୁ ବ୍ୟବହାର କରୁଛି ବିଜେପି। ସେମାନେ ହାରୁଛନ୍ତି ବୋଲି ହତାଶ । ବ୍ୟାକଡୋରରେ ଅଫିସରଙ୍କ ସହ କ'ଣ ଲଢୁଛନ୍ତି ? ଧର୍ମେନ୍ଦ୍ର କି ଭାଷା ବ୍ୟବହାର କଲେ ଜଣେ ସାମ୍ବାଦିକଙ୍କ ଉପରେ । ବିଜେଡି ଚତୁର୍ଥ ସ୍ତମ୍ଭ ସହ ଅଛି ଓ ଧର୍ମେନ୍ଦ୍ର କିଛି କରି ପାରିବେ ନାହିଁ ବୋଲି ଦମ୍ଭ ଦେଇଛି ବିଜେଡି ।

ଇସିଆଇର ନିରପେକ୍ଷତା ନେଇ ପ୍ରେସମିଟରେ ପ୍ରଶ୍ନ ଉଠାଇଲେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ଇସିଆଇ ଏକ ନ୍ୟୁଟ୍ରାଲ ବଡି ହୋଇଥିବାବେଳେ ଏହା ଉଭୟ ପକ୍ଷର ଅଭିଯୋଗ ଶୁଣି ନିଷ୍ପତ୍ତି ନେଇଥାନ୍ତି । ପୀତାମ୍ବର ଆଚାର୍ଯ୍ୟଙ୍କ ଭଳି ଜଣେ ନେତା ଯାହାଙ୍କୁ ଓଡ଼ିଶାରେ କେହି ଜାଣନ୍ତିନି ଯାହାଙ୍କର କୌଣସି ବିଶ୍ୱସନୀୟତା ନାହିଁ ସେ କହିଲେ, ଦୁଇ ଅଫିସରଙ୍କ ବିରୋଧରେ ଲାଗି ଲାଗି କାର୍ଯ୍ୟାନୁଷ୍ଠାନ କରାଇଦେଲୁ। ତେଣୁ ଇସିଆଇଙ୍କ ଭୂମିକା ଆଜି ସନ୍ଦେହରେ । ଯେଉଁ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ବନ୍ୟାରେ ଭାସି ଗଲାଣି, ସେମାନେ ଏଠାକୁ ଆସି ଭାଷଣ ମାରୁଛନ୍ତି । ଦମ୍ ଅଛି ସିଧା ସଳଖ ବିଜେଡି ସହ ଲଢ ବୋଲି ବିଜେପିକୁ ଆହ୍ୱାନ ଦେଇଛନ୍ତି ଲେନିନ । ଅଫିସରଙ୍କୁ ଗୋଡ଼ାଇବା, ପ୍ରେସକୁ ଧମକାଇବା ଛାଡ । ବିଜେଡିର ସଫଳତା ଦେଖି ସେମାନେ ହତାଶ ହେଲେଣି । ଦଳର କଡ଼ରେ କଡ଼ରେ ଚାଲିଥିବା ପୀତାମ୍ବର ଆଚାର୍ଯ୍ୟ ଇସିଆଇକୁ ନିଜ ପୈତୃକ ସମ୍ପତ୍ତି ନ ଭାବନ୍ତୁ ବୋଲି କହିଛନ୍ତି ଲେନିନ । ସମୀର ମହାନ୍ତିଙ୍କ ଦାୟିତ୍ୱକୁ ମଧ୍ୟ ସେ ମନେ ପକାଇଦେଇଥିଲେ ।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**
ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

**ପ୍ରକାଶ ପାଇବା ଅପେକ୍ଷାରେ...**
**'କଥାକଳିକା': ଜୁନ୍-୨୦୨୪ ସଂଖ୍ୟା**




*ଏଥର ସଂଖ୍ୟାରେ...*
**ସ୍ମରଣୀୟ କଥା :** ମନୋଜ କୁମାର ମହାପାତ୍ର
**ସମକାଳର କଥା :** ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ।
**ଅନ୍ୟଭାଷାର କଥା :** ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ଶର୍ମିଷ୍ଠା ମହାପାତ୍ର, ଜ୍ୟୋସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର।
(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)